RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -241 ସଂଖ୍ୟା-୨୪୧
ଭୁବନେଶ୍ୱର, ମଙ୍ଗଳବାର ୦୯ ଡିସେମ୍ବର ୨୦୨୫
Bhubaneswar, Tuesday 09 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ବନ୍ଦେ ମାତରମ୍‌କୁ ନେଇ ବିତର୍କ

## କଂଗ୍ରେସ ମୁସଲିମ ଲିଗ୍ ସାମ୍ନାରେ ମୁଣ୍ଡ ନୁଆଁଇ ଦେଲା

ନୂଆଦିଲ୍ଲୀ,୮।୧୨(ନି.ପ୍ର.): ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଲୋକସଭାରେ ଆଜି ଆଲୋଚନା ହେଉଛି । ଏଥିରେ ସାମିଲ୍ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବନ୍ଦେ ମାତରମ ପ୍ରତି କଂଗ୍ରେସ ଅନାଦର କରିଥିବା କହିଛନ୍ତି । ସେ କହିଛନ୍ତି କଂଗ୍ରେସ ମୁସଲିମ ଲିଗ୍ ସାମ୍ନାରେ ମୁଣ୍ଡ ନୁଆଁଇ ଦେଲା ଏବଂ ବନ୍ଦେ ମାତରମକୁ ଦୁଇ ଖଣ୍ଡ କରିଦେଲା । ଏସବୁ କେବଳ ତୃଷ୍ଟୀକରଣ ପାଇଁ କରାଗଲା । ଆଜି ମଧ୍ୟ କଂଗ୍ରେସ ସେହି ନୀତିରେ ଚାଲୁଛି । ସେମାନଙ୍କର ସାଥୀ ମଧ୍ୟ ବନ୍ଦେ ମାତରମ ଉପରେ ବିବାଦ ସୃଷ୍ଟି କରିବାକୁ ଚାହାନ୍ତି ।ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ୧୯୦୫ରେ ମହାତ୍ମା ଗାନ୍ଧୀ ବନ୍ଦେ ମାତରମକୁ ଜାତୀୟ ସଙ୍ଗୀତ ଭାବେ ଦେଖୁଥିଲେ । ବନ୍ଦେ ମାତରମ ସଭିଙ୍କ ପାଇଁ ବଡ ତାକତ ଥିଲା । ଏହାର ଭାବନା ଏତେ ମହାନ ଥିବା ପରେ ବି ଏହା ସହିତ ଏତେ ବଡ ଅନ୍ୟାୟ କେମିତି ହେଲା । ବନ୍ଦେ ମାତରମ ସହ ବିଶ୍ୱାସଘାତ କାହିଁକି ହେଲା ? ଏହା କେଉଁ ଶକ୍ତି ଥିଲା ଯାହାର ଇଚ୍ଛା ବାପୁଙ୍କ ଭାବନା ଉପରେ ମଧ୍ୟ ଭରି ପଡିଥିଲା । ଯିଏ ବନ୍ଦେ ମାତରମ ପରି ପବିତ୍ର ଭାବନାକୁ ବିବାଦକୁ ଟାଣି ନେଲେ । ମୁଁ ବୁଝି ପାରୁଛି ଆଜି ଆମେ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଗୃହରେ ଆଲୋଚନା କରୁଛନ୍ତି । ସେହି ସମୟରେ କଣ ଘଟିଥିଲା



ନୂଆ ପିଢିକୁ ଜଣାଇବା ମଧ୍ୟ ଆମର ଦାୟିତ୍ୱ ବୋଲି ପିଏମ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବନ୍ଦେ ମାତରମ ସହିତ ମୁସଲିମ ଲିଗର ରାଜନୀତି ଜୋର ଧରିଥିଲା । ୧୯୩୭ ଅକ୍ଟୋବର ୧୫ରେ ଲଖନଉରୁ ବନ୍ଦେ ମାତରମ ପ୍ରତି ବିରୋଧର ସ୍ୱର ଉଠିଥିଲା । ସେହି ସମୟରେ କଂଗ୍ରେସର ତତ୍କାଳୀନ ସଭାପତି ପଣ୍ଡିତ ନେହେରୁଙ୍କ ସିଂହାସନ ଦୋହଲିଥିଲା । କିନ୍ତୁ ନେହେରୁ ମୁସଲିମ ଲିଗ ବୟାନର ନିନ୍ଦା କରିବା ପରିବର୍ତ୍ତେ ଏବଂ ଏହା ପ୍ରତି ପାର୍ଟିର ନିଷ୍ଠା ଦେଖାଇବା ପରିବର୍ତ୍ତେ ଓଲଟା କଲେ ।

## ଜବାବ ଦେଲେ ପ୍ରିୟଙ୍କା

ନୂଆଦିଲ୍ଲୀ,୮।୧୨ : ବନ୍ଦେ ମାତରମକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଥିବା ଦାବିର ଗୋଟି ଗୋଟି କରି ଜବାବ ଦେଇଛନ୍ତି ପ୍ରିୟଙ୍କା। ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମକୁ ନେଇ ବିତର୍କ ଚାଲିଥିବା ବେଳେ ପ୍ରିୟଙ୍କା ଇତିହାସର ଗୁମର ଖୋଲିଛନ୍ତି । ସେ ତଥ୍ୟ ପ୍ରମାଣ ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ ମୋଦିଙ୍କୁ କାଉଣ୍ଟର କରିଛନ୍ତି । ତାଙ୍କ ତଥ୍ୟଗତ ଉପସ୍ଥାପନକୁ ଦେଖି ଶାସକ ଦଳର ସାଂସଦମାନେ ମଧ୍ୟ ଚୁପ ହୋଇଯାଇଥିଲେ।



ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ ନେହରୁ ୧୯୩୭ରେ ସୁଭାଷ ଚନ୍ଦ୍ର ବୋଷଙ୍କୁ ଚିଠି ଲେଖି ବନ୍ଦେ ମାତରମ ମୁସଲିମମାନଙ୍କୁ ଉତ୍ତେଜିତ କରିପାରେ ବୋଲି କହିଥିବା ବନ୍ଦେ ମାତରମ ବିତର୍କକୁ ଆରମ୍ଭ କରି ମୋଦି ଦାବି କରିଥିଲେ । ଏହା ଅର୍ଦ୍ଧ ସତ୍ୟ ବୋଲି ପ୍ରିୟଙ୍କା କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଜାଣିଶୁଣି ଚିଠିର କିଛି ଅଂଶକୁ ଚୟନ କରିଥିବା ପ୍ରିୟଙ୍କା ଗୃହକୁ ଜଣାଇଛନ୍ତି । ୧୯୩୭ରେ ନେତାଜୀ ସୁଭାଷ ବୋଷଙ୍କୁ ନେହରୁ ଲେଖିଥିବା ଚିଠିକୁ ଗୃହରେ ଉପସ୍ଥାପନ କରି ପ୍ରିୟଙ୍କା ଗାନ୍ଧି ଭଦ୍ରା କହିଛନ୍ତି, "ସାଂପ୍ରଦାୟିକ ଭେଦଭାବ ସୃଷ୍ଟି କରୁଥିବା ଲୋକମାନେ ହିଁ ବନ୍ଦେ ମାତରମର ବାକି ଷ୍ଟାଞ୍ଜାକୁ ନେଇ ତଥାକଥିତ ଆପତ୍ତି ଉଠାଉଥିବା ନେହରୁ ଚିଠିରେ ନେତାଜୀଙ୍କୁ କହିଥିଲେ । ଏକଥା କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ନିଜ ଭାଷଣରେ ଉଲ୍ଲେଖ କରି ନାହାନ୍ତି ।

ଏହାର ୩ ଦିନ ପୂର୍ବରୁ ନେତାଜୀ ଗୋଟିଏ ଚିଠି ନେହରୁଙ୍କୁ ଲେଖିଥିଲେ । ଆମେ ବନ୍ଦେ ମାତରମକୁ ନେଇ ଉଠିଥିବା ପ୍ରସଙ୍ଗରେ କୋଲକାତାରେ ଆଲୋଚନା କରିବା । ଯଦି ଆପଣ ୱାର୍କିଂ କମିଟିରେ ଏ ସମ୍ପର୍କରେ ଉଠାବେ, ତା'ହେଲେ ଆଲୋଚନା ହେବ । ସେହିପରି ଆପଣ ଯେତେବେଳେ ବି ଶାନ୍ତି ନିକେତନକୁ ଯିବେ ସେତେବେଳେ ଡକ୍ଟର ରବୀନ୍ଦ୍ର ନାଥ ଟାଗୋରଙ୍କ ସହ ପୂରା ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ନେତାଜୀ କହିଥିଲେ ।

ଏହାର ୩ ଦିନ ପରେ ନେହରୁ ଏହାର ଜବାବ ଦେଇଥିଲେ । ଏହି ଚିଠିର କିଛି ଅଂଶକୁ ପ୍ରଧାନମନ୍ତ୍ରୀ ମୋଦି ନିଜ ଭାଷଣରେ ଉପସ୍ଥାପନ କରିଥିଲେ । ବାକି ଅଂଶକୁ ଜାଣିଶୁଣି ଅଣଦେଖା କରିଥିଲେ ।

# ରାଜ୍ୟରେ ଠିକାରେ ଚାଲିଛି ଡାକ୍ତରୀ ସେବା

ଭୁବନେଶ୍ୱର,୮।୧୨(ନି.ପ୍ର.): : ଓଡ଼ିଶାରେ ଡାକ୍ତର ମରୁଡ଼ି । ଠିକାରେ ଚାଲିଛି ଡାକ୍ତରୀ ସେବା । ୬୦ ପ୍ରତିଶତ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଖାଲି ପଡିଥିବା ଘଟଣା ଚିନ୍ତା ବଢାଇଛି । ଆଜି ବିଧାନସଭାରେ ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ଅଣତାରକା ପ୍ରଶ୍ନ କେଉଁ ଜିଲାରେ କେତେ ସଂଖ୍ୟାରେ ଡାକ୍ତର ପଦବୀ ଖାଲି ଅଛି ପ୍ରଶ୍ନରେ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା.ମୁକେଶ ମହାଲିଙ୍ଗ । ଗୃହରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ମଞ୍ଜୁରୀପ୍ରାପ୍ତ ୧୫୭୭୪ରୁ ଖାଲି ପଡ଼ିଛି ୯୫୦୩ ଡାକ୍ତର ପଦବୀ । କାର୍ଯ୍ୟରତ ଅଛନ୍ତି ୬୨୭୧ ଡାକ୍ତର, ଏମାନଙ୍କ ଭିତରୁ ୧୧୩୫ ଠିକା ନିଯୁକ୍ତି । ସ୍ଥାୟୀ ନିଯୁକ୍ତି ୫୦୦୩ ଡାକ୍ତର, ୫୨୪୮ ପଦବୀ ପୂରଣ ପାଇଁ ଓପିଏସସିକୁ ଚିଠି ଲେଖିଛନ୍ତି । ଆଉହକରେ ୧୯ଜଣ, ଡିଏମଏଫରେ ୧୧୦, କର୍ପସ ଫଣ୍ଡରେ ୪ଜଣ ଡାକ୍ତର ଅଛନ୍ତି । ସ୍ଥାୟୀ ନିଯୁକ୍ତି ଅଛନ୍ତି ମାତ୍ର ୫୦୦୩ଜଣ ଡାକ୍ତର । ୫୨୪୮ଡାକ୍ତର ପଦବୀ ପୂରଣ ପାଇଁ ଓପିଏସସିକୁ ଅନୁରୋଧ କରାଯାଇଛି ।ସେହିପରି ସରକାରୀ ମେଡିକାଲ କଲେଜରେ ପ୍ରାଧ୍ୟାପକ ମରୁଡି ସୃଷ୍ଟି ହୋଇଛି । ୪୨୧ଜଣ ପ୍ରାଧ୍ୟପକ, ସହକାରୀ ପ୍ରାଧ୍ୟାପକ ଓ ସହାୟକ ପ୍ରାଧ୍ୟାପକ ପଦବୀ ପୂରଣ କରିପାରି ନାହାଁନ୍ତି ସରକାର । ଖାଲିପଡିଥିବା ଡାକ୍ତର ପଦବୀ ଗୁଡିକୁ ଓଡିଶା ଲୋକସେବା ଆୟୋଗ ଦ୍ୱାରା ଚୟନ, ବିଭାଗୀୟ ପଦୋନ୍ନତି ତଥା ଚୁକ୍ତିଭିତ୍ତିକ ନିଯୁକ୍ତି ଦ୍ୱାରା ଯଥା ସମ୍ଭବ ପୂରଣ କରାଯିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ।

# କଟକ-ଭୁବନେଶ୍ୱର ଟୁଇନ୍ ସିଟି ପ୍ରଶାସନିକ କ୍ଷେତ୍ର ବିକାଶ ପାଇଁ ଯୋଜନା ନାହିଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୮।୧୨(ନି.ପ୍ର.): କଟକ-ଭୁବନେଶ୍ୱର ଟୁଇନ୍ ସିଟି ପ୍ରଶାସନିକ କ୍ଷେତ୍ର ବିକାଶ ପାଇଁ କୌଣସି ଯୋଜନା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ସୂଚନା ପ୍ରଦାନ କରିଛନ୍ତି । ତେବେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ନେଇ କ୍ୱାଡ୍ ସିଟି ବିକଶିତ ହେବ ବୋଲି କହିଛନ୍ତି ।କଟକ ବାରବାଟୀ ବିଧାୟକ ସୋଫିଆ ଫିରଦୋସ୍ ପଚାରିଥିଲେ ଯେ, ସରକାର କଟକ ଏବଂ ଭୁବନେଶ୍ୱରକୁ ଏକୀକୃତ କମିସନରେଟ୍ ପୁଲିସ ବ୍ୟବସ୍ଥା ପରି ଏକୀକୃତ ଦ୍ୱୈତନଗରୀ(ଟୁଇନ୍ ସିଟି) ପ୍ରଶାସନିକ କ୍ଷେତ୍ର ଭାବରେ ବିକଶିତ କରିବା ପାଇଁ କୌଣସି ପ୍ରସ୍ତାବ କରିଛନ୍ତି କି ?

ସମନ୍ୱିତ ସହରାଞ୍ଚଳ ଯୋଜନା, ଉନ୍ନତ ସଂଯୋଗୀକରଣ, ବୃଦ୍ଧି ପାଇଥିବା ଜମି ଉପଲବ୍ଧତା ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶ ସମ୍ପର୍କରେ କୌଣସି ସମ୍ଭାବ୍ୟତା ଅଧ୍ୟୟନ କିମ୍ବା କମିଟି ରିପୋର୍ଟ ଅଛି କି ? ଏବଂ ଯଦି ଅଛି, ତେବେ ଦୁଇଟି ସହରର ଏପରି ସମନ୍ୱିତ ବିକାଶ ପାଇଁ ବର୍ତ୍ତମାନର ସ୍ଥିତି ଏବଂ ପ୍ରସ୍ତାବିତ ରୋଡମ୍ୟାପ୍ କ'ଣ ରହିଛି ।ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଏଚ୍ ଆଣ୍ଡ ୟୁଡି ବିଭାଗର ସୂଚନା ଅନୁଯାୟୀ, କଟକ ଏବଂ ଭୁବନେଶ୍ୱରକୁ ଏକୀକୃତ କମିସନରେଟ୍ ପୁଲିସ ବ୍ୟବସ୍ଥା ଧାରାରେ ଏକୀକୃତ ଦ୍ୱୈତନଗରୀ ପ୍ରଶାସନିକ କ୍ଷେତ୍ର ଭାବରେ ବିକଶିତ କରିବା ପାଇଁ ନଗର ଯୋଜନା ବିଭାଗରେ କୌଣସି ପ୍ରସ୍ତାବ ବିଚାରାଧୀନ ନାହିଁ ।ଏଚ୍ ଆଣ୍ଡ ୟୁଡିବିଭାଗର ସୂଚନା ଅନୁଯାୟୀ, ସମନ୍ୱିତ ସହରାଞ୍ଚଳ ଯୋଜନା, ଉନ୍ନତ ସଂଯୋଗୀକରଣ, ଜମି ଉପଲବ୍ଧତା ବୃଦ୍ଧି ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶ ସମ୍ପର୍କରେ, ନୀତି ଆୟୋଗ ଅନେକ ଆଲୋଚନା ଏବଂ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରିବା ପରେ ଏକ ବିସ୍ତୃତ ଅଧ୍ୟୟନ କରିଛି । ଏହି ଡକ୍ୟୁମେଣ୍ଟଟି ଖୁବ୍ ଶୀଘ୍ର ପ୍ରକାଶିତ ହେବାକୁ ଯାଉଛି । ସେହି ଆଧାରରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ବିସିପିପିଇଆର ନାମକ ଏକ ଦୃଶ୍ୟମାନ ଅର୍ଥନୈତିକ କ୍ଷେତ୍ର ଭାବରେ ଗ୍ରହଣ କରି ଏକ କ୍ୱାଡ୍ ସିଟି ବିକଶିତ କରିବା ପାଇଁ କାର୍ଯ୍ୟ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହା ପ୍ରସ୍ତାବିତ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ଭାବେ ବିଚାରାଧୀନ ରହିଛି ।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗର ୯୧% ସମାଧାନ

ଭୁବନେଶ୍ୱର,୮।୧୨: ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହୋଇଥିବା ଅଭିଯୋଗର ୯୧% ସମାଧାନ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୧୩,୩୫୮ଟି ଅଭିଯୋଗ ଆସିଛି । ସେଥିମଧ୍ୟରୁ ୧୨, ୪୩୨ ଅଭିଯୋଗର ସମାଧାନ ହୋଇ ସାରିଛି ବୋଲି ବିଧାନସଭାରେ ଉତ୍ତର ରଖି ତଥ୍ୟ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ବିଧାନସଭାର ଚାଲିଥିବା ଶୀତ ଅଧିବେଶନ ଆଜି ଦଶମ ଦିନରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରଶ୍ନ କରିଥିଲେ ଯେ ପୂର୍ବରୁ ଅଫିସର ରାଜ ଚାଲୁଥିବାରୁ ଗ୍ରାଉଣ୍ଡ ସ୍ତରରେ ବ୍ଲକକୁ ଆସୁଥିବା ଲୋକଙ୍କ ଅଭିଯୋଗ ସମାଧାନ ହେଉ ନ ଥିଲା । ତେଣୁ ସେଗୁଡିକ ସମାଧାନ ପାଇଁ କଣ ପଦକ୍ଷେପ ନିଆ ଯାଇଛି ଓ କିଛି ସମୟ ସୀମା ନିର୍ଦ୍ଧାରିତ ଅଛି କି ଯାହାର ଲିଖିତ ତଥ୍ୟ ସହ ଉତ୍ତର ଦେଇଛନ୍ତି ଆଇନମନ୍ତ୍ରୀ ।



ଆଇନ ମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ମୋଟ୍ ୧୩,୩୫୮ଟି ଅଭିଯୋଗ ଆସିଛିଫ ଯେଉଁଥିରୁ ୧୨, ୪୩୨ ଅଭିଯୋଗର ସମାଧାନ ହୋଇ ସାରିଛି । ଜିଲ୍ଲା, ଉପଖଣ୍ଡ ଓ ତହସିଲ ସ୍ତରରେ ବି ପ୍ରତି ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଚାଲୁଛି । ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ନିର୍ଦ୍ଦେଶାଳୟ ସହ ଅନଲାଇନ ପୋର୍ଟାଲ ମାଧ୍ୟମରେ ବି ଅଭିଯୋଗ ରେଜିଷ୍ଟ୍ରେସନ କରାଯାଉଛି । ପୂର୍ବରୁ ୨୦୦୮ରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲିଥିଲେ ବି ପୂର୍ବ ସରକାର ସମୟରେ ଏହା ହେଉ ନ ଥିଲା ।

ଆଇନ ମନ୍ତ୍ରୀ ଆହୁରି କହିଛନ୍ତି ଯେ ,୧୪ ଲକ୍ଷ ୪୧ ହଜାର ୮୩୨ଟି ଅଭିଯୋଗ ଜନଶୁଣାଣି ପୋର୍ଟାଲରେ ରେଜିଷ୍ଟ୍ରେସନ ହୋଇଛି । ଏଥିରୁ ୧୩ ଲକ୍ଷ ୭ ହଜାର ୨୫୩ଟି ଅଭିଯୋଗର ସମାଧାନ ହୋଇଛି । ବାକି ଥିବା ୧ ଲକ୍ଷ ୩୪ ହଜାର ୫୭୯ଟି ଅଭିଯୋଗ ମଧ୍ୟରୁ ଅଧିକାଂଶ ଜଟିଳ ଅଛି । ଏହାର ସମାଧାନ ପାଇଁ ବିଭିନ୍ନ ଦିଗ ଉପରେ ବିଚାର ଚାଲିଛି ।

ଆଜି ବିଧାନସଭାର ଚାଲିଥିବା ଶୀତ ଅଧିବେଶନ ଦଶମ ଦିନରେ ଗୃହ କାର୍ଯ୍ୟ ଆରମ୍ଭରୁ ଆଜିର ବାତାବରଣ ବେଶ୍ ସ୍ୱାଭାବିକ ରହିଥିବା ଦେଖିବାକୁ ମିଳିଛି । ବିଶେଷକରି ଆଜିର ପ୍ରଶ୍ନକାଳ କାର୍ଯ୍ୟକ୍ରମ କୌଣସି ବାଧାବିଘ୍ନ ନ ଥାଇ ସୁରୁଖୁରୁରେ ଚାଲିଛି । ବିଧାୟକମାନେ ରାଜ୍ୟର ବିଭିନ୍ନ ମୌଳିକ ସମସ୍ୟା ଉପରେ ପ୍ରଶ୍ନ କରୁଛନ୍ତି ଏବଂ ବିଭାଗୀୟ ମନ୍ତ୍ରୀମାନେ ଏହାର ତଥ୍ୟ ସହ ଉତ୍ତର ରଖୁଛନ୍ତି ।

## ଜଳିଗଲା ପଲିଥିନ କାରଖାନା

କଟକ,୮।୧୨(ନି.ପ୍ର.): ହୁତୁହୁତୁ ହୋଇ ଜଳିଲା ପଲିଥିନ କାରଖାନା । ଜଳିପୋଡି ପାଉଁଶ ହୋଇଗଲା ଲକ୍ଷାଧିକ ଟଙ୍କାର ପଲିଥିନ ଏବଂ ମେସିନ । କଟକ ଜଗତପୁର ଗୁଜରପୁର ଅଞ୍ଚଳରେ ଘଟିଛି ଏହି ଅଗ୍ନିକାଣ୍ଡ । ଖବରପାଇ ଘଟଣାସ୍ଥଳରେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ସର୍ଟସର୍କିଟରୁ ନିଆଁ ଲାଗିଥିବା ନେଇ ସନ୍ଦେହ କରାଯାଉଛି । ସୂଚନା ଅନୁସାରେ, କଟକ ଜଗତପୁର ଗୁଜରପୁର ଅଞ୍ଚଳର ଏକ ପଲିଥିନ କାରଖାନା କାମ ଚାଲିଥିଲା । ସେହି ସମୟରେ ହଠାତ କାରଖାନା ନିଆଁ ଲାଗିଯାଇଥିଲା । ଦେଖୁ ଦେଖୁ ଅଗ୍ନିକାଣ୍ଡରେ କାରଖାନାରେ ଥିବା ସମସ୍ତ ପଲିଥିନ ଏବଂ ମେସିନ ଜଳିପୋଡି ପାଉଁଶ ହୋଇଯାଇଥିଲା । ତେଣୁ ତୁରନ୍ତ ପଲିଥିନ କାରଖାନାରେ କାର୍ଯ୍ୟରତ କର୍ମଚାରୀମାନେ ଦମକଳାବାହିନୀକୁ ଖବର ଦେଇଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ମରାମତିରେ ୫୦ ଲକ୍ଷ

ଭୁବନେଶ୍ୱର,୮।୧୨(ନି.ପ୍ର.): ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ମରାମତି ପାଇଁ ଖର୍ଚ୍ଚ ହୋଇଛି ୫୦ ଲକ୍ଷ ଟଙ୍କା । ସେହିପରି ଅନ୍ୟ ଏକ ସରକାରୀ ବାସଭବନର ମରାମତିରେ ଖର୍ଚ୍ଚ ହୋଇଛି ୨୩ ଲକ୍ଷରୁ ଅଧିକ ଟଙ୍କା । ଏନେଇ ବିଧାନସଭାରୁ ଆସିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ । ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ବିଧାନସଭାରେ ପ୍ରଶ୍ନ କରିଥିଲେ ଯେ,ରାଜ୍ୟରେ ନୂଆ ସରକାର ଆସିବା ପରେ ବିଭିନ୍ନ ମନ୍ତ୍ରୀମାନଙ୍କୁ ଦିଆଯାଇଥିବା କ୍ୱାର୍ଟର୍ସଗୁଡ଼ିକର ମରାମତି ଏବଂ ନବୀକରଣ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଇଛି ଏବଂ ସମସ୍ତ ମନ୍ତ୍ରୀମାନଙ୍କର ଅଲଗା ଅଲଗା ଖର୍ଚ୍ଚ ତାଲିକା ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ ।

ତେବେ ବିଜେଡି ବିଧାୟକଙ୍କ ପ୍ରଶ୍ନରେ ଏନେଇ ଗୃହରେ ଉତ୍ତର ରଖିଛନ୍ତି ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ମରାମତି ପାଇଁ ଖର୍ଚ୍ଚ ହୋଇଛି ୫୦ ଲକ୍ଷ ଟଙ୍କା । ସେହିପରି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ସରକାରୀ ବାସଭବନ ମରାମତିରେ ଖର୍ଚ୍ଚ ହୋଇଛି ୨୮ ଲକ୍ଷ ୨୧ ହଜାର ୨୩୦ଟଙ୍କା । ଏହା ପରେ ଜଙ୍ଗଲ ପରିବେଶ ମନ୍ତ୍ରୀଙ୍କ ବାସଭବନ ମରାମତି କାର୍ଯ୍ୟରେ ୨୫ ଲକ୍ଷ ୭୪ ହଜାର ୬୭୨ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଖର୍ଚ୍ଚ ହୋଇଛି ୨୫ ଲକ୍ଷ ୭୨ ହଜାର ୫୧୭ ଟଙ୍କା । ନିଜ ସରକାରୀ ବାସଭବନରେ ସବୁଠାରୁ କମ ଖର୍ଚ୍ଚ କରିଥିବା ମନ୍ତ୍ରୀ ହେଉଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

## ବଢିବ ଶୀତ

ଭୁବନେଶ୍ୱର,୮।୧୨(ନି.ପ୍ର.): ରାଜ୍ୟରେ କିଛିଦିନ ହେଲା ପ୍ରବଳ ଶୀତ ଲହରୀ ଜାରି ରହିଛି । ଆଞ୍ଚଳିକ ପାଣିପାଗ ସୂଚନାନୁସାରେ, ସୋମବାର ଜି.ଉଦୟଗିରିରେ ତାପମାତ୍ରା ୪.୩ ଡିଗ୍ରୀ ରହିଛି । କନ୍ଧମାଳ ଜିଲାର ସବୁଜ ସୁନ୍ଦର ପାହାଡ଼ ପର୍ବତ ଘେରା ଜି.ଉଦୟଗିରି ଅଞ୍ଚଳ ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ସହ ସବୁଠାରୁ ଥଣ୍ଡା ସହର ପାଲଟିଛି ।



ସେହିପରି ସେମିଳିଗୁଡ଼ାରେ ୪.୬ ଡିଗ୍ରୀ, ଫୁଲବାଣୀରେ ୭.୨ ଡିଗ୍ରୀ, ଝାରସୁଗୁଡ଼ାରେ ୭.୪ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୭.୫ ଡିଗ୍ରୀ, ରାଉରକେଲାରେ ୭.୬ ଡିଗ୍ରୀ ସର୍ବନିମ୍ନ ତାପମାତ୍ରା ରହିଛି । ଚିପିଲିମାରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ଥିବାବେଳେ ଅନୁଗୋଳରେ ୮.୮ ଡିଗ୍ରୀ, କିରେଇରେ ୮.୯ ଡିଗ୍ରୀ, ଭବାନୀପାଟଣାରେ ୯ ଡିଗ୍ରୀ ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି । ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ବସୁଛନ୍ତି । ଦିନ ୧୦ ଟା ନହେଲେ କାମଧନ୍ଦାକୁ ଯିବା ଶ୍ରମିକମାନଙ୍କ ପାଇଁ କଷ୍ଟକର ହୋଇପଡୁଛି । ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ଆସନ୍ତା ୧୨ ତାରିଖ ଯାଏ ରାଜ୍ୟରେ ଶୀତ ଲହରି ଏହିପରି ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ରହିଛି ।

# ନଡ଼ା ଜଳାଇବା ମାମଲାର ୫୮ କୋଟି ଟଙ୍କାର ଜୋରିମାନା

ନୂଆଦିଲ୍ଲୀ,୮।୧୨(ନି.ପ୍ର.): ଫସଲର ନଡ଼ା ଜଳାଇବା ମାମଲାରେ ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗତ ଦୁଇ ବର୍ଷ ମଧ୍ୟରେ ହରିୟାଣାରେ ୮,୬୦୦ ମାମଲାରେ ରୁଜୁ ହୋଇଥିବାବେଳେ ଚାଷୀଙ୍କ ଉପରେ ୫୮ କୋଟି ଟଙ୍କାର ଜୋରିମାନା ଲଗାଯାଇଛି । ୨୦୨୪ ତୁଳନାରେ ୨୦୨୫ରେ ନଡ଼ା ଜଳାଇବା ମାମଲା କମ୍ ଦେଖିବାକୁ ମିଳିଛି । ଏକ ଆରଟିଆଇ ଆବେଦନରେ କମିଶନ୍ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ ଏହି ତଥ୍ୟ ଦେଇଛି ।



୨୦୨୪ ମସିହାରେ ପଞ୍ଜାବରେ ଧାନ ନଡ଼ାର ବ୍ୟବହାର ୫.୯୬ ନିୟୁତ ଟନ୍ ଥିଲା, ଯାହା ୨୦୨୫ ମସିହାରେ ବୃଦ୍ଧି ପାଇ ୭.୦୬ ନିୟୁତ ଟନ୍ ହୋଇଛି । ହରିୟାଣାରେ ଏହି ପରିମାଣ ୨୦୨୪ ମସିହାରେ ୧.୫୫ ନିୟୁତ ଟନ୍ ଥିଲା ଏବଂ ୨୦୨୫ ମସିହାରେ ଏହା ୧.୯୧ ନିୟୁତ ଟନ୍ ରେ ପହଞ୍ଚିଛି । ପଞ୍ଜାବ ଏବଂ ହରିୟାଣାରେ ନଡ଼ା ପୋଡ଼ିବା ମାମଲା ବିରୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୨୦୨୪ ମସିହାରେ ଚାଷୀଙ୍କ ବିରୁଦ୍ଧରେ ୬,୪୬୯ଟି ଏଫଆଇଆର ରୁଜୁ ହୋଇଥିବା ବେଳେ ୨୦୨୫ ମସିହାରେ ୨,୧୯୩ଟି ଏଫ୍ଆଇଆର୍ ରୁଜୁ ହୋଇଥିଲା । ପରିସଂଖ୍ୟାନ ସୂଚାଇ ଦେଉଛି ଯେ ଏହି ବର୍ଷ ନଡ଼ା ପୋଡ଼ିବା ଘଟଣାରେ ହ୍ରାସ ଘଟିଛି ।

ଏହି ବର୍ଷ ପଞ୍ଜାବ, ହରିୟାଣା, ଦିଲ୍ଲୀ, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶ ରେ ନଡ଼ା ପୋଡ଼ିବା ମାମଲା ହ୍ରାସ ପାଇଛି । ୨୦୨୪ ମସିହାରେ ମୋଟ ୧୨,୭୫୦ ମାମଲା ରିପୋର୍ଟ ହୋଇଥିଲା, ଯେତେବେଳେ ୨୦୨୫ ମସିହାରେ ଏହା ୫୩% ରୁ ଅଧିକ ହ୍ରାସ ପାଇଛି ଏବଂ ୬,୦୮୦ ମାମଲା ପଞ୍ଜିକୃତ ହୋଇଛି । ଏହି ବର୍ଷ ଚାଷୀଙ୍କ ଉପରେ ଲାଗୁ ହୋଇଥିବା ଜରିମାନା ମଧ୍ୟ ହ୍ରାସ ପାଇଛି । ୨୦୨୪ ମସିହାରେ, ପଞ୍ଜାବ ଏବଂ ହରିୟାଣାର ଚାଷୀମାନଙ୍କୁ ଯଥାକ୍ରମେ ୨୧.୮୦ କୋଟି ଏବଂ ୨୧.୮୭ କୋଟି ଟଙ୍କା ଜରିମାନା କରାଯାଇଥିଲା, ଯେତେବେଳେ ୨୦୨୫ ମସିହାରେ, ପଞ୍ଜାବ ଏବଂ ହରିୟାଣାର ଚାଷୀମାନଙ୍କୁ ନଡ଼ା ପୋଡ଼ିବା ପାଇଁ ୧୨.୫୮ କୋଟି ଏବଂ ୧୨.୬୫ କୋଟି ଟଙ୍କା ଜରିମାନା କରାଯାଇଥିଲା ।

## ରାଜଗାଙ୍ଗପୁର ଛାତ୍ରୀଙ୍କ ପରିବାରକୁ ୪ ଲକ୍ଷର ଅନୁକମ୍ପା ରାଶି ଘୋଷଣା

ଭୁବନେଶ୍ୱର୮।୧୨(ନି.ପ୍ର.): :ନିଆଁରେ ପୋଡି ହୋଇଥିବା ରାଜଗାଙ୍ଗପୁର ଲାଞ୍ଜିବେରାନାର ଗୁରୁତର ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ମୃତ ଛାତ୍ରୀଙ୍କ ପରିବାରକୁ ୪ ଲକ୍ଷର ଅନୁକମ୍ପା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଘଟଣାରେ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାକୁ ସମବେଦନା ଜଣାଇଛନ୍ତି ।



ପୀଡିତାଙ୍କ ମୃତ୍ୟୁ ପରେ ଆଜି କ୍ଷତିପୂରଣ ଦାବିରେ ପରିବାର ଲୋକେ ହସ୍ପିଟାଲ ସମ୍ମୁଖରେ ଧାରଣାରେ ବସିଥିଲେ । ତେବେ ଦାବି ପୂରଣର ପ୍ରତିଶ୍ରୁତି ପରେ ପରିବାର ଲୋକେ ଧାରଣାରୁ ଉଠିଛନ୍ତି । ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ପୀଡିତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ସୂଚନା ମୁତାବକ ରାଉରକେଲା ଆଇଜିଏଚ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ପୀଡିତା ଆଖି ବୁଜିଛନ୍ତି । ନିଜ ଶରୀରରେ କିରୋସିନ ଢାଳି ନିଆଁ ଲଗାଇଥିଲେ ନାବାଳିକା ଛାତ୍ରୀ । ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକ ଉଦ୍ଧାର କରି ରାଉରକେଲା ଆଇଜିଏଚ୍ ବର୍ଣ୍ଣ ୟୁନିଟରେ ଭର୍ତ୍ତି କରିଥିଲେ । ହେଲେ ନାବାଳିକା ଜଣଙ୍କ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି । ପୁରୁଷ ବନ୍ଧୁର ଉତ୍ପୀଡ଼ନରେ ଅତିଷ୍ଠ ହୋଇ ଆତ୍ମାହୁତି ଉଦ୍ୟମ କରିଥିବା ଅଭଯୋଗ ଆଣିଛନ୍ତି ପରିବାର । ରାଜଗାଙ୍ଗପୁର ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କୁ ଗତକାଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ରାଉରକେଲାର ଇସ୍ପାତ ଜେନେରାଲ ହସ୍ପିଟାଲରେ ଭେଟିଥିଲେ । ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିଲା । ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମହାଲିଙ୍ଗ ଛାତ୍ରୀଙ୍କ ଅବସ୍ଥା ଦେଖିବା ସହ ତାଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ ସେ ଛାତ୍ରୀଙ୍କ ପରିବାରକୁ ମଧ୍ୟ ଭେଟି ସମବେଦନା ଜଣାଇଥିଲେ । ଛାତ୍ରୀଙ୍କ ଶରୀରର ପ୍ରାୟ ୯୨ ପ୍ରତିଶତ ପୋଡ଼ି ଯାଇଥିଲା । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର କରିବା ପାଇଁ ଡାକ୍ତରୀ ଦଳ ପ୍ରୟାସ କରିଥିଲେ । ହେଲେ ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ସେ ସବୁଦିନ ପାଇଁ ଆଖି ବୁଝିଛନ୍ତି ।

## ଠିକାଦାରଙ୍କୁ ହତ୍ୟା କଲେ ନକ୍ସଲ

ମାଲକାନଗିରି,୮।୧୨(ନି.ପ୍ର.): ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ପୁଣି ନକ୍ସଲ ହିଂସା ଦେଖିବାକୁ ମିଳିଛି । ନକ୍ସଲ ଜଣେ ଠିକାଦାରକୁ ଅପହରଣ କରିବା ପରେ ହତ୍ୟା କରି ନିଜର ଉପସ୍ଥିତି ଜାହିର କରିଛନ୍ତି ।ଏହି ଘଟଣା ସୂଚାଇ ଦେଉଛି ଯେ, ନକ୍ସଲ ଏବେ ବି ମୁଣ୍ଡ ନୁଆଁଇ ନାହାନ୍ତି । ଘଟଣା ଅନୁଯାୟୀ ଗତକାଲି ବିଜାପୁର ଜିଲ୍ଲାର ପାମେଡ ଅଂଚଳରେ ଇମତ୍ୟାଜ ଅଲ୍ଲି ନାମକ ଠିକାଦାର ନିଜର ସହଯୋଗୀ ସହ ରାସ୍ତା କାମ ଦେଖିବାକୁ ଯାଇଥିଲେ ।

ଏହି ସମୟରେ ସଶସ୍ତ୍ର ନକ୍ସଲ ରାସ୍ତା କାମ ନିକଟରେ ପହଞ୍ଚି ଇମତ୍ୟାଜଙ୍କୁ ଅପହରଣ କରି ନେଇଥିଲେ । ସେଠାରୁ ତାଙ୍କ ସହଯୋଗୀ ଖସି ପଳାଇବାରେ ସଫଳ ହୋଇଥିଲା । ଠିକାଦାର ଇମତ୍ୟାଜଙ୍କୁ ଧରି ନକ୍ସଲ ନିସ୍ତୁକ ମାଡ ମାରିବା ସହ ଜଙ୍ଗଲକୁ ନେଇଯାଇଥିଲେ । ସହଯୋଗୀ ନିକଟସ୍ଥ ଇରାପାଲି ସୁରକ୍ଷା କ୍ୟାମ୍ପରେ ପହଞ୍ଚି ସବୁ ବିଷୟରେ ସିଆରପିଏଫକୁ ସୂଚନା ଦେଇଥିଲା । ପରେ ଯବାନ ସେହି ଅଂଚଳକୁ ସର୍ଚ୍ଚ ଅପରେସନ ପାଇଁ ବାହାରିଥିଲେ ।ତେବେ ବହୁ ଖୋଜାଖୋଜି ପରେ ମଧ୍ୟ ଠିକାଦାରଙ୍କ ପତ୍ତା ମିଳି ନଥିଲା । ରାତି ହେବାରୁ ଯବାନ ଫେରିଆସିଥିଲେ । ସୋମବାର ସକାଳୁ ଠିକାଦାର ଇମତ୍ୟାଜଙ୍କ ମୃତ ଦେହ ଜଙ୍ଗଲ ରାସ୍ତାରେ ପଡ଼ିଥିବା ପୁଲିସ ଦେଖିବାକୁ ପାଇଥିଲା । ଶବ ନିକଟରେ ନକ୍ସଲ ଏକ ପୋଷ୍ଟର ଛାଡିଥିଲେ । ସେଥିରେ ପାମେଡ ଏରିଆ କମିଟି ଲେଖାଥିବା ସହ ସେମାନେ ଏହି ଘଟଣା ଘଟାଇଥିବା ସ୍ୱୀକାର କରିଛନ୍ତି ।

# ବଜେଟ୍ ରାଜସ୍ୱ ଆଦାୟ ଆକଳନକୁ ଛୁଇଁପାରୁନି ବାସ୍ତବ ଆଦାୟ

ଭୁବନେଶ୍ୱର,୮।୧୨(ନି.ପ୍ର.): ରାଜ୍ୟର ରାଜସ୍ୱ ଆୟ ବଜେଟ୍ ଅଟକଳରୁ ଭୁଲ ପ୍ରମାଣିତ କରୁଛି । ରାଜ୍ୟ ସରକାର ଗୋଟେ ରାଜସ୍ୱ ଆୟ ଆକଳନ କଲେ ତାହା ସେହି ଅଙ୍କକୁ ଛୁଇଁ ପାରୁ ନାହିଁ । ବିଗତ ତିନି ବର୍ଷ ହେବ ରାଜସ୍ୱ ଆଦାୟ ସେହିଭଳି ଚିତ୍ର ରହିଛି । ବିଧାନସଭାରେ ବିଜେଡ଼ି ବିଧାୟକ ଗଣେଶ୍ୱର ବେହେରା ପଚାରିଥିବା ପ୍ରଶ୍ନର ମୁଖ୍ୟମନ୍ତ୍ରୀ ଚରଣ ମାଝୀ ରଖିଥିବା ଉତ୍ତରରେ ତାହା ସ୍ପଷ୍ଟ ହୋଇଛି ।

ବିଧାୟକ ଶ୍ରୀ ବେହେରା ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ବିଭିନ୍ନ ବର୍ଗରେ ବଜେଟରେ କେତେ ରାଜସ୍ୱ ଆଦାୟ ଆକଳନ କରାଯାଇଛି ଏବଂ କେତେ ଆଦାୟ ହେଉଛି ତାହାର ତୁଳନାତ୍ମକ ଚିତ୍ର ମାଗିଥିଲେ । ଯାହାର ଉତ୍ତର ମୁଖ୍ୟମନ୍ତ୍ରୀ ରଖିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୧ ଲକ୍ଷ ୮୪ ହଜାର ୫୦୦ କୋଟି ଟଙ୍କା ରାଜସ୍ୱ ଆଦାୟ ଆକଳନ ରଖିଥିବାବେଳେ ୯୦୮୦୬.୫୧ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି । ଯାହାକି ଆକଳନର ୪୯.୨୨ ପ୍ରତିଶତ ଅଟେ । ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ୨ ଲକ୍ଷ ୧୧ ହଜାର କୋଟି ଟଙ୍କା ଆଦାୟ ପାଇଁ ଆକଳନ ହୋଇଥିବାବେଳେ ୧୦୩୦୯୫.୫୭ କୋଟି (୪୮.୮୬%) ରାଜସ୍ୱ ବାସ୍ତବରେ ଆଦାୟ ହୋଇଛି । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ଅକ୍ଟୋବର ସୁଦ୍ଧା ୨ ଲକ୍ଷ ୩୨ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ ଆକଳନ କରାଯାଇଥିବାବେଳେ ଆଦାୟ ହୋଇଛି ୧୧୧୩୦୨.୮୭ କୋଟି ଟଙ୍କା (୪୭.୯୮%) । ଆର୍ଥିକ ବର୍ଷ ୨୦୨୩-୨୪ରେ ନିଜସ୍ୱ ଟିକସ ରାଜସ୍ୱ ଆଦାୟ ପାଇଁ ବଜେଟ୍ ଅଟକଳ ୫୩୦୦୦.୦୦ କୋଟି ଟଙ୍କା ଥିବାବେଳେ ବାସ୍ତବ ଆଦାୟ ୨୮୦୧୩.୭୨ (୫୨.୮୬%) ହୋଇଛି । ସେହିପରି ୨୦୨୪-୨୫ ବର୍ଷରେ ବଜେଟ୍ ଅଟକଳ ୬୦୦୦୦.୦୦ କୋଟି ଟଙ୍କା ଥିବାବେଳେ ବାସ୍ତବ ଆଦାୟ ୩୧୦୫୦.୯୭ କୋଟି ଟଙ୍କା (୫୧.୭୫% ) ହୋଇଛି । ୨୦୨୫-୨୬ ବଜେଟ୍ ଅଟକଳ ୬୬୦୦୦.୦୦ କୋଟି ଟଙ୍କା ଥିବାବେଳେ ବାସ୍ତବ ଆଦାୟ ୩୧୫୨୭.୦୧ କୋଟି ଟଙ୍କା (୪୭.୭୭%) ହୋଇଛି ।ରାଜ୍ୟର ଅଣ-ଟିକସ ରାଜସ୍ୱ କ୍ଷେତ୍ରରେ ୨୦୨୩-୨୪ ଆର୍ଥିକ ବର୍ଷରେ ବଜେଟ୍ ଅଟକଳ ୫୨୫୦୦.୦୦ କୋଟି ଟଙ୍କା କରାଯାଇଥିବାବେଳେ ବାସ୍ତବ ଆଦାୟ ହୋଇଛି ୨୯୫୬୮.୦୦ କୋଟି ଟଙ୍କା (୫୬.୩୨%) । ସେହିପରି ୨୦୨୪-୨୫ ବର୍ଷରେ ବଜେଟ୍ ଅଟକଳ ୫୮୦୦୦.୦୦ କୋଟି ଟଙ୍କା କରାଯାଇଥିବାବେଳେ ବାସ୍ତବ ଆଦାୟ ୩୧୫୫୫.୨୩ କୋଟି ଟଙ୍କା (୫୪.୪୧% ) ହୋଇଛି । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟ୍ ଅଟକଳ ୬୦ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ୍ୟ କରାଯାଇଥିବାବେଳେ ବାସ୍ତବ ଆଦାୟ କିନ୍ତୁ ୩୪୩୫୫.୬୮ କୋଟି ଟଙ୍କା (୫୭.୨୬%) ଅଟେ ।

ସେହିପରି କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶରେ ଆଦାୟ ହୋଇଥିବା ରାଜସ୍ୱ ବଜେଟ୍ ଆକଳନ ତୁଳନାରେ ବାସ୍ତବ ଆଦାୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ୫୧.୭୩ ପ୍ରତିଶତ, ୨୦୨୪-୨୫ରେ ୫୯.୨୭% ଏବଂ ୨୦୨୫-୨୬ ଅକ୍ଟୋବର ସୁଦ୍ଧା ୫୮.୭୦% ରାଜସ୍ୱ ଆଦାୟ ହୋଇଛି । ସେହିପରି କେନ୍ଦ୍ରୀୟ ଅନୁଦାନ ରାଜସ୍ୱ ଆଦାୟ ୨୦୨୩-୨୪ ଆର୍ଥିକ ବର୍ଷରେ ୨୮.୩୯ ପ୍ରତିଶତ, ୨୦୨୪-୨୫ରେ ୨୦.୫୩ ପ୍ରତିଶତ ଏବଂ ୨୦୨୫-୨୬ ଅକ୍ଟୋବର ସୁଦ୍ଧା ୧୮.୩୦ ପ୍ରତିଶତ ରାଜସ୍ୱ ଆଦାୟ ହୋଇଛି ।



# ଷ୍ଟେସନର ବିଭିନ୍ନ ସମସ୍ୟାର ସମାଧାନ ଦାବୀ କଲା ରେଳ ଉପଭୋକ୍ତା କଲ୍ୟାଣ ସଂଘ

ଛତ୍ରପୁର,୮ ।୧୨ :(ମନ୍ଥନ) ଗଞ୍ଜାମ ଜିଲାର ସଦର ମହକୁମା ଛତ୍ରପୁର । ଜିଲା ସଦର ମହକୁମା ହୋଇଥିବାରୁ ସ୍ୱାଭାବିକ ଭାବେ ଏହାର ମହତ୍ୱ ଅଲଗା । ସହରରେ ରାସ୍ତା ଘାଟର ବିକାଶ ଚାଲିଛି । ଜିଲା ସଦର ମହକୁମା ହୋଇଥିବାରୁ ସୌନ୍ଦର୍ଯ୍ୟ କରଣପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଅନ୍ୟାନ୍ୟ ଭିତିଭୂମି ପ୍ରତି । ପାଇଁ ମଧ୍ୟ ଅବ୍ୟାହତ ରହିଛି । ତେବେ ଏହି ସବୁ ମଧ୍ୟରେ ଲୁଚି ଯାଉଛି ବ୍ରିଟିଶ ଅମଳର ଛତ୍ରପୁର ବଡରେଳ ଷ୍ଟେସନ । ଏକଦା କେବଳ ଯାତ୍ରି ପରିବହନ ପାଇଁ ଉଦ୍ଧିଷ୍ଟ ଥିବା ଏହି ଷ୍ଟେସନ ବର୍ତ୍ତମାନ ଯୋଡି ହୋଇଯାଇଛି ଗଞ୍ଜାମ ଜିଲାର ଅର୍ଥନୈତିକ ବିକାଶ । କିନ୍ତୁ ଛତ୍ରପୁର ଷ୍ଟେସନର ବିକାଶ କିମ୍ବା ଯାତ୍ରୀଙ୍କ ପାଇଁ ସୁବିଧା ମିଳିପାରୁନାହିଁ । ଏନେଇ ରେଳ ଉପଭୋକ୍ତା କଲ୍ୟାଣ ସଂଘ ପକ୍ଷରୁ ଏହାର ବିକାଶ ଓ ଯାତ୍ରୀମାନଙ୍କ ଅସୁବିଧାର ସମସ୍ୟାର ସମାଧାନ ନେଇ ଦାବୀ କରିବା ସହ ଏକ ସମ୍ବାଦିକ ସମ୍ମିଳନୀ ଅନୁ୍ଠିତ ହୋଇଥିଲା । ଏହି ସଂଘ ପକ୍ଷରୁ ରେଳ ବିଭାଗକୁ ବହୁବାର ଦାବୀ କରିଆସୁଥିଲେ ବି ରେଳ ବିଭାଗ ଏହାକୁ ଅଣଦେଖା କରିଆସୁଛନ୍ତି ।




ଛତ୍ରପୁରରକୁ ଯେଉଁ ସବୁ ଏକ୍ସପ୍ରେସ ଟ୍ରେନ ଗୁଡିକ ପ୍ଲାଟଫର୍ମ ୧ ଓ ୨ ରେ ଆସୁଛି ତାହା ଛୋଟ ହୋଇଥିବାରୁ ରେଳ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେବା ପ୍ରର୍ଯ୍ୟନ୍ତ ୩ ଓ ୪ ରେ ପ୍ଲାଟଫର୍ମରେ ପ୍ରବେସ କରାଯାଉ । ଯେହେତୁ ଛୋଟ ପ୍ଲାଟଫର୍ମ ହୋଇଥିବାରୁ ବହୁ ଟ୍ରେନର ବଗି ସବୁ ପ୍ଲାଟଫର୍ମ ପଛରେ ରହୁଛି ଯାହାଫଳରେ ଯାତ୍ରୀମାନେ ଚଢିବା ଓ ଓହ୍ଲାଇବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ରିକ୍ଲାପଲ୍ଲୀ ଗେଟ ନିକଟରେ ଓଭର ବ୍ରିଜ ନିର୍ମାଣ କରାଯାଉ, ବାଲି ଗେଟ ଉଚ୍ଚତା କରି ସର୍ଭେ କରାଯାଉ, ବାଲି ବଗଡ ଠାରେ ଓଭର ବ୍ରିଜ କିମ୍ବା ଫ୍ଲାଏ ଓଭର ବ୍ରିଜ କରାଯାଉ, କୋର୍ଟ ଷ୍ଟେସନରେ ଅଚଳ ଦୁଇ ନଳକୁପ ମରାମତି ଏବଂ ସେଠାରେ ସଫେଇ କରାଯାଉ, ବଡ ଷ୍ଟେସନ ଠାରୁ ବାଲି ଗେଟ ଯାଏଁ ପକ୍କା ରାସ୍ତା କରାଯାଉ, ପୂର୍ବରୁ ବରି ନାଗରିକ ମାନଙ୍କୁ ରେଳଯାତ୍ରା ସମୟରେ ରିହାତି ମିଳୁଥିଲା ତାହା କୋଭିଡ ସମୟରେ ବନ୍ଦ ହୋଇରହିଛି, ପୁଣି ରିହାତି ବ୍ୟବସ୍ଥା କରାଯାଉ, ବ୍ରହ୍ମପୁର ଠାରୁ ବିଶାଖାପାଟନମ ଟ୍ରେନ ନଂ ୧୮୫୨୫ ଯାଉଛି କିନ୍ତୁ ଛତ୍ରପୁର ଏହି ଟ୍ରେନ ରହୁଛି ଏହା ଛତ୍ରପୁରରୁ ଯିବା ବ୍ୟବସ୍ଥା କରାଯାଉ, ବଡ ଷ୍ଟେସନରୁ ଯାତ୍ରୀଙ୍କ ସୁବିଧା ପାଇଁ ତୁରନ୍ତ ଫୁଟ ଓଭର ବ୍ରିଜ କରାଯାଉ, ବିଶେଷ କରି ଦିବ୍ୟାଙ୍ଗ ଓ ବରି ନାଗରିକ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମେମୁ ଟ୍ରେନ ଗୁଡିକ ସଠିକ ସମୟରେ ଯାତାୟତ କରିବା, ଆଲୋକୀ କରଣ ସମେତ ଛତ୍ରପୁରରେ ଆହୁରି ଅନେକ ଟ୍ରେନ ରହଣି ଦାବୀ କରାଯାଇଛି । ବାରମ୍ବାର କହିବା ସ୍ୱତେ ରେଳବିଭାଗ କୌଣସି ପଦକ୍ଷେପ ନେଉନଥିବାରୁ ଆଗାମୀ ୩ ମାସ ମଧ୍ୟରେ ଯଦି ରେଳବିଭାଗ ଏଥିପ୍ରତି ଧ୍ୟାନ ନଦେବେ ତେବେ ଏହି ସଂଘ ପକ୍ଷରୁ ରେଳ ଧାରଣା କରାଯିବ ବୋଲି ସଂଘର କାର୍ଯ୍ୟକାରୀ ସଭାପତି ସିଏଚ୍.ମହେଶ୍ୱର ରାଓ ସୂଚନା ଦେଇଛନ୍ତି । ଏପରିକି ଛତ୍ରପୁର ଷ୍ଟେସନର ସମ୍ୟା ନେଇ ସେମାନେ ଜିଲାପାଳ ଓ ବିଧାୟକ ଙ୍କୁ ମଧ୍ୟ ଅବଗତ କରାଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ପି.ଭେଙ୍କେଟ ପ୍ରସାଦ,କେ.ଏସ.ରାଜୁ, ଜଗନ୍ନାଥ ଘଡେଇ,ସୁନିଲ କୁମାର ସିଂଙ୍ଗସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଷ୍ଟେସନ ଉପରେ ଛତ୍ରପୁର ବ୍ଲକ, ଗଞ୍ଜାମ ବ୍ଲକ,ଖଲ୍ଲିକୋଟ ବ୍ଲକ ଓ ପୋଡିଶୀ ଜିଲା ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକର ଜନସାଧାରଣମାନେ ଏହି ଷ୍ଟେସନ ଉପରେ ନିର୍ଭରଶୀଳ ହୋଇଥାନ୍ତି । ଏଠାରେ ମୌଳିକ ସୁବିଧା ଯଥା ପ୍ଲାଟଫର୍ମର ଉନ୍ନତି,ଶୌଚାଳୟ ଏପରି ଅନେକ ପ୍ରସଙ୍ଗର ସମସ୍ୟା ରହିଛି । ଅନ୍ୟ ପକ୍ଷରେ ଛତ୍ରପୁର ବଡ ରେଳ ଷ୍ଟେସନ ୬ ଅଗଷ୍ଟ ୨୦୨୩ ରୁ ଅମୃତ ଭାରତ ଷ୍ଟେସନରେ ସାମିଲ ହୋଇଛି ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତ ବାର୍ଷିକ ଉତ୍ସବ ଛତ୍ରପୁର ଠାରେ ପାଳନ ହେବ

ଛତ୍ରପୁର,୮ ।୧୨ :(ମନ୍ଥନ) ଆସନ୍ତା ୨୩ ରେ ଛତ୍ରପୁର ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ଶତ ବାର୍ଷିକ ଉତ୍ସବ ମହାସମାରୋହରେ ପାଳନ କରାଯିବ । ଏଥିରେ ପାର୍ଟି ର କେନ୍ଦ୍ରୀୟ ସମ୍ପାଦକ କେ. ରାମକ୍ରୀଷ୍ଣା ଓ ରାମ କୃଷ୍ଣ ପଣ୍ଡା ସମେତ ବହୁ ରାଜ୍ୟ ନେତୃବୃନ୍ଦ ମାନେ ଯୋଗଦେଇ ତ୍ୟାଗ, ବଳିଦାନ ଓ ସଂଗ୍ରାମ ର ଶତ ବାର୍ଷିକ ପାଳନ କରିବେ । ଏନେଇ ସୋମବାର ଛତ୍ରପୁର ସ୍ଥିତ ଲକ୍ଷ୍ମଣ ଭନ ପରିସର ରେ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ବରିଷ୍ଠ କମ୍ୟୁନିଷ୍ଟ ନେତା ଏସ. କ୍ରିଷ୍ଣା ରେଡ୍ଡୀ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଶିଷ କୁମାର କାନୁନଗୋ ଯୋଗ ଦେଇ ସର୍ବ ଭାରତୀୟ ପାର୍ଟି କଂଗ୍ରେସ ( ଚଣ୍ଡିଗଡ଼ ) ରିପୋର୍ଟ ପାଠ କରିବା ସହିତ ଶତ ବାର୍ଷିକ ଉତ୍ସବ କୁ ସଫଳ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ପୂର୍ବତନ ବିଧାୟକ ତଥା ଅଭ୍ୟ ର୍ଥନା କମିଟି ଅଧ୍ୟକ୍ଷ ଏନ. ନାରାୟଣ ରେଡ୍ଡୀ ଏବଂ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରକାଶ ପାତ୍ର ଯୋଗଦେଇ ଗଣ ପାଣ୍ଠି, ପାର୍ଟି ର ଇତିହାସ




ଏବଂ ପାର୍ଟି କୁ ତୃଣ ମୂଳ ସ୍ତର ରେ କିପରି ମଜବୁତ କରାଯିବ ତାହା ଉପରେ ଆଲୋକପତ କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ଜନ ମାରଣାନୀତି କୁ କଡା ସମାଲୋଚନା କରିଥିଲେ । କେନ୍ଦ୍ର ରେ ବିଜେପି ସରକାର କ୍ଷମତା ଦଖଲ କରିବା ପର ଠାରୁ ଦେଶର ଅର୍ଥନୈତିକ, ସାମାଜିକ ଓ ରାଜ ନୈତିକ ପରିସ୍ଥିତି କ୍ରମଶଃ ଶୋଚ ନୀୟ ହୋଇ ଚାଲିଛି । ଏହା ସହିତ ଡବଲ ଇଂଜିନର ସରକାର ସମସ୍ତଙ୍କୁ ଧୋକା ଦେବା ସହିତ ଲୋକଙ୍କ ଉପରେ ବିଭିନ୍ନ ପ୍ରକାର ଦାଉ ସାଳୁଛି ବୋଲି ମଧ୍ୟ ଉଭୟ କହିଥିଲେ । ଏହି ବୈଠକ ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ଜିଲ୍ଲା ସମ୍ପାଦକ ଶ୍ରୀହର୍ଷ ରଥ, ଜିଲ୍ଲା ସହ - ସମ୍ପାଦକ ନୀଳକଣ୍ଠ ଦାଶ ଓ ପ୍ରଦୀପ କୁମାର ସେଠି, ରାଜ୍ୟ ପରିଷଦ ସଭ୍ୟା ଏନ. ଭାନୁମତୀ ରେଡ୍ଡୀ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଛତ୍ରପୁର ଜୋନାଲ ସମ୍ପାଦକ ଡ଼ି. ଆଦିନାରାୟଣ ରେଡ୍ଡୀ, ସହ - ସମ୍ପାଦକ ଦୁର୍ଯ୍ୟୋଧନ ପରିଡା ଓ ରାଜେନ୍ଦ୍ରନାହାକ, ଯୁବନେତା ଚିଙ୍କରା ବେହେରା, ଏନ. ସୁକାନ୍ତ ଆଚାରୀ ଙ୍କ ସମେତ ବହୁ ଆଗଧାଡି ର ଦଳୀୟ ନେତା ଓ କର୍ମୀ ମାନେ ଯୋଗଦେଇ ପାର୍ଟି ର ଶତ ବାର୍ଷିକ ଉତ୍ସବ କିପରି ଯାକଜମକ ରେ ପାଳନ ହେବ ସେଥିପାଇଁ ସମସ୍ତେ ମତ ପ୍ରକାଶ କରିଥିଲେ, ଅପରାହ୍ନ ରେ ଛତ୍ରପୁର ସହର ରେ ଗଣ ପାଣ୍ଠି ଆଦାୟ କରାଯାଇଥିଲା । ଏଥିରେ ରାଜ୍ୟ, ଜିଲ୍ଲା ଓ ଅଂଚଳ ର ନେତା ମାନେ ଦୋକାନ କୁ ଦୋକାନ ବୁଲି ଗଣ ପାଣ୍ଠି ସଂଗ୍ରହ କରିଥିଲେ ।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୮ ।୧୨ :(ମନ୍ଥନ)ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୪୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟଭିତ୍ତକ ଅଭିଯୋଗର ଶୁଣାଣି କରାଯାଇଥିଲା୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୭ହଜାର ୫୦୦ ଟଙ୍କା ଓ ୧




ଜଣଙ୍କୁ ରେଡକ୍ରସପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହିଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମାସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ, ୮ ।୧୨ :(ମନ୍ଥନ)ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେଆଠମଲ୍ଲିକ ପଞ୍ଚାୟତ ସମିତି ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି । ଜନଶୁଣାଣି ଶିବିରରେ ସମୁଦାୟ ୪୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ଯସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୬ଟିଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୧ ଜଣଙ୍କୁ ରେଡକ୍ରସ




ପାଣ୍ଠିରୁ ମୋଟ ୫ ହଜାରଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦରମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ଅତିରିକ୍ତ ଆରକ୍ଷୀଅଧିକ୍ଷକ ଶ୍ରୀ ରାଜିବ ଲୋଚନ ପଣ୍ଡା, ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଉପେନ୍ଦ୍ର ଲୋହା, ଆଠମଲ୍ଲିକତହସିଲଦାର ଶ୍ରୀ ପ୍ରସନ୍ନ ଟେଙ୍ଗେ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀଶ୍ରୀ ଦିଲ୍ଲିପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳଅଧିକାରିଣୀ ନିରୁପମା ପାଣି, ଉପ- ନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଅମର ଲୁଗୁନ୍, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସାଅଧିକାରୀ ଡ. ସତ୍ୟ ନାରାୟଣ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାରାୟଣ ମହାପାତ୍ରଙ୍କସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହିଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# କନ୍ଧମାଳରେ ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର କାର୍ଯ୍ୟକ୍ରମ

କନ୍ଧମାଳ,୮ ।୧୨ :(ମନ୍ଥନ)ଫୁଲବାଣୀ ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଆର୍ଥିକ କ୍ଷେତ୍ରରେ ଦାବି କରାଯାଇନଥିବା ସମ୍ପତ୍ତିର ଦକ୍ଷ ଏବଂ ଶିଘ୍ର ବିନିଯୋଗକୁ ସହଜ କରିବା ପାଇଁ ଦାବିହୀନ ଜମାରାଶି ସୁରକ୍ଷା ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଏହାର



ଶୀର୍ଷକ ଥିଲା ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର'' । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ,କନ୍ଧମାଳ ଶ୍ରୀ ବେଦଭୂଷଣ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ।ଜିଲ୍ଲାରେ ୭୦ ହଜାର ୭୦୫ଟି ଦାବିହୀନ ଆକାଉଣ୍ଟରେ ପ୍ରାୟ ୩୨ କୋଟି ୧୪ ଲକ୍ଷ ୩ ହଜାର ୬୬୯.୩ ଟଙ୍କା ଜମା ରହିଛି । ଜିଲ୍ଲାପାଳ ୧୧ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ରାଶି ଏବଂ ଦାବିହୀନ ଜମାରାଶି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡିଜିଏମ୍ (ରିଜର୍ଭ ବ୍ୟାଙ୍କ)ଶ୍ରୀ ମଧୁକର ଆନନ୍ଦ, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଶ୍ରୀ ସିଦ୍ଧାର୍ଥ ରଞ୍ଜନ ପତି, ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ପ୍ରକାଶ ଗ୍ରହାଚାର୍ଯ୍ୟ, ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଶ୍ରୀ ନୀଳାଞ୍ଜଳ ସୁବୁଦ୍ଧି , ସମସ୍ତ ବ୍ୟାଙ୍କର ଶାଖା ପ୍ରବନ୍ଧକ, ସମସ୍ତ ଜୀବନ ବୀମା ନିଗମର ପ୍ରବନ୍ଧକ ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ ।

# ବାଲିପଡ଼ାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି

କୁକୁଡାଖଣ୍ଡି,୮ ।୧୨ :(ମନ୍ଥନ)ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ପଞ୍ଚାୟତ ସ୍ତରୀୟ ମିଳିତ ଜନ ଶୁଣାଣି ଶିବିର କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବାଲିପଡ଼ ଗ୍ରାମ ର ସୁଭଦ୍ରା ଶକ୍ତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଝିଲି ସେଠୀଙ୍କ ସହଯୋଗରେ ଆୟୋଜିତ ଏହି ଶୁଣାଣିରେ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ରହି ଗ୍ରାମବାସୀଙ୍କ ସମସ୍ୟା, ଅସୁବିଧା ଓ ଅଭିଯୋଗ କୁ ଶୁଣାଣୀ କରିଥିଲେ । ଏଥିରେ ବ୍ରହ୍ମପୁର କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ଶୀକି ନୋଡାଲ ଅଧିକାରୀ ଭାବେ ଯୋଗଦେଇଥିବା ବେଳେ ବିଡ଼ିଓ ଡଃ. ପଲ୍ଲବୀ ସ୍ୱାଇଁ , ତହସିଲଦାର ରାଜକିଶୋର ପଟ୍ଟନାୟକ ,ସହକାରୀ ଯନ୍ତ୍ରୀ ଅନୁରାଗ ରଥ, ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ ପ୍ରମୁଖ ମଞ୍ଚାସିନ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଇଓ ମିତଲ କୁମାର ମହାନ୍ତି, ସିଡିପିଓ କୁସୁମ କୁମାରୀ ସାହୁ, ଯୋଗାଣ ଅଧିକାରୀ ସୁଧାକର ମଲିକ,ଆସିଷ୍ଟାଣ୍ଟ ଲେବର ଅଫିସର ଶୁଭ ଲକ୍ଷ୍ମୀ ବେହେରା, ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର କୁମାର ସେଠୀ, ବିଜେପି କର୍ମୀ ରଜିତ ପାତ୍ର, ବିପିଏ ଟୁଲୁ ଭୂୟାଁ, ଗୋବିନ୍ଦ ବିଷୋୟୀ,ସଞ୍ଜୟ ସେଠୀ, ରୁନୁ ଡାକୁଆ, ରହିତ ଦାସ, କୁନି ପାତ୍ର, ସାଇରାମ ଗୌଡ଼, କାହ୍ନା ଗୌଡ, ପିଣ୍ଟୁ




ଗୌଡ,ମନୁ ସାହୁ,ଏଡିଓ ମିନୋତି ସାହୁ, ସୁରେନ୍ଦ୍ର ବିଷୋୟୀ ସମେତ ଅଙ୍ଗନବାଡ଼ି କର୍ମଚାରୀ, ଆଶା କର୍ମୀ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ନିଜ ର ସମସ୍ୟା କୁ ପ୍ରତ୍ୟକ୍ଷ ଭାବେ ପ୍ରଶାସନ ସମ୍ମୁଖରେ ରଖିବା ପାଇଁ ଏହି ମଞ୍ଚ ଏକ ସୁଯୋଗ ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି । ଏହି ଅଭିଯୋଗ ଶୁଣାଣି ରେ ପାଖାପାଖି ଏକ ଶହରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଦାଖଲହୋଇଥିଲା । ମୁଖ୍ୟ ସମସ୍ୟା ରାସ୍ତାର ଉନ୍ନତିକରଣ , ରାସନ କାର୍ଡର ସଂଶୋଧନ, ଆବାସ ଯୋଜନା ନୂତନ ତାଲିକା ପ୍ରସ୍ତୁତ, ଘର ପଟ୍ଟା, ବିଧବା,ବାର୍ଦ୍ଧକ୍ୟ ବିକଳାଙ୍ଗ ଭର୍ତ୍ତା, ,ପାନୀୟ ଜଳ ଯୋଗାଣ,ସୁଭଦ୍ରା ଯୋଜନା ଭଳି ବିଭିନ୍ନ ସମସ୍ୟା ଉପରେ ଲୋକମାନଙ୍କ ସହ ଆଲୋଚନା ହୋଇଥିଲା । ପୂର୍ବ ସରକାରଙ୍କ ସମୟରେ ଲୋକମାନେ ଅଭିଯୋଗ କରିବାକୁ ବିଭିନ୍ନ ବିଭାଗକୁ ଦୌଡୁଥିଲେ ଓ ନାନା ସମସ୍ୟାର ସମ୍ମୁଖିନ ହେଉଥିଲେ କିନ୍ତୁ ଆଜି ବାଲିପଡା ପଂଚାୟତ କୁ ବିଭାଗୀୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣିବାକୁ ଆସୁଛନ୍ତି । ବିକଶିତ ଗାଁ ବିକଶିତ ଓଡ଼ିଶା ନାରା ଦେଇଥିବା ଡବଲ ଇଞ୍ଜିନ ସରକାରଙ୍କ ଏହି ପଦକ୍ଷେପକୁ ଜନସାଧାରଣ ସ୍ୱାଗତ ଜଣାଇଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲିପଡା ଗ୍ରାମପଞ୍ଚାୟତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଲୋକମାନେ ନିଜର ଅଭିଯୋଗ ସିଧା ସଳଖ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ।

# ଟାଙ୍ଗଣା ପଲ୍ଲୀ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ

ଛତ୍ରପୁର,୮ ।୧୨ :(ମନ୍ଥନ)ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣା ପଲ୍ଲୀ ଶ୍ରୀ ନୀଳକଣ୍ଠେଶ୍ୱରି ଡ୍ୟାପୀଠର ।ବର୍ଷିକ କ୍ରୀଡା ଉତ୍ସ ପ୍ରଧାନ ଶିକ୍ଷକବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ଗଞ୍ଜାମ ଜିଲ୍ଲା କ୍ରୀଡା ପରିଦର୍ଶକ ଭାଗିରଥି ସ୍ୱାଇଁ ଯୋଗ ଦେଇ ଛାତ୍ର ଛାତ୍ରୀ ମାନେ ପ୍ରତିଯୋଗିତା ମନୋଭାବ ନେଇ ଅଧ୍ୟୟନ ସହ ଖେଳ କୁଦରେ ଅଂଶ ଗ୍ରହଣ କରି ବିଦ୍ୟାଳୟର ସୁନାମ ବଢାଇବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ରୂପେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ରାଜ୍ୟ



ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ନିଜର ଛାତ୍ର ଜୀବନର ଓ ଶିକ୍ଷକ ସମୟର ସ୍ମୃତି ଚାରଣ କରି ବିଦ୍ୟାର୍ଥୀ ମାନେ ନାସ୍ତିବାଚକ ଚିନ୍ତା ପରିହାର କରି ନିର୍ଦ୍ଦିଷ୍ଟ ଲକ୍ଷ,ଜ୍ଞାନ ଅର୍ଜନ, କଠିନ ପରିଶ୍ରମ ଓ ନିରନ୍ତର ଅଧ୍ୟବ୍ୟସାୟ ସହ ପରିଶ୍ରମ କରିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ତଥା ପୁରାତନ ଛାତ୍ର ବି. ସୁଦାମ ବିଦ୍ୟାଳୟର ସୁନାମ ଆଣିବା ପାଇଁ ପରାମର୍ଶ ଦେଇଥିଲେ ।ଅନ୍ୟତମ ଅତିଥି ରୂପେ ସମିତି ସଭ୍ୟ ପ୍ରତିନିଧି ଅମରେଶ୍ୱର ସାହୁ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ନନ୍ଦିନୀ ସେଠି କ୍ରୀଡା ଉତ୍ସବର ବିବରଣୀ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ବିଷ୍ଣୁ ପ୍ରିୟା ପାଢ଼ୀ,ଯୁଧିଷ୍ଠିର ବେହେରା, ଏନ ସି ସି ଅଫିସର ସୁଧାକର ବଳି,ବିଜୟ ଲକ୍ଷ୍ମୀ ପାତ୍ର, ଜୟଶ୍ରୀ ଦୋରା,କୈଳାଶବେହେରା, ଉଷାରାଣୀ ମିଶ୍ର, ଭାଗିରଥି ମିଶ୍ର, ବିଜୟ କୁମାର ସାହୁ, ସସ୍ମିତା ବେହେରା, ପର୍ଶୁରାମ ପାତ୍ର ପ୍ରମୁଖ ଖେଳ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଅଭିରାମ ସାହୁ ମଞ୍ଚ ସଂଯୋଜନା କରିଥିଲେ । ଅତିଥି ମାନେ କ୍ରୀଡା ଉତ୍ସବ ପତାକା ଉତ୍ତୋଳନ କରିଥିଲେ ।

# ନୂତନ ଜିଲ୍ଲା ଜଜଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର, ୮ ।୧୨ :(ମନ୍ଥନ)ଛତ୍ରପୁର ଓକିଲ ସଂଘ ପକ୍ଷରୁ ସୋମବାର ନୂତନ ଜିଲ୍ଲା ଜଜ ଅଶାନ୍ତ କୁମାର ଦାଶ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଛତ୍ରପୁର ଓକିଲ ସଂଘ ର ସଭାପତି ପ୍ରଦୀପ କୁମାର ପାଢ଼ୀ ତାଙ୍କୁ ପ୍ରଥମେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହିତ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲା ଜଜ ପ୍ରଦୀପ କୁମାର ସାମଲ । ସବ ଜଜ ପୂଜା ଦେ, ଏସ ଡି ଜେଏମ ପ୍ରତିଶ କୁମାର ରଥ, ଜେ ଏଫ ସି ସ୍ୱାଗତିକା ସ୍ୱାଇଁ, ଛତ୍ରପୁର ଓକିଲ ସଂଘ ର ଉପସଭାପତି ଚୈତନ୍ୟ ପ୍ରଧାନ, ଲାଇବ୍ରେରୀ ସେକ୍ରେଟାରୀ ବିଶ୍ୱ ଭୂଷଣ ପାଢ଼ୀ ଆସିଷ୍ଟାଣ୍ଟ ସେକ୍ରେଟାରୀ ପି. କେଶବ ରେଡ୍ଡୀ, ଯୁଗ୍ମ ସମ୍ପାଦକ ଅନାମ ପ୍ରଧାନ ଓ କାର୍ଯ୍ୟ କାରି ସଦସ୍ୟ ଶିବ ପ୍ରସାଦ ସାହୁ ଙ୍କ ସମେତ ବହୁ ଆଇନଜୀବୀ ମାନେ ଉପସ୍ଥିତ ଥିଲେ । ଏହି ଅବସର ରେ ସଂଘ କାର୍ଯ୍ୟାଳୟ ରେ ଇ - ଲାଇବ୍ରେରୀ ସହିତ ଛତ୍ରପୁର ଠାରେ ନୂତନ ପୋକ୍ସୋ କୋର୍ଟ ପ୍ରତିଷ୍ଠା ନିମନ୍ତେ ସଂଘ ପକ୍ଷରୁ ସଭାପତି ଶ୍ରୀ ପାଢ଼ୀ ନୂତନ ଜିଲ୍ଲା ଜଜ ଙ୍କୁ ଅନୁରୋଧ କରିବା ସହିତ ଏକ ଲିଖିତ ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

# ଜାତୀୟ ସ୍ତରରେ କାଂସ୍ୟ ପଦକ ହାସଲ

ଛତ୍ରପୁର,୮ ।୧୨ :(ମନ୍ଥନ)ଛତ୍ରପୁର ବ୍ଲକ ବଡମାଧପୁର ଗଞ୍ଜାମ ଟାଇକୋଣ୍ଡୋ ଏକାଡେମୀର ଗୌରବମୟ ସଫଳତାଧିରେଶ୍ୱର୍ ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ର ଏସ. ଶୋହନ ରେଡ୍ଡି ଅରୁଣାଞ୍ଚଳ ପ୍ରଦେଶରେ ହୋଇଥିବା ଜାତୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତି ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି । ଗତ ୩୦ ତାରିଖ ରବିବାର ଅନୁଷ୍ଠିତ ଅରୁଣାଚଳ ପ୍ରଦେଶରେ ହେଉଥିବା ୬୯ ତମ ଜାତୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତାରେ ଓଡିଶା ଟିମ୍ ଅଣ୍ଡେର୍ ସେଭେଣ୍ଟିନ୍ ଟିମ୍ ରେ ଖେଳି ସେ କାଂସ୍ୟ ପଦକ ଜିତିଥିଲେ ଯାହା ଏହି ଅଞ୍ଚଳ ପାଇଁ ତଥା ବିଦ୍ୟାଳୟ ପାଇଁ ଏକ ଗୌରବର ବିଷୟ ଏବଂ ସେ ଗାଁକୁ ଫେରିଥିବା ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛା ର ସୁଅ ଛୁଟିବା ସହ ଧିରେଶ୍ୱର ବିଦ୍ୟାପୀଠ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ପାଣିଗ୍ରାହୀ,ଶାରୀରିକ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଶତପଥୀ ତଥା ଏକାଡେମୀର ପ୍ରଶିକ୍ଷକ ଇ ଲଳିତ କୁମାର ,ଗଞ୍ଜାମ ଜିଲ୍ଲା ଟାଏକୋଣ୍ଡୋ ସଂଘର ସମ୍ପାଦକ କେ ମନୋଜ ପ୍ରଧାନ ଶ୍ୟାମାକାଳୀ ଯୁବକ ସଂଘ ଓ ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି ।

# ଢ଼ିଙ୍କିଆ ଚରିଦେଶରେ ଜେଏସଡବ୍ଲୁର ନିଯୁକ୍ତି ମେଳା

ପାରାଦୀପ,୮ ।୧୨ :(ମନ୍ଥନ)ଅ.ଉ ଆମ ପିଲା ଦାଦନ ଖଟିବାକୁ ଯିବେନି, ଆମ ଅଞ୍ଚଳ ରେ ପ୍ରକଳ୍ପ ହେଉଛି ଆମ ପିଲା ଆମ ପ୍ରକଳ୍ପ ରେ କାମ କରିବେ । ଆଜି ଏହି ସ୍ୱର ଦେଖିବାକୁ ମିଳିଛି ଢ଼ିଙ୍କିଆ ଚରିଦେଶ ର ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତରେ । ଢ଼ିଙ୍କିଆ ଚରିଦେଶ ରେ ଜିନ୍ଦଲ ଷ୍ଟିଲ ତରଫରୁ ଆରମ୍ଭ ହୋଇଛି ନିଯୁକ୍ତି ମେଳା । ଢ଼ିଙ୍କିଆ ଚରିଦେଶ ରେ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ର ଏକାଧିକ ସ୍ଥାନରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ୍ ତରଫରୁ ଆଇଟିଆଇ, ବିଇ,ଡିପ୍ଲୋମା, ବିଟେକ ପ୍ରାର୍ଥୀ ମାନଙ୍କୁ ଏହି ନିଯୁକ୍ତି ମେଳାରେ ଦିଆଯାଇଛି ପ୍ରାଥମିକତା । ଯାହା ଫଳରେ ଜମି ହରାଇଥିବା ପରିବାର ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ପ୍ରକଳ୍ପ କୁ ଜମି ଦେବା ସମୟରେ ନିଜର ପିଲା ମାନଙ୍କ ନିଯୁକ୍ତି କୁ ନେଇ ମନରେ ରହିଥିବା ଅନିଶ୍ଚିତତା ଆଜି ଦୂର ହେବା ସହିତ ନୂତନ ଆଶା ଉଜ୍ଜୀବିତ ହୋଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି । ବିଗତ ଦିନରେ ଯେଉଁ ଘଟଣା, ଦୁର୍ଘଟଣା ଘଟିଯାଇଛି ଆଜି ତାହା ଅତୀତ ହୋଇଯାଇଛି । ଗ୍ରାମବାସୀ ମାନେ ପ୍ରକଳ୍ପ କୁ ସ୍ୱାଗତ କରିଛନ୍ତି । ଆଜି ଉଜୁଡି ଯାଇଥିବା ଧାନ, ପାନ ଚାଷ ଯୋଗୁ ଚାଷୀ ମୁଣ୍ଡରେ ହାତଦେଇ



ବସିଥିବା ବେଳେ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ପ୍ରକଳ୍ପ ହିଁ ସାହା ଭରଷା, ଯାହା ଆଜି ସାକାର ହେବାକୁ ଯାଉଛି ଗ୍ରାମବାସୀ ମାନେ ପ୍ରକଳ୍ପ କୁ ସ୍ୱାଗତ କରିବାସହ ଅଞ୍ଚଳ ରେ ବେକାରୀ ସମସ୍ୟା ଦୂର ହେବ ବୋଲି ଦେଖିଥିବା ସ୍ୱପ୍ନ ସାକାର ହେବାକୁ ଯାଉଛି । ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ଜେଏସଡବ୍ଲୁ ତରଫରୁ ସ୍ଥାନୀୟ ଅଞ୍ଚଳ ରେ ସିଏସଆର ଅର୍ଥ ରେ ଶିକ୍ଷା ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ବିକାଶ କରିଛି । କମ୍ପାନୀ ର କାମ ଆରମ୍ଭ ହେଉଥିବା ସମୟରେ ସ୍ଥାନୀୟ ଅଞ୍ଚଳ ରୁ ପାଖାପାଖି ପାଞ୍ଚଶହ ରୁ ଉର୍ଦ୍ଧ୍ୱ ପିଲାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ଆଜିର ଏହି ନିଯୁକ୍ତି ମେଳା ଦ୍ୱାରା ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ସ୍ଥାନୀୟ ପ୍ରକଳ୍ପ ରେ ବ୍ୟାପକ ନିଯୁକ୍ତି ମିଳିବ ବୋଲି କହିଛନ୍ତି ଗୋବିନ୍ଦପୁର ଗ୍ରାମବାସୀ । ଯେଉଁମାନେ ପ୍ରକଳ୍ପ କୁ ବିରୋଧ କରି ବିଭିନ୍ନ ସମୟରେ ଯେଉଁଭଳି ମିଥ୍ୟା ଅପପ୍ରଚାର କରୁଛନ୍ତି ଯାହା ସ୍ଥାନୀୟ ଅଞ୍ଚଳବାସି ଙ୍କ ବିକାଶ ରେ ବାଧା ସୃଷ୍ଟି କରୁଛି ବୋଲି କହିବା ସହିତ ଆମେ ଚାହୁଁଚୁ ଯଥାଶୀଘ୍ର ପ୍ରକଳ୍ପ ଆରମ୍ଭ ହେଉ । ଯାହାଦ୍ୱାରା ଆମ ଅଞ୍ଚଳ ର ଯୁବକ, ଯୁବତୀ ମାନେ ନିଯୁକ୍ତି ପାଇବା ସହିତ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ଆମ ଅଞ୍ଚଳ ଉନ୍ନତି ର ଶିଖରରେ ପହଞ୍ଚିବ ବୋଲି କହିଛନ୍ତି ଗୋବିନ୍ଦପୁର, ଢ଼ିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ଓ ପାଟଣା ଗ୍ରାମବାସୀ । ଆଜିର ଏହି ନିଯୁକ୍ତି ମେଳାରେ ସ୍ଥାନୀୟ ଯୁବକ ଯୁବତୀ ମାନଙ୍କ ଲମ୍ବାଧାଡି ଲାଗିଥିବା ବେଳେ ଆମକୁ ନିଶ୍ଚିତ ନିଯୁକ୍ତି ମିଳିବ ବୋଲି କହିଛନ୍ତି ଆଶାୟୀ ପ୍ରାର୍ଥୀ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ବୁଗୁଡା,୮ ।୧୨ :(ମନ୍ଥନ) ସ୍ଥାନୀୟ ସରସ୍ୱତୀଶିଶୁ ବିଦ୍ୟା ମନ୍ଦିର ପରିସରରେ ନାରୀ ଚେତନା ପାଇଁ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିର ମାତୃ କମିଟି ସଭାନେତ୍ରୀ ମଧୁସ୍ମିତା ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ୍ୟ ଭାବେ ସିଡିପିଓ ବବିତା କୁମାରୀ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ କାଉନସିଲର ସପ୍ନାରାଣୀ ଦାଶ ଯୋଗ ଦେଇ ସମାଜରେ ନାରୀ ଭିତରେ ଥିବା ସପ୍ତ ଶକ୍ତିକୁ ଉଜ୍ଜୀବିତ କଲେ ସମାଜରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସି ପାରିବ ଏବଂ ଏଥି ପାଇଁ ମା'ମାନଙ୍କର ଭୂମିକା ଅତ୍ୟନ୍ତ ଗରୁତ୍ୱ ପୂର୍ଣ୍ଣ ବୋଲି କହିବା ସହ ନାରୀ ସମାଜରେ କିର୍ତ୍ତୀ, କ୍ଷମା, ଧୃତି, ମେଧା, ସ୍ମୃତି,ବାକ ଓ ଶ୍ରୀ ଅଟେ ବୋଲି କହିଥିଲେ । ଅନ୍ୟପକ୍ଷରେ ନାରୀ ଶକ୍ତି ଜାଗରଣ ହେଲେ ସମାଜରେ ସୁଧାର ଆସିବ ଏବଂ ନାରୀ ଚାହିଁଲେ ପରିବାରରେ ସୁଖଶାନ୍ତି ବିରାଜିତ ହେବ ବୋଲି ମତବ୍ୟକ୍ତ କରିଥିଲେ । ଏ ଅବସରରେ ବର୍ଷିୟାନ ମହିଳା ସତ୍ୟଭାମା ଦାଶ(୧୦୦) ଏବଂ ମହାଦେଈ ସାହୁ (୯୦)ଙ୍କୁ ଉପଢୌକନ ଓ ଶ୍ରୀଫଳ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହ ପିଠା ପ୍ରଦର୍ଶନୀ, ପୁରାଣ ପଠନ ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଅନ୍ୟପକ୍ଷରେ ଶିଶୁ ମନ୍ଦିର ଛାତ୍ରୀମାନେ ମହିୟସୀ ମହିଳାଙ୍କ ବେଶ ଧାରଣ କରି ସେମାନଙ୍କ ବାଣୀ ପ୍ରଚାର କରିବା ସାଙ୍ଗକୁ କନ୍ୟା ଅଲୋଡା ନୁହେଁ ସମ୍ପର୍କିତ ଏକ ନାଟକ ପରିବେଷଣ କରିଥିଲେଯ ଉକ୍ତ କାର୍ଯ୍ୟକ୍ରମକୁ ଗୁରୁମା ସୁମତି ମିଶ୍ର, ମମତା କୁମାରୀ ସାହୁ, ଝିଲ୍ଲୀ କୁମାରୀ ଦାଶ ଓ ପ୍ରତିମା ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟ ସେବାବ୍ରତୀମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ ଏବଂ ପରିଶେଷରେ ବି.କରଡ଼ାବାଡ଼ି ସ୍ୱାସ୍ଥ୍ୟକର୍ମୀ ସୁନତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



# ସେଲକୋ ଫାଉଣ୍ଡେସନ ଓ ଗ୍ରାମୀଣ ବ୍ୟାଙ୍କ୍ ର ମିଳିତରେ ଏକ ସମ୍ବନ୍ୱୟ କାର୍ଯ୍ୟକ୍ରମ

ଭବାନୀପାଟଣା, ୮।୧୨:(ମନ୍ଥନ)ଭବାନୀପାଟଣା ସ୍ଥିତ ହୋଟେଲ ଅମ୍ରାପାଲି କ୍ଲାସିକ୍ସ ସଭାଗୃହ ମଧ୍ୟରେ ସେଲକୋ ଫାଉଣ୍ଡେସନ ଓ ଓଡିଶା ଗ୍ରାମୀଣ ବ୍ୟାଙ୍କ ର ମିଳିତ ସହଯୋଗ ରେ ଜଳବାୟୁ ଉପଯୋଗୀ ସ୍ଥିର ଜୀବିକା ପାଇଁ ଆର୍ଥିକ ଅନୁପ୍ରବେଶ ଉପରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ଏଥିରେ ସେଲକୋ ଫାଉଣ୍ଡେସନ ର ବରିଷ୍ଠ ଉପଦେଷ୍ଟା ଶ୍ରୀ ପ୍ରଭୁ ପ୍ରସାଦ ମିଶ୍ର, ବରିଷ୍ଠ ପରିଚାଳକ ଶ୍ରୀ ମାନସ ରଞ୍ଜନ ମିଶ୍ର ଓଡିଶା ଗ୍ରାମୀଣ ବ୍ୟାଙ୍କ, ରାୟଗଡା ଆଞ୍ଚଳିକ ପରିଚାଳକ ଶ୍ରୀ ଦେବେଶ ରଞ୍ଜନ ଧର, ଭବାନୀପାଟଣା ଆଞ୍ଚଳିକ ପରିଚାଳକ ଶ୍ରୀ ସଂଜୀବ ମିଶ୍ର, ଜୟପୁର ଆଞ୍ଚଳିକ ପରିଚାଳକ ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ପ୍ରମୁଖ ମୁଖ୍ୟ ଅତିଥି ସହିତ ୨୫ ରୁ ଉର୍ଦ୍ଧ ବ୍ୟାଙ୍କ ଶାଖା ପରିଚାଳକ, ଓ ଆମନ୍ତ୍ରିତ ବିଭିନ୍ନ ଘରୋଇ ସଂସ୍ଥା ର ପରିଚାଳକ, ସଫଳ ଉଦ୍ୟୋଗୀ, ସେବା ପ୍ରଦାନକାରୀ ସଂସ୍ଥା ର କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ। ସୌର ଶକ୍ତି ଆଧାରିତ ସ୍ଥାୟୀ




ଜୀବନ ଜୀବିକା ମାଧ୍ୟମରେ ଉଦ୍ୟୋଗୀ ସୃଷ୍ଟି କରିବା ସହିତ ଗ୍ରାମାଞ୍ଚଳ ର ଅର୍ଥନୈତିକ ବିକାଶ ଏହି କାର୍ଯ୍ୟକ୍ରମ ର ମୂଳ ଲକ୍ଷ୍ୟ ଥିଲା । ସେଲକୋ ଫାଉଣ୍ଡେସନ ଓ ଓଡିଶା ଗ୍ରାମୀଣ ବ୍ୟାଙ୍କ ମଧ୍ୟରେ ହୋଇଥିବା ଅନୁବନ୍ଧିତ ଜରିଆରେ ୫୦୦ ରୁ ଉର୍ଦ୍ଧ ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ଏଥିପ୍ରତି ସମସ୍ତ ପ୍ରକାର ଆର୍ଥିକ ସହାୟତା ପାଇଁ ପ୍ରାଥମିକ ସ୍ତରରେ କଳାହାଣ୍ଡି, କୋରାପୁଟ, ରାୟଗଡା ସ୍ଥିତ ଓଡିଶା ଗ୍ରାମୀଣ ବ୍ୟାଙ୍କ ମାନେ ସହମତି ପ୍ରକାଶ କରିଥିଲେ ।ରାମସିଂ କବାଡି, କୈବଲ୍ୟ ରଣା, ନକୁଳ ନାଏକ ପରି ସଫଳ ଉଦ୍ୟୋଗୀ କିପରି ବ୍ୟାଙ୍କ ଋଣ ମାଧ୍ୟମରେ ସୌର ଶକ୍ତି ଆଧାରିତ ଜୀବିକା ଗ୍ରହଣ କରି ସଫଳ ହୋଇପାରିଛନ୍ତି ତାହା ସମସ୍ତଙ୍କ ସମ୍ମୁଖରେ ବର୍ଣ୍ଣନା କରି ପ୍ରକାଶ କରିଥିଲେ । ସେଲକୋ ଫାଉଣ୍ଡେସନ ର ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

# ଅତିଥି ଧ୍ରୁବହଂସ ଋଷିକୁଲ୍ୟା କୁ ଆଗମନ

୮।୧୨:(ମନ୍ଥନ)ଗଞ୍ଜାମ ଶୀତର ପ୍ରକୋପ ବୃଦ୍ଧି ପାଇବା ଫଳରେ ଋଷିକୁଲ୍ୟା ନଦୀ ଅଞ୍ଚଳରେ ବିଦେଶୀ ଅତିଥି ପକ୍ଷୀ ଧ୍ରୁବ ହଂସ ଆଗମନ ହୋଇଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ବହୁ ସଂଖ୍ୟାରେ ହୁମ୍ମା ଲୁଣ ଜମିରେ ରହିଥିବା ଜଳଆଶୟ ରେ ଜଳକ୍ରୀଡା କରିବା ସହ ଖାଦ୍ୟ ଆହାର କରୁଥିବା ଲକ୍ଷ କରାଯାଇଛି । ନଭେମ୍ବର ମାସରେ ପ୍ରବଳ ଥଣ୍ଡା ସହି ନପାରି ମାଙ୍ଗୋଲିଆ, ଚୀନ, ପାକିସ୍ତାନ, ବାଂଲାଦେଶ, ମିଆଁମାର ସାଲିମର ପ୍ରମୁଖ ଅଞ୍ଚଳରୁ ହଜାର ହଜାର କିଲୋମିଟର ଅତିକ୍ରମ କରି ଆକାଶ ମାର୍ଗରେ ଓଡିଶାକୁ ଆସିଥାନ୍ତି । ଦଳଗତ ଭାବେ ଜଳକ୍ରୀଡା, ବାଲୁକା ଶଯ୍ୟାରେ ଖାଦ୍ୟ ସଂଗ୍ରହ ଓ ଉଡିବାର ମନୋରମ ଦୃଶ୍ୟ ଶୀତ ଦିନେ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥାଏ । ଆଗାମି ଦିନରେ ଏହି ପକ୍ଷୀ ଙ୍କ ସଂଖ୍ୟା ବୃଦ୍ଧି ଘଟିପାରେ ବୋଲି ଯୁବ ପରିବେଶବିତ ରବିନ୍ଦ୍ର ନାଥ ସାହୁ ପ୍ରକାଶ କରିଛନ୍ତି । ଗତ କିଛି ଦିନ ତଳେ ଦୁଇ ଦୁଇ ଥର ସାମୁଦ୍ରିକ



ଝଡ଼ ର ପ୍ରଭାବ ଯୋଗୁଁ ଏହି ପକ୍ଷୀ ଆସିବାରେ ବିଳମ୍ବ ଘଟିଥିବା ଶ୍ରୀ ସାହୁ କହିଛନ୍ତି କିଛି ବର୍ଷ ତଳେ ଋଷିକୁଲ୍ୟା ନଦୀ ଗର୍ଭ ରେ ବାଲୁକା ଶଯ୍ୟା ମଧ୍ୟରେ ପ୍ରାୟ ୫ଶହ ପକ୍ଷୀଙ୍କ ମଧ୍ୟରୁ କେତେକଙ୍କ ଶରୀର ରେ ରିଙ୍ଗ ଲାଗିଥିବା ଋଷିକୁଲ୍ୟା କଇଁଚ ସୁରକ୍ଷା ସମ୍ପାଦକ ତଥା ଯୁବ ପରିବେଶବିତ ରବିନ୍ଦ୍ର ନାଥ ସାହୁ ନିଜ କ୍ୟାମେରାରେ ଚିତ୍ର ଉତ୍ତୋଳନ କରିଥିଲେ । ୨୦୦୯ ମସିହାରେ ମାଙ୍ଗୋଲିଆ ର ଖଚ ହ୍ରଦ, ୨୦୧୧ ମସିହାରେ ହିମାଞ୍ଚଳ ପ୍ରଦେଶର ପିଙ୍ଗ ଡ୍ୟାମ, ୨୦୧୪ ମସିହାରେ ଚିଲିକାର ନଳବଣରେ ନମ୍ବର କରାଯାଇଥିବା ନେଇ ପୋତାଗଡ଼ ଦୁର୍ଗରୁ ଚିହ୍ନଟ କରାଯାଇଥିଲା । ମୁମ୍ବାଇ ର ନେଚୁରାଲ ହିଷ୍ଟ୍ରି ସୋସାଇଟି ଓ ଓ୍ବେଟଲାଣ୍ଡ ଇଣ୍ଟରନେସନାଲ ସଂସ୍ଥା ଏହି ପକ୍ଷୀଙ୍କ ଉପରେ ଗବେଷଣା କରିଆସୁଛନ୍ତି । ଭାରତୀୟ ବନ୍ୟଜୀବ ସଂସ୍ଥା ଡେରାଡୁନ ରୁ ବିଦେଶୀ ପକ୍ଷୀଙ୍କ ସମ୍ପର୍କରେ ତଥ୍ୟ ମିଳିଥାଏ ।

# ମୁଖ୍ୟରାସ୍ତା କଡରେ ବିରାଟ ଗାତ

ଫୁଲନଖରା,୮।୧୨:(ମନ୍ଥନ)ବୟାଳିଶମୌଜା ମୁଖ୍ୟରାସ୍ତା ସଂପ୍ରସାରଣ ବେଳେ ବେଂଟକାର କନକଦୁର୍ଗା ମନ୍ଦିର ନିକଟରେ ରାସ୍ତା ଉପରେ ଥିବା ଏକ ପୋଲକୁ ୮ଫୁଟ ସଂପ୍ରସାରଣ କରାଯାଇଥିଲା । ଏହି ସଂପ୍ରସାରଣ ବେଳେ ପୁରୁଣା ପୋଲଠାରୁ ନୂତନ ପୋଲ ମଧ୍ୟରେ ୫ଫୁଟ ଗଭୀରର ଗାତ ସୃଷ୍ଟି ହୋଇଥିଲା । ରାସ୍ତା ନିର୍ମାଣ କରୁଥିବା ଠିକାଦାର ଏହି ଉଭୟ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ଚାରିଟି ଯାକ ଗାତକୁ ଭର୍ତି ନକରି ସେହିପରି ଛାଡିଦେଇଥିଲେ । ଏହିଠାରେ ରାସ୍ତା ବଙ୍କାଣି ଥିବାରୁ ଏବଂ ଗାତଗୁଡିକ ରାସ୍ତାକୁ ଲାଗିକି ରହୁଥିବାରୁ ଅନେକ ସମୟରେ ପଥଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ସ୍କୁଲ ପିଲାମାନେ ଏହି ଗାତରେ ପଡି ଅନେକଥର ଖଣ୍ଡିଆଖାବରା ହୋଇ ଘରକୁ ଯାଉଛନ୍ତି । ରାସ୍ତା ନିର୍ମାଣକୁ ବର୍ଷେ ପୁରିବାକୁ ବସିଲାଣି । କିନ୍ତୁ ନା ଠିକାଦାର ନା ବିଭାଗୀୟ ଅଧିକାରୀ ଏ ନେଇ କୌଣସି ବିଭାଗୀୟ ପଦକ୍ଷେପ ନେଇନାହାନ୍ତି । ଏନେଇ ଗ୍ରାମବାସୀମାନେ ସେହି ସମୟରେ ଠିକାଦାରଙ୍କ ଦୃଷ୍ଟି



ଆକର୍ଷଣ କରି ଅଭିଯୋଗ କରିଥିଲେ । ମାତ୍ର କୌଣସି ସୁଫଳ ମିଳିପାରିଲା ନାହିଁ । ବିଭାଗୀୟ ଯନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ କରିଲା ପରେ ବିଭାଗ କୌଣସି ପଦକ୍ଷେପ ନେଉନାହିଁ ।ସତେ ଯେପରି ବିଭାଗ ଏକ ବଡ ଅଘଟଣକୁ ଅପେକ୍ଷା କରିଛି । ତେବେ ଏହି ଗାତଟିକୁ ପୋତି ଧନଜୀବନ କ୍ଷତିକୁ ରୋକିବାକୁ ବେଂଟକାର ଗ୍ରାମବାସୀଙ୍କ ସହିତ କାଳୀ ପ୍ରସନ୍ନ ଶତପଥି,ପ୍ରବୋଧ କୁମାର ନନ୍ଦ,ସୁଜିତ ପତି,ରାକେଶ ମହାନ୍ତି ପ୍ରମୁଖ ଦାବି କରିଛନ୍ତି ।

# ଝରିଗାଁଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ

**ନବରଙ୍ଗପୁର,୮।୧୨:(ମନ୍ଥନ)**ନବରଙ୍ଗପୁର ଜିଲ୍ଲାଝରିଗାଁ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ,ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର , ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକ,ବି ଡି ଓ ଶରତ ମାଝୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୨୮ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୧୪ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୪ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା । ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୩ ଟି ହୁଇଲ ଚେୟାର ଏବଂ ୮ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ର ନୂତନ ସହାୟତା କାର୍ଡ ପ୍ରଦାନ କରାଯାଇଥିଲା।୩ ଟି ଅଭିଯୋଗ ର ସମାଧାନ ତତକ୍ଷଣାତ କରାଯାଇଥିଲା ।

# ଡକାୟତି ଯୋଜନା ପଣ୍ଡ, ଜବତ କାରରୁ ମିଳିଲା ନକଲି ସୁନା ଶଙ୍ଖ

**ନବରଙ୍ଗପୁର,୮।୧୨:(ମନ୍ଥନ)**ନବରଙ୍ଗପୁର ଜିଲ୍ଲା ମୈଦଲପୁର ପୋଲିସ ଦ୍ୱାରା ଡକାୟତି ଯୋଜନା ପଣ୍ଡ ସହ ୬ ଡକାୟତକୁ ଗିରଫ କରିଛି, ସେମାନଙ୍କ ଠାରୁ ଗୋଟିଏ କାର ଜବତ କରି କାର କୁ ଯାଞ୍ଚ ବେଳେ କାର ରୁ ନକଲି ସୁନା ଶଙ୍ଖ ଉଦ୍ଧାର କରିଛି । ଯାହାକୁ ନେଇ ଜିଲ୍ଲାରେ ନକଲି ସୁନା ଶଙ୍ଖ ରାକେଟ ସକ୍ରିୟ ଥିବା ସ୍ପଷ୍ଟ ଜଣାପଡିଛି,ଏନେଇ ମୈଦଲପୁର ଥାନାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ । ସୂଚନା ଅନୁସାରେ ଗତ କାଲି ବିଳମ୍ବିତ ରାତିରେ ମୈଦଲପୁର ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ର ରୁ ଖବର ପାଇ ମୈଦଲପୁର ଠାରୁ କଳାହାଣ୍ଡି କୁ ସଂଯୋଗ କରୁଥିବା ଅମ୍ବଡାପଦର ଛକ ତଥା ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ କିଛି ଲୋକ ଏକ କାର ରେ ବସି ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ଡକାୟତି ପାଇଁ ଯୋଜନା କରୁଥିବାର ସୂଚନା ପାଇଥିଲେ,ତୁରନ୍ତ ମୈଦଲପୁର ପୋଲିସ ସେଠାରେ ଚଢ଼ାଉ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବଳରାମ ଅନ୍ଧାରର ସୁଯୋଗ ନେଇ ଖସି ଯାଇଥିଲା ଅନ୍ୟ ୬ ଜଣଙ୍କୁ ପୋଲିସ କାବୁ କରି ଥାନାକୁ ଆଣି ଥିଲେ । ଅଭିଯୁକ୍ତ ମାନେ ହେଲେ ଡାବୁଗାଁ ଥାନା ଅଞ୍ଚଳ ଋଟିଗୁଡା ଗାଁ ର ରାମ ଋଲାଣ ଓ ଗୋପାଳ ମାଝୀ, ମାଝୀଗୁଡା ଗ୍ରାମର ଅସ୍ତୁ ମାଝୀ, ତ୍ରିପତି ବିନ୍ଧାଣି ଓ କୋଡ଼ିଙ୍ଗା ଥାନା ଅଞ୍ଚଳ ର କ୍ରୀଷ୍ଟ ପନକା ଏବଂ ଉମରକୋଟ ଥାନା ଅଞ୍ଚଳ ଭୀମାଗୁଡା ଗ୍ରାମର ଉମେଶ ରାଜ ଭାରତୀ, ତେବେ ଜବତ କାର କୁ ଯାଞ୍ଚ ସମୟ ରେ ସେମାନଙ୍କ ନିକଟରୁ ପ୍ରାୟ ୪ କିଲୋ ଓଜନ ର ଏକ ନକଲି ସୁନା ଶଙ୍ଖ ଉଦ୍ଧାର କରିଛି ପୋଲିସ । ଯାହାକୁ ବିକ୍ରି କରିବାକୁ ଉଦ୍ୟମ କରୁଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି । ଏହା ବ୍ୟତୀତ ସେମାନଙ୍କ ଠାରୁ ନଅଟି ମୋବାଇଲ ଫୋନ, ଗୋଟିଏ ଖଣ୍ଡା , ଦୁଇଟି ସ୍କ୍ରୁ ଡ୍ରାଇଭର , ଦୁଇଟି ଛୁରୀ, ଛଅ ଟି ମାସ୍କ,ମରିଚ ଗୁଣ୍ଡ,ନଗଦ ୧୪ ହଜାର ୩୨୦ ଟଙ୍କା ଏବଂ ଓଡ଼୧୦ଣ୪୨୭୦ ନମ୍ବର ର ଗୋଟିଏ ଧଳା ରଙ୍ଗର ମାରୁତି ଡଖ ୬ କାର ସହ ଡକାୟତି ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସାମଗ୍ରୀ ଜବତ କରିଛି ପୋଲିସ , ଗିରଫ ସମସ୍ତ ଅଭିଯୁକ୍ତ ଙ୍କୁ କୋର୍ଟ ଋଲାଣ କରାଯାଇଛି । ନକଲି ସୁନା ଶଙ୍ଖ କୁ ସୁନା ଶଙ୍ଖ କହି କାହାକୁ ଠକି ଥାଆନ୍ତେ, ନବରଙ୍ଗପୁର ଜିଲ୍ଲାରେ ପୂର୍ବରୁ ନକଲି ସୁନା ସୁନା ଶଙ୍ଖ ରାକେଟ ଋଲୁଥିବା ବେଳେ ପୋଲିସ ର ଧରପଗଡ଼ ଯୋଗୁଁ ବନ୍ଦ ଥିଲା ଏହି ଘଟଣା ପରେ ପୁଣି ନକଲି ସୁନାଶଙ୍ଖ ରାକେଟ ଋଲିଥିବା ସ୍ପଷ୍ଟ ହୋଇଛି ।

# ଜଳେଶ୍ୱରରେ ଯୁବ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ,ଥାନାରେ ଲିଖିତ ଅଭିଯୋଗ

ଜଳେଶ୍ୱର,୮।୧୨:(ମନ୍ଥନ)ପୁରୁଣା ଘରେ ରଙ୍ଗ ବୋଲି ନେଇ ଗଲେ ଟଙ୍କା ଆଜି 'ସକାଳ' ଦୈନିକ ଖବର କାଗଜରେ ପ୍ରକାଶନ ପରେ ଜଣେ ଯୁବସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ଆଜି ସକାଳ ଖବର କାଗଜରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକରେ ରାଇବଣିଆ ଅଂଚଳର ଏକ ଖବର ପ୍ରକାଶିତ ହୋଇଥିଲା । ଏହି ଖବରର ଶୀର୍ଷକ ଥିଲା ପୁରୁଣା ଘରେ ରଙ୍ଗ ବୋଲି ନେଇ ଗଲେ ଟଙ୍କା । ଏହି ଅଭିଯୋଗ ସମ୍ପର୍କରେ ଗତ ନଭେମ୍ବର ୨୪ ତାରିଖରେ ଜିଲ୍ଲାପାଳଙ୍କୁ ଜଳେଶ୍ୱର ଠାରେ ଜନ ଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ସାମ୍ବାଦିକ ଅଂଶୁମୋଚନ ଘୋଷ ଦୈନିକ ସକାଳ ଖବର କାଗଜରେ ଏହି ଖବର ପ୍ରକାଶ କରିଥିଲେ । ଶ୍ରୀ ଘୋଷ ଆଜି ଖବର ସଂଗ୍ରହ କରିବାକୁ ଯିବା ସମୟରେ ୪ ଜଣ ଲୋକ ତାଙ୍କୁ ଅଟକାଇ ଥିଲେ, ଏଭଳି ଖବର କାହିଁକି କରିଛୁ, କହି ହଠାତ ମରଣାନ୍ତକ ଆକ୍ରମଣ କରିଥିଲେ । ସେ ଗୁରୁତର ହେବାରୁ ତାଙ୍କୁ ଲୋକେ ଛାଡି ପଳାଇ ଥିଲେ । ଗୁରୁତର ଅବସ୍ଥାରେ ଶ୍ରୀ ଘୋଷଙ୍କୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଘଟଣା ସଂପର୍କରେ ରାଇବଣିଆ ଥାନାରେ ଏକ ଏତଲା ଦିଆଯାଇଛି । ଏହି ଆକ୍ରମଣ ଘଟଣାକୁ ଜଳେଶ୍ୱର ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନେ ଦୃଢ଼ ନିନ୍ଦା କରିବା ସହିତ ଦୋଷୀ ବ୍ୟକ୍ତି ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ।

# ଅସ୍ତରଙ୍ଗରେ ଜିଲ୍ଲା ପ୍ରଶାସନର ଜନଶୁଣାଣି ଶେଷ

**ଅସ୍ତରଙ୍ଗ,୮।୧୨:(ମନ୍ଥନ)** ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ସୋମବାର ଦିନ ଅସ୍ତରଙ୍ଗ ବ୍ଲକ ସଭା ଗୃହରେ ୧୫ ଗୋଟି ଗ୍ରାମପଞ୍ଚାୟତ କୁ ନେଇ ଜନ ଶୁଣାଣି ବା ଅଭିଯୋଗ ପ୍ରକୋଷ୍ଠ ଅନୁଷ୍ଠିତ ହୋଇ ଯାଇ ଅଛି । ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଏହାର ନେତୃତ୍ୱ ନେଇଥିଲେ । ଏହି ଶୁଣାଣୀ ଶିବିର ରେ ୨୦୦ଗୋଟି ଅଭିଯୋଗ ବିଚାର ପାଇଁ ପଡି ଥିବା ବେଳେ,ରାସ୍ତା,ଭତ୍ତା, ରାସନ କାର୍ଡ, ଇନ୍ଦିରା ଆବାସ,ପାନୀୟଜଳ, ବିଶେଷ କରି ବିଭିନ୍ନ ପଞ୍ଚାୟତ ର ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଅଭିଯୋଗ ମିଳିଥିଲା । ସମୟ ଅତିବାହିତ ହୋଇ ଯାଇ ଥିବାରୁ କେତେକହିତାଧିକାରୀ ତାଙ୍କର ଅଭିଯୋଗ ପତ୍ର ଦାଖଲ କରି ନ ପାରି ଫେରି ଯାଇ ଥିବାର ଦେଖିବାକୁ ମିଳିଥିଲା । ଏହି ଶୁଣାଣି କାର୍ଯ୍ୟକ୍ରମ ରେ, ସି ଡି ଏମ ଓ, ଅକ୍ଷୟ କୁମାର ଶତପଥୀ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶୀ ନୀ ପତି, ବିଡ଼ିଓ ସସ୍ମିତା ବେହେରା,ବ୍ଲକ ଅଧକ୍ଷା ଆରତୀ ନାଏକ ନିମାପଡା ଏସ ଡି ପି ଓ, ଜନାର୍ଦ୍ଧନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଶୁଣାଣୀ ରେ ଭାଗ ନେଇଥିବା ବେଳେ, ସମସ୍ତ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ସ୍ୱାସ୍ଥ୍ୟ ହିଁ ସମ୍ପଦ ସ୍ୱାସ୍ଥ୍ୟ ବ୍ୟବସ୍ଥା କୁ ଗୁରୁତ୍ୱ ଦେଇ ଅସ୍ତରଙ୍ଗ ପ୍ରେସ୍ କ୍ଲବ୍ ଓ ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘ ର ସଭାପତି ଶରତ କୁମାର ପରିଡ଼ା, ସମ୍ପାଦକ ବୃନ୍ଦାବନ ବିଶ୍ୱାଳ ସୋସିଆଲ ମିଡ଼ିଆ ର ସଂଯୋଜକ ଅଲେଖ ବିଶ୍ୱାଳ ସହ ସମସ୍ତ କର୍ମକର୍ତ୍ତା ସଦସ୍ୟ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଶରତ ବେହେରା ଙ୍କୁ ଦାବିପତ୍ର ଦେଇଥିଲେ । ଘଟଣା ର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ବହୁ ଜଲଦି ସମସ୍ୟା ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଯାଜପୁର ସହରର ଲିଡ଼ର୍ସ କ୍ଲବ ତରଫରୁ ସ୍ୱର୍ଗତ କୁମାର କିଙ୍କର ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା

ଯାଜପୁର,୮।୧୨:(ମନ୍ଥନ)ଯାଜପୁର ସହରର ସର୍ବପୁରାତନ ଲିଡ଼ର୍ସ କ୍ଲବ ତରଫରୁ ସ୍ୱର୍ଗତଃ କୁମାର କିଙ୍କର ନାୟକଙ୍କର ଅକସ୍ମାତ୍ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଲିଡ଼ର୍ସ କ୍ଲବର ସଭାପତି ନାରାୟଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ଯାଜପୁରର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦିବଂଗତ କୁମାର ନାୟକ ଜଣେ ମେଳାପୀ, ଲୋକପ୍ରିୟ, ଆଦର୍ଶବାଦୀ ମଣିଷ ଥିଲେ । ସେ ଲିଡ଼ର୍ସ କ୍ଲବର ଜଣେ ପ୍ରମୁଖ ସଦସ୍ୟ ଭାବରେ ୮ନଂ. ଜର୍ସିରେ ଫୁଟ୍‌ବଲ ଖେଳିବାକୁ ଖୁବ୍ ଭଲ ପାଉଥିଲେ । ସେ କଂଗ୍ରେସ ସେବା ଦଳର ମଧ୍ୟ ପ୍ରମୁଖ ସଦସ୍ୟଥିଲେ । ସେ ଖୁବ୍ ସାହାଯ୍ୟକାରୀ ଲୋକଭାବରେ ବହୁତ ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ସହଯୋଗ କରୁଥିଲେ । ସେ ଯାଜପୁର ରୋଡ଼ ଠାରେ କାର୍ଯ୍ୟ କରୁଥିବା ଯାଜପୁର କ୍ରେଡିଟ୍ କୋପରେଟିଭ୍ ବ୍ୟାଙ୍କର ସଭାପତି ଥିଲେ । ତାଙ୍କ ଘରେ ଦିବ୍ୟଜୀବନ ସଂଘ, ଯାଜପୁର ସହରର ପ୍ରଥମ ଶାଖା ସ୍ଥାପିତ ହୋଇ କାର୍ଯ୍ୟ କରୁଥିଲା । ସେ ସଦାସର୍ବଦା ଧଳା ପୋଷାକ ପରିଧାନ କରିବାକୁ ଭଲ ପାଉଥିଲେ । ତାଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ସ୍ମରଣିକା ପ୍ରକାଶ ପାଇବା ସହ ଗୋଟିଏ ସ୍ମରଣିକା କମିଟି ଗଠନ କରିବା ପାଇଁ ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ ପ୍ରସ୍ତାବ ଦେଇଥିଲେ । ତାଙ୍କର ଏହି ମର୍ମନ୍ତୁଦ ଆକସ୍ମିକ ବିୟୋଗରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ଏମ.ପି. ଅଞ୍ଚଳ ଦାସ, ପୂର୍ବତନ ଜିଲ୍ଲାପରିଷଦ ଉପାଧକ୍ଷ ଦିଗାମ୍ବର କର ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, କଂଗ୍ରେସ ନେତା ସୁଦୀପ କୁମାର କର, ପୂର୍ବତନ ପି.ସି.ସି. ସାଧାରଣ ସଂପାଦକ ଶିଶିର କୁମାର ନାୟକ, ପ୍ରାଧ୍ୟାପକ ଦାମୋଦର ବେହେରା, ହୃଷିକେଶ ପତି, ଦୁର୍ଯ୍ୟୋଧନ ବେହେରା, ନକୁଳଦେବ ସାହୁ, ବିଜେଡ଼ିର ବଳଭଦ୍ର ଦାସ, ନିକୁଞ୍ଜ ସାମଲ, ଭାସ୍କର ମହାନ୍ତି, ପ୍ରଦୀପ କୁମାର ଜେନା, ଲୋକନାଥ ମିଶ୍ର, ଚନ୍ଦ୍ରଶେଖର ପତି, ବିଭୂତି ଭୂଷଣ ମହାପାତ୍ର, ଗୋବିନ୍ଦ ସାମଲ, ପ୍ରଭାତ କୁମାର ଦାସ, ସାମ୍ବାଦିକ ତପନ ମହାରଣ୍ୟ, ଦେବେନ୍ଦ୍ର ମହାରଣ୍ୟ, ରବିନ୍ଦ୍ର କୁମାର ମହାରଣା, କଲ୍ୟାଣୀ ନାୟକ, ବିଜୟ ମହାରଣା, ସାମ୍ବାଦିକ ସମରଜିତ୍ ମହାନ୍ତି, ଅଧିକାରୀ ନବ କିଶୋର ଦାସ, ଗୋବିନ୍ଦ ବେହେରା, ବିଦ୍ୟାଧର ବାରିକ, ରବିନ୍ଦ୍ର କୁମାର ରାଉତ, ଦେବାଶୀଷ ରାୟ, ରତନ ଦତ୍ତ, ଜଗତ୍ ନାୟକ, ପ୍ରକାଶ ମହାନ୍ତି, ଉପେନ୍ଦ୍ର ମିଶ୍ର, ବୀଣାପାଣୀ ନାୟକ, ଅଶୋକ ଦାଶ, ନନ୍ଦ କିଶୋର ନାୟକ, କୀର୍ତ୍ତନ ବଲ୍ଲଭ ରାୟ, କୈଳାସ ମିଶ୍ର, ବିଜୟ ମହାପାତ୍ର, ବାବୁଲି ସାହୁ, ଶ୍ରୀଜୟ ମହାପାତ୍ର, ଗୁଣମଣି ପାଣିଗ୍ରାହୀ, ଅକ୍ଷୟ ମିଶ୍ର, ବିଜୟ କୁମାର ସାହୁ ଓ ଜନାର୍ଦ୍ଦନ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଲିଡ଼ର୍ସ କ୍ଲବ ସଂପାଦକ ଦିଲ୍ଲୀପ କୁମାର ଦାଶ ସଂଯୋଜନା କରିଥିଲେ ।

# ରଘୁନାଥପୁର ଅଂଚଳରେ ଇଲେକ୍ଟ୍ରିର ଲୁଚକାଳି ଖେଳ

ଜଗତସିଂହପୁର,୮।୧୨:(ମନ୍ଥନ) ରଘୁନାଥପୁର ବ୍ଲକ ଅଂଚଳରେ ଦୈନିକ ଇଲେକ୍ଟ୍ରିର ଲୁଚକାଳି ଖେଳ ଅଂଚଳବାସୀଙ୍କ ପାଇଁ ଅସହ୍ୟ ହୋଇ ପଡ଼ିଲାଣି । ମଣିଷର ଦୈନିକ ଚଳଣୀରେ ଇଲେକ୍ଟ୍ରି ଲାଇନ ବର୍ତ୍ତମାନ ଅତ୍ୟାବଶ୍ୟକ ହୋଇ ପଡ଼ିଛି । ଏହା ବ୍ୟତୀତ କୌଣସି କାର୍ଯ୍ୟ ହୋଇ ପାରୁନଥିବା ବେଳେ ରଘୁନାଥପୁର ଟିପିସିଓଡିଏଲ ଇଲେକ୍ଟ୍ରି ବିଭାଗ ଅଧିନରେ ଥିବା ଅନେକ ଗ୍ରାମର ଲୋକମାନେ ଦୈନିକ ବିଦ୍ୟୁତ କାଟ ଯୋଗୁଁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗରୁ ଜଣାଯାଇଛି । ପୂର୍ବରୁ କଟକ ପୋଡ଼ପଡା ଅଂଚଳରୁ ଦୀର୍ଘ ୩୨କିମି ବାଟ ଲାଇନ ଟଣା ଯାଇଥିବାରୁ ରଘୁନାଥପୁର ଅଂଚଳରେ ଏହି ସମସ୍ୟା ଦୀର୍ଘ ବର୍ଷ ଧରି ରହି ଆସିଥିଲା । ଅଂଚଳବାସୀଙ୍କ ବାରମ୍ବାର ଆପତ୍ତି ଅଭିଯୋଗ ପରେ ପୂର୍ବତନ ୫ଟି ସଚିବଙ୍କ ନିର୍ଦ୍ଦେଶ କ୍ରମେ ରଘୁନାଥପୁରରେ ଇଲେକ୍ଟ୍ରି ଲାଇନ ସମସ୍ୟାର ସମାଧାନ ପାଇଁ ଜଗତସିଂହପୁର,ଚିକିଣିଆ । ଓ ପୋଡପଡା ଗ୍ରୀଡରୁ ଏଠାକୁ କୋଟି କୋଟି ଟଙ୍କା ବିନିମୟରେ ୩ଟି ଲାଇନ ସଂଯୋଗ କରା ଯାଇଥିଲା । ପରନ୍ତୁ ଏତେସବୁ ପରେ ମଧ ରଘୁନାଥପୁର ଅଂଚଳରେ ଲାଇନ ସମସ୍ୟା ଯଥା ପୂର୍ବଂ ତଥା ପରଂ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏ ବାବଦରେ ବିଭାଗୀୟ ଅଧିକାରୀଙ୍କୁ ପଚରିବାରୁ ରାସ୍ତା କଡ଼ରେ ଲାଇନ ତାର ଯାଇଥିବା ଏବଂ ଏଥିରେ ଗଛ ଡ଼ାଳ ଲାଗୁଥିବାରୁ ଡାଳ କଟାଯିବା ପାଇଁ ଲାଇନ କଟା ଯାଉଥିବା ଜଣାଇଛନ୍ତି । ତେବେ ଭବିଷ୍ୟତ ଚିନ୍ତା ନକରାଯାଇ ବନ ବିଭାଗ ପକ୍ଷରୁ କଟକ ପାରାଦୀପ ରାଜରାସ୍ତାର ଦୁଇ ପାର୍ଶ୍ୱରେ ଗଛ ଲଗା ଯିବା ଅଂଚଳବାସୀଙ୍କ ପାଇଁ ମହଙ୍ଗା ପଡ଼ିଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଟିପିସିଓଡିଏଲ ବିଭାଗ ଓ ସରକାର ଉଭୟେ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ କରାଯାଇଛି ନତୁବା ଆଗାମୀ ଦିନରେ ଅଂଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜଣାଯାଇଛି ।

# ବାଲିଗୁଡା ସବ ଡିଭିଜନ ରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ

କନ୍ଧମାଳ,୮।୧୨:(ମନ୍ଥନ)ବାଲିଗୁଡା କନ୍ଧମାଳ ଜିଲ୍ଲାର ଏକ ବଡ଼ ବ୍ୟବସାୟ ପେଣ୍ଠ ସ୍ଥଳୀ । ଜିଲ୍ଲାର ଅନ୍ୟାନ ୧୧ଗୋଟି ବ୍ଲକ ମଧ୍ୟରୁ ବାଲିଗୁଡା ରେ ଜିନିଷ ପତ୍ର ଆଂଶିକ କମ ଦରରେ ମିଳେ ।ତେଣୁ ସବୁ ବେଳେ ପ୍ରବଳ ଭିଡ ହୁଏ ଏବଂ ଆଶାତୀତ ଭାବେ ଜାନ ବାହାନ ର ଚଳାଚଳ ହୁଏ । ଟ୍ରାଫିକ ବ୍ୟବସ୍ଥା ବୋଲି କିଛି ନାହିଁ । ବସ ଷ୍ଟାଣ୍ଡ ଠାରୁ ପି ଡବ୍ଲ୍ୟୁ ଛକ ପର୍ଯ୍ୟନ୍ତ ନାହିଁ ନଥିବା ଟ୍ରାଫିକ ଯାମ ହେଉଛି । ଟ୍ରାଫିକ ନିୟନ୍ତ୍ରଣ କରିବାକୁ କେହି ନାହିଁ ।ରାସ୍ତାରେ ଅନ୍ୟାନ୍ୟ ଅଞ୍ଚଳ ଭଳି ରାସ୍ତା ମଝିରେ ଡ଼ି ଭାଇଡ଼ର ଚିହ୍ନ ବା ହ୍ୱାଇଟ ଟ୍ରାକ ନାହିଁ । ଅବଶ୍ୟ ମାଓ ପ୍ରବଳ ଅଞ୍ଚଳ ହୋଇଥିବାରୁ ବାଲିଗୁଡାରେ ଜଣେ ଆଇପିଏସ ଅଫିସର ଙ୍କୁ ଅବସ୍ଥାପିତ କରିଆସୁଛନ୍ତି ସରକାର । ତେବେ ଟ୍ରାଫିକ ବ୍ୟବସ୍ଥା ର ଶୁଭ ଆରମ୍ଭ କରିବାକୁ ସର୍ବସାଧାରଣରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ପଡୁ ବୋଲି ମତାମତ ପ୍ରକାଶ ପାଉଛି ।

# ଭାବେ ବଂଧା ମୁନୁସ୍ ଜିବନ୍ ତହଁକ ତହଁକ୍ କୁଟୁମର ଭାବର ଭେଟ୍

୮।୧୨:(ମନ୍ଥନ)ଭାବରେ ମଣିଷ ବନ୍ଧା ଭାବ ହିଁ ମଣିଷ କୁ ନିବିଡ ସମ୍ପର୍କ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସ୍ଥାନିୟ ପଥରଚେପା ପଞ୍ଚବଟୀ ଉଦ୍ୟାନରେ ତହଁକ ସାହିତ୍ୟ କୁଟୁମର ଭାବର ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାହିତ୍ୟିକ ଓ ସାମ୍ବାଦିକ ମାନଙ୍କ ମଧ୍ୟରେ ଭାବ ବିନିମୟ ହୋଇଥାଏ । କୋସଲି ଭାସାର ସାମ୍ବିଧାନିକ ମାନ୍ୟତରେ ଅବହେଳା କେଉଁଠି ଏବଂ ଏହା ଉପରେ ସାମ୍ବାଦିକ ଓ ସାହିତ୍ୟକ ମାନଙ୍କ ଭୂମିକା କେତେ ଆବଶ୍ୟକ ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ କବି ଓ ସାମ୍ବାଦିକ । ଆଗାମୀଦିନରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ରଖାଯାଇଥିଲା । ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ମନୋରଞ୍ଜନ ଯୋଷୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମୁକେଶ ବହିଦାର, ବିଭୂକଲ୍ୟାଣ ଗଡତ୍ୟା, ଅଭିଲାଶ ହୋତା, ସାନୁଜ ମିଶ୍ର ଯୋଗଦେଇ ତହଁକର ଭାସା ଆନ୍ଦୋଳନ ଆଗାମୀ ଦିନରେ ନିଶ୍ଚୟ ଏକ ଉଲଗୁଲାନ ସୃଷ୍ଟି କରିବ ବୋଲି ମତ ରଖିଥିଲେ ।କବି ନିରଞ୍ଜନ ପଣ୍ଡା, ନିରୁପମା ମିଶ୍ର, ଗୋପାଳ ମେହେର, ମଞ୍ଚାସୀନ ଥିବାବେଳେ କବି ଶ୍ରୀଯାକାନ୍ତ ଦାସ ସଭା ସଂଯୋଜନା କରିଥିଲେ । ସଂପାଦକ ରାଜେଶ ଦଣ୍ଡସେନା ତହଁକ ପ୍ରତି ସାମ୍ବାଦିକ ମାନଙ୍କର ସହଯୋଗ ହିଁ ଅନୁଷ୍ଠାନ ଏବଂ ଭାଷା କୁ ଆଗକୁ ନେବାରେ ଉତ୍ସାହିତ କରୁଛି ବୋଲି କହିଥିଲେ, ମୁଖ୍ୟ ସଂପାଦକ ଅର୍ଜୁନ କୁମାର ସାହୁ ତହଁକ କୋସଲି ଭାସାର ସୁରକ୍ଷାରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଁ ଆଗାମୀଦିନରେ ଲୋକଙ୍କ ଭିତରେ ସଚେତନ କରିବାକୁ ପ୍ରଚେଷ୍ଟା କରାଯିବ ବୋଲି ମତ ରଖିଥିଲେ । ଏହି ଅବସରରେ ମନ୍ଥନ ଖବରକାଗଜ ଜିଲ୍ଲା ପ୍ରତିନିଧି ମହେନ୍ଦ୍ର ପଧାନ ଏବଂ ଅବାହୁତାଶର ସମ୍ପାଦକ ନିରଞ୍ଜନ ତ୍ରିପାଠୀ କୁ ସମ୍ମାନିତ କରାଯାଇଥିଲା । କବି ମିଲନ ପଣ୍ଡା, ଭରତ ମେହେର, ଦିଲ୍ଲିପ ମିଶ୍ର, ସୁଦେଷ୍ଣା ମିଶ୍ର, ପ୍ରଭାସିନି ଭୋଇ, ରବିନ୍ଦ୍ର କୁମାର ସାହୁ, ସୁଶାନ୍ତ ବାଗ କାର୍ଯ୍ୟକ୍ରମ ରେ ସହଯୋଗ କରିଥିବା ବେଳେ କବି ଗୋପିନାଥ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ମାହେଶ୍ୱରୀ ମହୋତ୍ସବ ୨୦୨୫

ବଲାଙ୍ଗୀର,୮।୧୨:(ମନ୍ଥନ)ମାଁ ମାହେଶ୍ୱରୀ ସେନା ତରଫରୁ ୪ର୍ଥ ବାର୍ଷିକ ପାଇଁ ମାହେଶ୍ୱରୀ ମହୋତ୍ସବ ଆୟୋଜିତ ହୋଇଯାଇଛି । ଆମ ଅଂଚଳର ସଂସ୍କୃତି ପରମ୍ପରା ପ୍ରଚାର ପ୍ରସାର ଏବଂ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ମାଁ ମାହେଶ୍ୱରୀ ସେନା ର ଏକ ପ୍ରୟାସ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ସହଯୋଗରେ ମାଁ ମାହେଶ୍ୱରୀ ସେନା ତରଫରୁ ଡିସେମ୍ବର ୬ ଓ ଡିସେମ୍ବର ୭ ତାରିଖ ଦୁଇଦିନ ଧରି ବଲାଙ୍ଗୀର କୋଶଳ କଳାମଣ୍ଡପ ବଲାଙ୍ଗିର ଠାରେ ମାହେଶ୍ୱରୀ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବର ପ୍ରଥମ ଦିନରେ କିରାବାହାଲ, ରାନିପାଲି ସ୍ଥିତ ମାଁ ମାହେଶ୍ୱରୀ ମନ୍ଦିର ଠାରେ ପ୍ରଥମେ ପୂଜାର୍ଚ୍ଚନା ହୋଇ ଏକ ବିଶାଳ ମସାଲ ଶୋଭାଯାତ୍ରା ବଲାଙ୍ଗିର ସହରଅଭିମୂଖେ ବାହାରିଥିଲା । ବଲାଙ୍ଗିର ସହର ପି.ଆର୍ ହାଇସ୍କୁଲ ପଡିଆଠାରୁ ଏହି ଶୋଭାଯାତ୍ରା ପାଟଣେଶ୍ୱରି ମନ୍ଦିର-ସମଲେଇ ମନ୍ଦିର ହୋଇ କୋଶଳ କଳାମଣ୍ଡପ ଠାରେ ପହଂଚିଥିଲା । ଏହି ଶୋଭାଯାତ୍ରାରେ ପାଖାପାଖି ୨୦୦୦ ରୁ ଅଧିକ ଲୋକ ସାମିଲ ହୋଇଥିବା ବେଳେ ପାରମ୍ପରିକ ସିଂହବାଦ୍ୟ, ବାଲିଖେଳ, ଦୁଲ୍‌ଦୁଲି, ଘୁଡକା ଓ ପରସୌଭା ନୃତ୍ୟ ମଧ୍ୟସାମିଲ ହୋଇଥିଲେ । ମାହେଶ୍ୱରୀ କଳାମଣ୍ଡପ ଠାରେ ପହଂଚିବା ପରେ ମଂଚ ପୂଜା କରାଯାଇଥିଲା ଏବଂ ଆନୁଷ୍ଠାନିକ ଭାବରେ ଏହି ମହୋତ୍ସବ ଉଦ୍ଘାଟନ ହୋଇଥିଲା ।ଏହି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଡୁମାଲ ସମାଜ ପରିଷଦ ସଭାପତି ଦୟାସାଗର ମେଣ୍ଡୁଲି, ରାଜ୍ୟ ଡୁମାଲ ପରିଷଦ ଯୁବ ସଭାପତି ତଥା ଦେଓଗାଁ ବ୍ଲକ ଅଧକ୍ଷ ତଥା ମାଁ ମାହେଶ୍ୱରୀ ସେନା ଉପଦେଷ୍ଟା ଦୟାନିଧି ଖମାରୀ, ରାଜ୍ୟ ଡୁମାଲ ପରିଷଦ ପୂର୍ବତନ ସଭାପତି ସୁଧିର କର୍ଣ୍ଣ, ରାଜ୍ୟ ଡୁମାଲ ପରିଷଦ ବଲାଙ୍ଗିର ଜିଲ୍ଲା ସଭାପତି ଲମ୍ବୋଦର ମହାକୁର, ରାଜ୍ୟ ଡୁମାଲ ପରିଷଦ ବୌଦ୍ଧ ଜିଲ୍ଲା ସଭାପତି ଶିତାଂସୁ ଶେଖର ମହାକୁଡ, ରାଜ୍ୟ ଡୁମାଲ ପରିଷଦ ବରଗଡ ଜିଲ୍ଲା ସଭାପତି ଗଣେଷ ପ୍ରଧାନ, ଓଡିଶା ପ୍ରଶାସନିକ ଅଧିକାରୀ କାର୍ଯ୍ୟରତ ଆର୍ତ୍ତତ୍ରାଣ ଥାଟି, ରାଜ୍ୟ ଡୁମାଲ ପରିଷଦ ଅନୁଗୁଳ ସଭାପତି ଭଗବାନ କର୍ଣ୍ଣ, ରାଜ୍ୟ ଡୁମାଲ ପରିଷଦ ମହିଳା ସଭାନେତ୍ରୀ ହେମବତୀ କରନ, ମାହେଶ୍ୱରୀ ସେନା ଉପଦେଷ୍ଟା ମୁରଲୀ ମହାକୁର, ମାହେଶ୍ୱରୀ ସେନା ଉପଦେଷ୍ଟା ସୁଧୀର ମହାକୁଡ଼, ମାହେଶ୍ୱରୀ ସେନା ଉପଦେଷ୍ଟା ସଂଯୁକ୍ତା ପ୍ରଧାନ ଯୋଗ ଦେଇଥିଲେ । ଏହି ଉଦଘାଟନୀ ସଭାରେ ମାହେଶ୍ୱରୀ ସେନା ରାଜ୍ୟ ସଭାପତି ଥବିର କର୍ମି ଅତିଥି ପରିଚୟ କରିଥିବା ବେଳେ ଦୟାନିଧି ଖାମାରୀ ସଭା ସଂଯୋଜନା କରିଥିଲେ ଶେଷରେ ମାହେଶ୍ୱରୀ ସେନା କାର୍ଯ୍ୟକାରୀ ସଭାପତି କୁବେର ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ଉପସ୍ଥିତ ଅତିଥି ମାନେ ମାହେଶ୍ୱରୀ ସଂସ୍କୃତି ଓ ଆଜିର ସମାଜରେ ଯୁବ ପୀଢିଙ୍କ ଭୂମିକା ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ ।ଓଡିଶା ପ୍ରଶାସନିକ ସେବା କାର୍ଯ୍ୟରତ ଆର୍ତ୍ତତ୍ରାଣ ଥାଟିକୁ ସମ୍ମାନିତ କରିବା ସହ ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା । ପରେ ବଉଳି କଳା ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ୨ୟ ଦିବସ ଉଦଯାପନୀ ସମାରୋହରେ ମାଂଚ୍ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା ଯ ଆଜିର ଏହି ଉଦଯାପନୀ ଉତ୍ସବରେ ମାଁ ମାହେଶ୍ୱରୀ ସେନାର ସମସ୍ତ ଉପଦେଷ୍ଟା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଫକିର କର୍ଣ୍ଣ, ଦୟାନିଧ ଖମାରୀ, ଶିବ ପଧାନ, ସୁଧୁର ମହାକୁଡ, ପୁଷ୍ପାଞ୍ଜଳି କଲତା, ସରୋଜ କମ, ମୁରଲୀ ମହାକୁର, ଲୋକନାଥ ଗେଜୋ, ଦେବଜାନୀ ମେଶୁଆ, ଯୋଗ ଦେଇଥିଲେ । ମାଁ ମାହେଶ୍ୱରୀ ସେନାର ସମସ୍ତ ସଦସ୍ୟ ମାନଙ୍କୁ ଉତ୍ସାହିତ କରିବା ସହ ସମାଜର ହିତ ପାଇଁ କରୁଥିବା ସମସ୍ତ କାର୍ଯ୍ୟ ପାଇଁ ତାଙ୍କୁ ପ୍ରସଂଶା କରିଥିଲେ । ଏହି ପରିପେକ୍ଷୀରେ ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ, ବ୍ୟକ୍ତି ବିଶେଷ, ବିଭିନ୍ନ ପ୍ରତିଭା ମାନଙ୍କୁ ସମ୍ମାନିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଶଙ୍କର ବେହେରା ସଂଗୀତ ସାଧନା ଓ ଗ୍ରୁପ, ବରିଷ୍ଠ କଳାକାର ନବୀନ କୁଅଁର ସହ ଅମର ଦାସ, ହିମାନୀ ହଂସରାଜ, ରକଷ୍ଟାର ଡ୍ରିମ ଗ୍ରୁପ୍ ନିବାସ ଙ୍କ ଗୀତରେ ଝୁମୀ ଉଠିଥିଲା କୋଶଳ କଳାମଣ୍ଡପ ପଡିଆ । ।

## ଗୌଡ ସମାଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

କୁଚିଣ୍ଡା,୮।୧୨:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ ଅନ୍ତର୍ଗତ ବାରଗାଡ ଝରିଆ । ଗୌଡ ସମାଜ ପକ୍ଷରୁ ପାଞ୍ଚଦିନ ଧରି ଋଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏଥିରେ ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ଝରିଆ । ଗୌଡ ସମାଜର ମୋଟ ୧୬ଗୋଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଝାରସୁଗୁଡ଼ା ଜିଲ୍ଲାର ମୁରାଦିପାଲି ଓ ଗୌଡ ପାନପାଲି ମଧ୍ୟରେ ହୋଇଥା ବେଳେ ମୁରାଦିପାଲି ଋମ୍ପିୟନ ହୋଇଥିଲା ।ଟୁର୍ଣ୍ଣାମେଣ୍ଟରେ ଶ୍ରବଣ କୁମାର ନାଏକ, ଆଶିଷ ରାଉତ, ସୁଧିର ଗୌଡ,ଅମର ଗୋପାଲ,ତପନ କର୍ତ୍ତା ପ୍ରମୁଖ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ । କିଶୋର କୁମାର ଗୋପାଳଙ୍କ ସଭାପତିତ୍ୱରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ସମ୍ବଲପୁର ଜିଲ୍ଲା ଯାଦ ସମାଜ ସଭାପତି ବିରଞ୍ଚି ନାରାୟଣ ଦର୍ଜୀ ମୁଖ୍ୟଅତିଥି, ସାଧାରଣ ସମ୍ପାଦକ ଦେବାନନ୍ଦ ଖର୍ସେଲ ମୁଖ୍ୟବକ୍ତା,ଦେବେନ୍ଦ୍ର ଗୋପାଳ,ଜିତୁ ଗୋପାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ।

ମଙ୍ଗଳବାର ୯ ଡିସେମ୍ବର, ୨୦୨୫ ଭୁବନେଶ୍ୱର
TUESDAY 9 DECEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସ୍ୱପ୍ନ ସାକାର କେତେଦୂର

ଗରିବଙ୍କ ପାଇଁ କେନ୍ଦ୍ର ସରକାର ମାଗଣା ଘର ଯୋଗାଇବାକୁ ଅନେକ ବର୍ଷ ତଳେ ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରଥମେ ଏହାର ନାମ ଥିଲା ଇନ୍ଦିରା ଆବାସ ଯୋଜନା। ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନାମରେ ଗରିବଙ୍କୁ ମାଗଣା ଘର ଦିଆଯାଉଛି। ଏତେ ବର୍ଷ ହେଲାଣି ଏହି ଯୋଜନା କାର୍ଯ୍ୟକାରୀ ହେଉଛି, ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଲାଣି, ତଥାପି ଅନେକ ଗରିବ ଲୋକ ଏବେ ସୁଦ୍ଧା ନିଜସ୍ୱ ଘରରୁ ବଂଚିତ ହୋଇଛନ୍ତି। ନିପଟ ମଫସଲ, ଆଦିବାସୀ ବହୁ ଗ୍ରାମକୁ ଗଲେ ଆବାସ ଯୋଜନାର ବିଫଳତା ସ୍ପଷ୍ଟ ବାରି ହୋଇପଡ଼ିବ। କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ। ଶାସକ ଓ ବିରୋଧୀ ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି। କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି। ଅତୀତରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଂଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ।ଯୋଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା। ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି। ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ। ଏକଥା ସତ ଯେ, ଦେଶରେ ଲୋକସଂଖ୍ୟା ବଢୁଛି ଏବଂ ପ୍ରତିବର୍ଷ ନୂଆ ପରିବାର ସୃଷ୍ଟି ହେଉଛି। ତେଣୁ ଗୋଟିଏ ପରିବାରକୁ ଆଜି ଗୋଟିଏ ଘର ଯୋଗାଇ ଦେଲେ ସେହି ପରିବାର ସବୁଦିନ ଉପକୃତ ହେବନି। କାଲି ପିଲାମାନେ ବଡ଼ ହୋଇ ନିଜର ସ୍ୱତନ୍ତ୍ର ପରିବାର କଲେ ସେମାନଙ୍କ ପାଇଁ ମଧ୍ୟ ନୂଆ ଘର ଆବଶ୍ୟକ। ତଥାପି ସରକାର ଚାହିଁଲେ ଦୁଇ ତିନି ବର୍ଷ ଭିତରେ ସମସ୍ତଙ୍କୁ ପକ୍କା ଘର ଯୋଗାଇବାକୁ ସକ୍ଷମ ହୋଇପାରିବେ। ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଘରକୁ ଘର, ଗାଁକୁ ଗାଁ ବୁଲି ସର୍ଭେ କରାଯିବା ଆବଶ୍ୟକ। କେବଳ ଗାଁ ନୁହେଁ, ସହରାଞ୍ଚଳରେ ମଧ୍ୟ ଏହାର ଆବଶ୍ୟକତା ରହିଛି। ପ୍ରଶାସନ ଯେଉଁଠି ଅନୁଭବ କରିବ ଯେ ଏଠାରେ ଗରିବଙ୍କୁ ପକ୍କା ଘର ଦିଆଯିବାର ଆବଶ୍ୟକତା ରହିଛି ସେଠାରେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ଉଚିତ। ପ୍ରଶାସନ ଦେଖୁଛି ବଣ୍ଡା ଘାଟିରେ ଆଦିବାସୀମାନେ କଚ୍ଚା ଘର ବା ଟାଇଲିଛପର ଘରେ ବିପଜ୍ଜନକ ଅବସ୍ଥାରେ ରହୁଛନ୍ତି। କିନ୍ତୁ ପ୍ରଶାସନ ସବୁ ଦେଖି କିଛି ନଦେଖିଲା ପରି ରହୁଛି। ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯିବା ଉଚିତ। ଯୋଜନାର କାର୍ଯ୍ୟକାରୀତା ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ। ଯୋଜନାକୁ ଉପରଠାଉରିଆ ଭାବେ କାର୍ଯ୍ୟକାରୀ କରିବା ଟଙ୍କା ପାଣିରେ ପକାଇବା ସହ ସମାନ। ଏବେ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଚାଲିଛି। ଓଡ଼ିଶାବାସୀ ବହୁ ଆସ୍ଥା ଏବଂ ବିଶ୍ୱାସର ସହିତ ବିଜେପିକୁ ପ୍ରଥମ ଥର ପାଇଁ କ୍ଷମତାସୀନ କରିଛନ୍ତି। ବିଜେପି ଏହାକୁ ଏକ ସୁବର୍ଣ୍ଣ ସୁଯୋଗ ବୋଲି ବିଚାର କରି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସର ମୂଲ୍ୟ ଦେବାକୁ ଉଦ୍ୟମ କରିବା ଉଚିତ। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି ସରକାର ଚାଲିଛି। ଏହାକୁ ଡବଲ ଇଞ୍ଜିନ ସରକାର ବୋଲି କୁହାଯାଉଛି। ଯଦି ଡବଲ ଇଞ୍ଜିନ ସରକାର ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣରେ ବିଫଳ ହୁଏ ତେବେ ଲୋକେ କାହାକୁ ବିଶ୍ୱାସ କରିବେ ? ଲୋକଙ୍କ ଭରସାକୁ ମୋଦି ଓ ମୋହନ ସରକାର ଭାଙ୍ଗିବା ଅନୁଚିତ। ଓଡ଼ିଶାରେ ବହୁ ଗରିବ ଲୋକଙ୍କ ମୁଣ୍ଡରେ ଛାଥ ନାହିଁ। ସେମାନଙ୍କ କଥା ସରକାର ବୁଝିବା ଉଚିତ।

# ନିରନ୍ତର ନିଷ୍ଠା ଏକାନ୍ତ ଆବଶ୍ୟକ

ମାୟାଧର ନାୟକ

ଏବେ ଶୁଣନ୍ତୁ ଭିଏତନାମର ସେଇ ଝିଅଟି କଥା। ଭିଏତନାମ ଓ ଆମେରିକା ମଧ୍ୟରେ ଯୁଦ୍ଧ ଚାଲିଛି। ଭିଏତନାମ ଆମ ଓଡିଶା ଭଳିଆ ଗୋଟିଏ ଛୋଟିଆ ରାଜ୍ୟ ନୁହେଁ ତ ଦେଶ। ସେଠାର ଅଧିବାସୀମାନେ ଗରିବ, ଚାଷୀ, ମୂଲିଆ। କିନ୍ତୁ ସେମାନେ ସଂଗ୍ରାମୀ, ବିପ୍ଳବୀ, ସମାଜବାଦୀ। ସେଇ ଦେଶକୁ ଆମେରିକା ଦଖଲ ନବା ପାଇଁ ଘମାଘୋଟ ଯୁଦ୍ଧ କରୁଥାଏ। ଭିଏତନାମ ଗାଁ, ଗଣ୍ଡା, ସହର ଭିତରେ ପଶିଯାଇଥାଏ। ଆମେରିକାର ସୈନ୍ୟବାହିନୀ ଗାଁ ଗଣ୍ଡାରେ ପଶି ଲୋକଙ୍କୁ ଧରିଆଣନ୍ତି। ଏପରିକି ସୁନ୍ଦରୀ ଝିଅମାନଙ୍କୁ ଧରିଆଣି ବଜାର, ହାଟ ମଝିରେ ଲଙ୍ଗଳା କରି ଗୋଡକୁ ଉପରକୁ ଟାଙ୍ଗି ତାଙ୍କ ସମ୍ବେଦନଶୀଳ ସ୍ଥାନରେ ବନ୍ଧୁକର ମୁନ ଖେଂଚନ୍ତି। ପରିସ୍ରାଦ୍ୱାର ଠାରୁ ଆରମ୍ଭ କରି ଆଖି ପର୍ଯ୍ୟନ୍ତ ବନ୍ଧୁକ, ତେଂଟା, ଛୁରୀରେ ଆଘାତ କରନ୍ତି। ବିକଳରେ ବହୁ ଝିଅଙ୍କର ଜୀବନ ସେଇଠି ଚାଲିଯାଏ। ଏହାକୁ ଶହଶହ ଲୋକ ଦେଖୁଥିଲେ ମଧ୍ୟ ପ୍ରତିବାଦ କରିପାରନ୍ତି ନାହିଁ। ଯିଏ ପ୍ରତିବାଦ କଲା, ତା'ର ପୁରସ୍କାର ମୃତ୍ୟୁଦଣ୍ଡ।ଲୋକଙ୍କୁ ଡରାଇବା ପାଇଁ ଆମେରିକାସୈନ୍ୟବାହିନୀର ଥିଲା ଏ ବୀଭତ୍ସ କାଣ୍ଡ। ଗାଁ ଭିତରେ ଘରେ ଘରେ ପଶି ଝିଅବୋହୂ ମାନଙ୍କୁ ଉଠାଇ ଆଣୁଥିଲେ। ସେମାନଙ୍କୁ ବଳାତ୍କାର କରି କ୍ଷତବିକ୍ଷତ କରିଦେଉଥିଲେ। ଲଜ୍ଜା, ଦୁଃଖ ଯନ୍ତ୍ରଣାରେ ବହୁ ଝିଅ ଆତ୍ମହତ୍ୟା କରୁଥିଲେ।

ଥରେ ଗୋଟିଏ ସୁନ୍ଦରୀ ଝିଅକୁ ସେମାନେ ଧରିଆଣି ସର୍ବସମ୍ମୁଖରେ ଉଲଗ୍ନ କରି ଉପଭୋଗ କଲେ। ଶେଷକୁ ଫିଙ୍ଗିଦେଇ ଚାଲିଗଲେ। ସେ ଝିଅଟି ସମସ୍ତଙ୍କୁ କହିଲା – ଚାଲ, ଏହାର ମୁକାବିଲା କରିବା। ହଠାତ୍ କେହି ରାଜି ହେଲେନି। ସେ କିନ୍ତୁ ନିଷ୍ପତିନେଲା ଆତ୍ମହତ୍ୟା କରିବନି। ବଂଚିଥିଲା ପର୍ଯ୍ୟନ୍ତ ଲଢିବ, ଆମେରିକାସୈନ୍ୟଙ୍କୁ ମାରିବ। ଏଇ ବିଚାର ନେଇ ସେ ହୋଚିମିନ୍‌ଙ୍କ ଭିଏତନାମ୍ କମ୍ୟୁନିଷ୍ଟ ପାର୍ଟିର ସ୍ଥାନୀୟ ନେତାଙ୍କ ପାଖରେ ପହଂଚିଲା। ତାକୁ ସର୍ବୋଚ୍ଚ ନେତାଙ୍କ ପାଖକୁ ନେଇଗଲେ। ବହୁ ଆଲୋଚନାହେଲା ପରେ ନେତା ନିର୍ଦ୍ଦେଶ ଦେଲେ - ଯାଅ, ଜଙ୍ଗଲ ଭିତରେ ଆମର ବାହିନୀ ସାଙ୍ଗେ ଯୋଗ ଦିଅ।

ସେ ଝିଅଟିକୁ ଜଙ୍ଗଲକୁ ପଠାଇ ଦିଆଗଲା ନିର୍ଦ୍ଦିଷ୍ଟ ବାହିନୀ ପାଖକୁ। ସେଠାରେ ରାତିଦିନ ଟ୍ରେନିଂ ନେଲା। ସେଇଠି ସବୁ ପୁଅ-ଝିଅ ମିଶି ଯୁଦ୍ଧର ଆଦବକାଇଦା ସମେତ ଯୁଦ୍ଧକୌଶଳ ଶିଖିଗଲେ। ତାକୁ ପ୍ରଥମ ପରୀକ୍ଷା ପାଇଁ ଏକା ଏକା ଜଙ୍ଗଲ ଭିତରକୁ ଛାଡି ଦିଆଗଲା। କୁହାଗଲା - ତୁମେ ଏଇଠିସେଇ ଜଙ୍ଗଲ ଭିତରେ ରାସ୍ତାରେ ଯାଉଥିବା ଆମେରିକାସୈନ୍ୟଙ୍କୁ ହତ୍ୟା କର।

ସେ ଝିଅଟି ଜଙ୍ଗଲ ଭିତରେ ରାସ୍ତାକଡରେ ଯାଇ ଏକ ଶକ୍ତ ଦଉଡିରେ ଅଠା ସାହାଯ୍ୟରେ କାଚଗୁଣ୍ଡ ମିଶାଇ ବୋଳିଦେଲା। ରାସ୍ତାର ଗୋଟିଏ ମୁଣ୍ଡ ବଡ଼ଗଛରେ ଗୋଟିଏ ଦଉଡି ବାନ୍ଧିଦେଲା ଆଉ ରାସ୍ତାର ଆରକଡରେ ଦଉଡିର ଅନ୍ୟ ମୁଣ୍ଡ ଧରି ଲୁଚି ରହିଲା। ଦଉଡିଟି ରାସ୍ତାରେ ପଡିରହିଲା। ଜଙ୍ଗଲର ଗଛପତ୍ର, ଘାସ ରଙ୍ଗ ଭଳି ଦଉଡିର ରଙ୍ଗ ଦେଖାଗଲା। ଆମେରିକାସୈନ୍ୟମାନେ ମଟର ସାଇକେଲରେ ମେଡିସିନ୍, ଅନ୍ୟାନ୍ୟ ସାମଗ୍ରୀନେଇ ୧୦/୧୫ ଜଣିଆ ଦଳ ବାନ୍ଧି ସେଇ ରାସ୍ତାରେ ଯାଆନ୍ତି। ଏହାକୁ ସେ ଦୁଇଦିନ ଧରି ନିରୀକ୍ଷଣ କରିଥିଲା। ଶେଷରେ ଉପଯୁକ୍ତ ମୁହୂର୍ତ୍ତକୁ ଅପେକ୍ଷା କରି ରହିଲା। ଆମେରିକା ସୈନ୍ୟମାନେ ଦ୍ରୁତଗତିରେ ଯିବାବେଳେ ଠିକ୍ ସମୟରେ ଦଉଡିଟିକୁ ଟାଣିଦେଲା। ତତ୍‌କ୍ଷଣାତ୍ ୭/୮ ଜଣ ଆମେରିକାସୈନ୍ୟଙ୍କ ମୁଣ୍ଡ ଗଣ୍ଡିରୁ ଅଲଗାହୋଇଗଲା। ଏ ଖବର ବ୍ୟାପିଗଲା ପରେ ସେଇ ଝିଅଟି ହେଲା ଏକ ବିରାଟ ବାହିନୀର କମାଣ୍ଡର। ତା' ନେତୃତ୍ୱରେ ଭିଏତନାମ ଯୁଦ୍ଧ ଆଗେଇ ଚାଲିଲା।

କୂଅ ଭିତରେ ଥିବା ବେଙ୍ଗ ଦେଖିବାକୁ ତ୍ରିପଣ୍ଡ କଳା ଏବଂ ନଡନଡିଆ ପତଳା। କୂଅ ଭିତରେ ଯାହା ଖାଦ୍ୟ ପଡେ ସେଇ ଖାଦ୍ୟକୁ ଖାଇ ବଂଚିରହିଥାଏ। ସମୁଦ୍ର ବେଙ୍ଗ ହଳଦିଆ, ଥୁକୁଲ୍‌ଥାକୁଲ୍, ଚାଲାକ୍ ଚତୁର, ଲମ୍ୱାଚଉଡା ବି। ଥରେ ସମୁଦ୍ର ବେଙ୍ଗ ଖବର ପାଇ କୂଅ ପାଖକୁ ଆସି ତା' ଜାତିଭାଇମାନଙ୍କୁ କହିଲା - ଭାଇଭଉଣୀମାନେ, କାହିଁକି ଏ ଅନ୍ଧାର ଭିତରେ କୂଅରେ ଖାଦ୍ୟ ଅଭାବରେ ପଡିରହିଛ। ଉପରକୁ ଆସ, ସମୁଦ୍ରକୁ ଯିବା, ସେଇଠି ଆରାମରେ ବୁଲିବା, ଖାଦ୍ୟ ପାଇବା, ପବନ ପାଇବା, ନାଚିବା, କୁହାଟ ମାରିବା।

କୂଅ ବେଙ୍ଗମାନେ କହିଲେ - ଇଏ ଆମକୁ ବଡ଼ ଚାଲାକରେ ଡାକି କହୁଛି ମାରିଦେବ। କେହି ଯିବାକୁ ରାଜି ହେଲେନାହିଁ। ସମୁଦ୍ର ବେଙ୍ଗ କିନ୍ତୁ ହତାଶ ନହୋଇ ବୁଝେଇ ଶୁଝେଇ ଜଣକୁ ଡାକିନେଲା। ସେ ନଡନଡିଆ କଳା ବେଙ୍ଗଟା ୭ ଦିନ ସମୁଦ୍ରରେ ଚରି ବୁଲି ଖାଇ ତା' ରୂପ ବଦଳିଗଲା। ମୋଟାସୋଟା ହୋଇଗଲା। ସମୁଦ୍ର ବେଙ୍ଗ ତାକୁ କହିଲା - ଏଥର ଯାଅ, ତମ ଭାଇଭଉଣୀମାନଙ୍କୁ କୁହ।

ସେ ଯେତେବେଳେ ତା ଭାଇଭଉଣୀମାନଙ୍କ ପାଖକୁ ଆସିଲା ସମସ୍ତେ ତାକୁ ଦେଖି ଆଶ୍ଚର୍ଯ୍ୟ, ପଚାରିଲେ - ତୋର ଏ ରୂପ କେମିତି ହେଲା ? ସେ ସବୁ କଥା ବଖାଣିଲା। ତା'ପରେ କୂଅରୁ ସବୁ ବେଙ୍ଗ ବାହାରି ସମୁଦ୍ରମୁହାଁ ହେଲେ।

ଏ ବେଙ୍ଗ ଉପଖ୍ୟାନ ଶୁଣାଇବାର ଅର୍ଥ ହେଲା – ତୁମେ ତୁମର ଭାଇଭଉଣୀମାନଙ୍କୁ ଯେତେ ବୁଝାଇବ ସେ ବୁଝିବେ ନାହିଁ କି ଆସିବେ ନାହିଁ। କିନ୍ତୁ ଗାଁରୁ ସାହିରୁ ଜଣ ଜଣକୁ ଯଦି ବୁଝାଇ ଆଣିପାର, ସେଇ ୧ରେ ଶୂନ ବସିଲେ ୧୦, ୧୦ରେ ଶୂନ ବସିଲେ ୧୦୦, ୧୦୦ରେ ଶୂନ ବସିଲେ ୧୦୦୦, ଏଇଭଳି ଶେଷକୁ ଲକ୍ଷ ଲକ୍ଷ, କୋଟି କୋଟି ଲୋକ ଆସିବେ। ମାତ୍ର ଏଥିପାଇଁ ନିରନ୍ତର ନିଷ୍ଠା ଏକାନ୍ତ ଆବଶ୍ୟକ।

ହଁ, ଆଉ ଗୋଟେ କଥା ଶୁଣ। ଲୋକଙ୍କୁ ବୁଝାଇଲାବେଳେ, କଥା କହିଲାବେଳେ ସତର୍କତା ଅବଲମ୍ବନ କରିବ। ଏଇ କଥାରେ ବିଷ, ଏଇ କଥାରେ ଅମୃତ। କଥା କହିଜାଣିଲେ ସବୁ ସୁନ୍ଦର। କଥାରେ ଓଲମବିଲମ୍ କଲେ ସବୁ ଗଣ୍ଡଗୋଳ। ତମେ ବେଶି କଥା ନକହି ଲୋକମାନେ କ'ଣ କହୁଛନ୍ତି ଭଲ ଭାବେ ଶୁଣ। ତାଙ୍କ ଅଭାବ, ଅଭିଯୋଗ, ଦୁଃଖ, ଯନ୍ତ୍ରଣା, ଭାଷା ଶିଖ। ତାଙ୍କରି ଭାଷାରେ ତମ ନୀତି, ଆଦର୍ଶ କଥା କୁହ। ଖାଲି ଗୁଡାଏ ଗପିଗଲେ ଲୋକ ହଁ, ହୁଁ ମୁଣ୍ଡ ଟୁଙ୍ଗାରିବେ ସିନା, କିନ୍ତୁ ବୁଝିବା କଷ୍ଟ ହେବ। ଧୈର୍ଯ୍ୟର ସହ ଶୁଣିବ, ତାଙ୍କ ଭାଷା ଶିଖିବ, ଅଳ୍ପ କଥା କହି ସେମାନଙ୍କୁ ନିଜ ଆଡକୁ ଟାଣି ଆଣିବ। କଣ୍ଠସ୍ୱରର ମାତ୍ରା ମଧ୍ୟ ବେଳେବେଳେ ଠିକ୍ କଥାକୁ ଭୁଲ କରିଦିଏ। ତମ ଉଚ୍ଚାରଣ ଯଦି ଠିକ୍ ଥାଏ, ତା'ହେଲେ ସବୁ ଠିକ୍। ଉଚ୍ଚାରଣରେ ଗଣ୍ଡଗୋଳ ଥିଲେ ସେଇଠି ସବୁ ବିଭ୍ରାଟ ଘଟେ।

ଏବେ ଆଉ ଗୋଟିଏ ପ୍ରଶ୍ନ ପଚାରୁଛି – ସାଧାରଣ ପ୍ରଶ୍ନ - ଯଦି ଆଜି ଚକ ନ'ଥାଆନ୍ତା, ତା'ହେଲେ ସଭ୍ୟତା କ'ଣ ଆଗକୁ ବଢ଼ି ପାରିଥାଆନ୍ତା କି ? ଏବେ ଆଖିଆଗରେ ମାଳମାଳ ଚକ। ହେଲେ ଆମେ ଗାଡ଼ିରେ ବସୁଥିବା ଲୋକମାନେ ତା'ତଳେ ଥିବା ଚକ କଥାଟାକୁ କେବେହେଲେ ମୁଣ୍ଡକୁ ଆଣୁନଥାଉ। ଅଧବାଟରେ ଯଦି ଗୋଟିଏ ଚକ ବି ହଠାତ୍ ବିଗିଡି ଯାଏ ତ ଆମ ଅକଲ ଗୁଡୁମ୍। ଏଇ ଅକଲକୁ ନକଲ କରି ଆମ ଜୀବନ, ଆମ ସଭ୍ୟତା, ଆମ ସଂସ୍କୃତି, ଆମ ଦର୍ଶନ, ଆମ ବୁଦ୍ଧି, ଆମ ବିଚାର – ସବୁକିଛି ଗତିଶୀଳ। ତେଣୁ ଅସଲ ମଣିଷ ହେବାପାଇଁ ହେଲେ ଆଗ ଦରକାର ଏଇ ଅକଲ।

ଏଇ ଚକ ଉଦ୍‌ଭାବକ୍ ଜର୍ଜ କେଲୀଙ୍କୁ ଆଜି ଏହି ମୁହୂର୍ତ୍ତରେ ନୀରବରେ ଟିକିଏ ନମ୍ର ନମସ୍କାର କରନ୍ତୁ। ଜର୍ଜକେଲୀଙ୍କ ମୁଣ୍ଡରେ ଚକପ୍ରସ୍ତୁତି ପାଇଁ ଦିନେ ଅକଲ ପଶିଲା। ସେ ରାତିଦିନକୁ ସମାନ କରି ଚକ ଉଦ୍‌ଭାବନରେ ଲାଗିଗଲେ। ଘରଦ୍ୱାର ସଂପତିବାଡି ବିକିଦେଇ ପୂରାଦେବାଳିଆ ବନିଗଲେ। ପରିବାରରୁ ତୀବ୍ର ବିରୋଧ ହେଲା। ସେଦିନର ସମାଜ ତାଙ୍କୁ ରାସ୍ତାକଡରେ ଆଙ୍ଗୁଠି ଦେଖାଇ 'ପାଗଳ' ଉପାଧି ଉପହାର ଦେଲା। ସେ କିନ୍ତୁ ତାଙ୍କ ନିରନ୍ତର ନିଷ୍ଠାରୁ ତିଳାର୍ଦ୍ଧେ ବିଚ୍ୟୁତ ହେଲେନାହିଁ। ଦିନେ କିନ୍ତୁ ତାଙ୍କର ଧୈର୍ଯ୍ୟଚ୍ୟୁତି ହେବାରୁ ବିରକ୍ତ ହୋଇ ଚକ ଉଦ୍‌ଭାବନ ପାଇଁ ଯୋଗାଡ କରିଥିବା ଯନ୍ତ୍ରପାତିଗୁଡାକୁ ନିଆଁରେ ପୋଡିଦେବାକୁ ବାହାରିଲେ। ହେଲେ ସେଇ ଅକଲ ତାଙ୍କୁ ପୋଡିବା ପୂର୍ବରୁ ଆଉଥରେ ଚେତାଇଦେଲା - ଆଉ ଟିକିଏ ଧୈର୍ଯ୍ୟ, ଆଉ ଟିକିଏ କଷ୍ଟ, ଆଉ ଟିକିଏ ସମୟକୁ ଅପେକ୍ଷା କଲେ କ୍ଷତି କଣ ? ସେ ତାଙ୍କ ଆତ୍ମସତାର ଏ ଅନ୍ତଃସ୍ୱରକୁ ନିବିଷ୍ଟ ଭାବରେ ଶୁଣିଲେ। ତାଙ୍କ ସାଧନାରେ ଶେଷସ୍ପର୍ଶଦେଲେ। ସଫଳ ହେଲେ।

ଆଜି ସେ ମହାନ୍ ବୈଜ୍ଞାନିକ ନାହାଁନ୍ତି ସତ, କିନ୍ତୁ ତାଙ୍କ ଚକ-ଚେତନା ସାରା ସଂସାରକୁ ଦେଇଛି ଗୋଟିଏ ଦୁର୍ମୂଲ୍ୟ ଗତିତତ୍ତ୍ୱ। ମୋର କହିବାର କଥା - ଆମେ ପ୍ରଗତିପଥର ଯେକୌଣସି ଗଳିମୋଡରେ ଆମର ଯାତ୍ରା ସ୍ଥଗିତ ନକରି ଆଗକୁ ବଢିବାକୁହେଲେ ଏହି ଗତିତତ୍ତ୍ୱର ମର୍ମଟିକୁ ମର୍ମେ ମର୍ମେ ସୁମରଣା କରିବା ବାଂଛନୀୟ। ବହୁତ ଉଦାହରଣ ଦେଇ କହିଲି – କହିବାର ଉଦ୍ଦେଶ୍ୟ ଯେ, ଆପଣମାନଙ୍କ ଭିତରୁ ଜଣେ ଜଣେ ଚାହିଁଲେ ବି ଏ ଦୁନିଆକୁ ପରିବର୍ତ୍ତନ କରିବାର ମୂଖ୍ୟ ଭୂମିକା ଗ୍ରହଣ କରିପାରିବେ। ତେଣୁ ଜନ୍ମ ଯେତେବେଳେ ହେଇଛ ଏ ଧରାପୃଷ୍ଠରେ, ମୃତ୍ୟୁ ବି ଦିନେ ହେବ ଏ ଧରାପୃଷ୍ଠରେ। ଏ ଜନ୍ମ ମୃତ୍ୟୁ ଭିତରେ ଯଦି କିଛି ଏଭଳି କାର୍ଯ୍ୟ କରିଯିବ, ତମ ଜୀବନ ସାର୍ଥକ ହେବ ଏବଂ ଲୋକମାନେ ତମ ସଫଳ ସ୍ୱପ୍ନର ଜୟଜୟକାର କରିବେ। ତେଣୁ ତମେ ବର୍ତ୍ତମାନ ଗାଁ ଭଳି ସହର ବଜାର ଲୋକମାନଙ୍କ ପାଖକୁ ଯାଇ ସେମାନଙ୍କୁ ଏଇ ଭୋକ, ରୋଗ, ରାଗବିରୋଧୀ ଯୁଦ୍ଧଯାତ୍ରାରେ ଯୋଗଦେବାକୁ ଡାକିଆଣ। ତୁମେ ଭାବୁଛ ଯେତେ କହିଲେ ବି ଲୋକ କ'ଣ କିଛି ବୁଝୁଛନ୍ତି ! ନା ଆସୁଛନ୍ତି ! ଖାଲି ହାତ ପତଉଛନ୍ତି। ମରୀଚିକା ପଛରେ ଗୋଡେଇଛନ୍ତି। ତତଲା ବାଲିରେ ଜୀବନ ଚାଲିଯାଉଛି, ତଥାପି ବୁଝୁନାହାଁନ୍ତି।

ଯାଜପୁର ରୋଡ, ଯାଜପୁର,ମୋ : ୯୮୬୧୦୩୪୧୬୩

# ଦକ୍ଷିଣ ଆଫ୍ରିକାରୁ ବିଶ୍ୱକୁ ସନ୍ଦେଶ (୨)

ସୌମେନ୍ଦ୍ର ଜେନା

ଜି୨୦ ଆଲୋଚନାରେ ୧୨୨ଟି ବିନ୍ଦୁର ମିଳିତ ଘୋଷଣାନାମା ପ୍ରକାଶ ପାଇଛି । ଏଥିରେ ବିଶ୍ୱରେ ସମାନତା, ବିବିଧ କ୍ଷେତ୍ରରେ ସଂସ୍କାର, ନିରନ୍ତର ବିକାଶକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି । ଖାଦ୍ୟ ସୁରକ୍ଷା ଦୃଷ୍ଟିରୁ କୁହାଯାଇଛି ଯେ ଖାଦ୍ୟ ଶସ୍ୟର ମୂଲ୍ୟକୁ ରୋକିବା, ଛୋଟଚାଷୀମାନଙ୍କୁ ସହାୟତା ଯୋଗାଇଦେବା, ପୁଷ୍ଟିକର ଖାଦ୍ୟ ସହ ମୂଲ୍ୟକୁ ନିୟନ୍ତ୍ରଣ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ।

ଆର୍ଥିକ ସଂସ୍କାର ଏବଂ ଋଣରୁ ମୁକ୍ତିପାଇଁ ଆନ୍ତର୍ଜାତିକ ଅର୍ଥ ବ୍ୟବସ୍ଥାକୁ ପୁନର୍ଗଠନ କରିବା, ମଧ୍ୟମ ଓ ଦୁର୍ବଳ ଆର୍ଥିକ ସ୍ଥିତିରେ ଥିବା ଦେଶଗୁଡିକ ପାଇଁ ଋଣ ପରିଚାଳନା କଷ୍ଟ ଲାଘବ ପାଇଁ ମାର୍ଗଦର୍ଶନ ଦେବା ଉପରେ ଜୋର ଦିଆଯିବ । ଠିକ୍ ସେହିପରି ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତିର ଯୋଗାଣ କ୍ଷେତ୍ରରେ ପ୍ରଦୂଷଣକୁ ଦୂର କରିବା ଉପରେ ଜୋର ଦିଆଯିବ । ଜଳବାୟୁ ପରିବର୍ତ୍ତନ ଯୋଗୁ ହେଉଥିବା କ୍ଷୟକ୍ଷତିର ସାମ୍ନା କରିବା ପାଇଁ ଅର୍ଥ ଯୋଗାଇ ଦେଇ କ୍ଷୟକ୍ଷତି ହ୍ରାସ କରିବାକୁ ଜୋର ଦିଆଯିବ । ଅସମାନତା ଦୂର କରିବା ପାଇଁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ଉନ୍ନୟନ ବ୍ୟାଙ୍କଗୁଡିକରେ ସଂସ୍କାର ଆଣି ଦକ୍ଷିଣ ବିଶ୍ୱର ଦାବିକୁ ଗ୍ରହଣ କରି ଆର୍ଥିକ ଅସମାନତା ଦୂର କରିବାକୁ ପ୍ରୟାସ କରାଯିବ । ଆଫ୍ରିକାରେ ଥିବା ମୂଲ୍ୟବାନ ଖଣିଜ ପଦାର୍ଥର ଉପଯୁକ୍ତ ବିନିଯୋଗ, ଯୋଗାଣକୁ ପ୍ରୋତ୍ସାହନ ଦେବାଲାଗି ପ୍ରୟାସ କରାଯିବାକୁ କୁହାଯାଇଥିଲା । କେବଳ ଆଫ୍ରିକାରୁ ବିଦେଶକୁ ଖଣିଜ ଦ୍ରବ୍ୟ ରପ୍ତାନୀକୁ ଲକ୍ଷ୍ୟ ରଖିବା ଅନୁଚିତ ବୋଲି ମତପ୍ରକାଶ ପାଇଥିଲା । ପାଲେଷ୍ଟାଇନ, ୟୁକ୍ରେନ, ସୁଦାନ ଏବଂ କଙ୍ଗୋ ପରି ରାଷ୍ଟ୍ରରେ ସଂଘର୍ଷକୁ ବନ୍ଦ କରାଯାଇ ଶାନ୍ତି ସ୍ଥାପନା ଲାଗି ପ୍ରୟାସ କରାଯିବା ଉପରେ ଜୋର ଦେବାକୁ କୁହାଯାଇଥିଲା । କୃତ୍ରିମ ବୁଦ୍ଧିମତ୍ତାକୁ ଆର୍ଥିର ଓ ସାମାଜିକ ବିକାଶରେ ବିନିଯୋଗ କରାଯିବା ଉପରେ ଜୋର ଦେବାକୁ ମତପ୍ରକାଶ ପାଇଥିଲା ।

ଜି୨୦ ବୈଠକ ସମୟରେ ଭାରତ ଗଠନମୂଳକ ସକ୍ରୀୟ ଭୂମିକା ନେଇଥିଲା । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୋହାନ୍ସବର୍ଗ ବିମାନ ବନ୍ଦରରେ ପହଞ୍ଚିବାପରେ ତାଙ୍କୁ ପାରମ୍ପାରିକ ଢଙ୍ଗରେ ଆଫ୍ରିକୀୟ ନୃତ୍ୟ-ସଂଗୀତ ସହ ସ୍ୱାଗତ କରାଯାଇଥିଲା । ମୋଦିଙ୍କ ସ୍ୱାଗତ ପାଇଁ ସେଠାରେ ଭାରତୀୟ ଲୋକେ ମଧ୍ୟ ବିବିଧ ପ୍ରକାର କାର୍ଯ୍ୟକ୍ରମମାନ ଆୟୋଜନ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି ଜି୨୦ ଅବସରରେ ଅନେକ ବିଶ୍ୱନେତାଙ୍କୁ ସାକ୍ଷାତକରି ଦ୍ୱିପାକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯେମିତିକି ୨୩ ନଭେମ୍ବର ଦିନ ଭାରତ -ବ୍ରାଜିଲ-ଦକ୍ଷିଣ ଆଫ୍ରିକା ମଧ୍ୟରେ ୬ଷ୍ଠ ବୈଠକ ହୋଇଥିଲା । ଜୋହାନ୍ସବର୍ଗରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବ୍ରାଜିଲର ରାଷ୍ଟ୍ରପତି ଲୁଲା ଏବଂ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସା ମିଳିତଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପୂର୍ବଥର ୨୦୧୧ରେ ଏହି ଗୋଷ୍ଠୀର ବୈଠକ ପ୍ରିଟୋରିଆଠାରେ ହୋଇଥିଲା । ୨୦୦୩ରେ ଏହି ଗୋଷ୍ଠୀର ଜନ୍ମ ସେ ସମୟର ପ୍ରଧାନମନ୍ତ୍ରୀ ଅଟଳ ବିହାର ବାଜପେୟୀଙ୍କ ଆଲୋଚନାକ୍ରମେ ହୋଇଥିଲା । ପୃଥିବୀର ତିନୋଟି ଜନବହୁଳ ଏବଂ ବଡ ଅର୍ଥନୀତି ସଂପନ୍ନ ରାଷ୍ଟ୍ରଙ୍କ ମଧ୍ୟରେ ଗଣତନ୍ତ୍ର, ବିକାଶଶୀଳ ଅର୍ଥନୀତି ଏବଂ ସମାନ ମୂଲ୍ୟବୋଧକୁ ଆଧାରକରି ଆଗକୁ ବଢିବାଲାଗି ଏହି ଗୋଷ୍ଠୀ (ଇବସା) ଗଠିତ ହୋଇଥିଲା । ଏକତା, ସହଯୋଗ ଏବଂ ମାନବିକତା ହେଉଛି ଇବସାର ବିଶ୍ୱକୁ ବାର୍ତ୍ତା ବୋଲି ଶ୍ରୀ ମୋଦି ପ୍ରକାଶ କରିଥିଲେ । ସେ କହିଥିଲେ ଯେ ବିଶ୍ୱ ଏବେ ବହୁଧା ବିଭକ୍ତ ଏବଂ ଅନେକ ଦିଗରେ ଗତିଶୀଳ । ତେଣୁ ଇବସା ଗୋଷ୍ଠୀର ଦାବି ହେଉଛି ଜାତିସଂଘରେ ସାଂଗଠନିକ ପରିବର୍ତ୍ତନ ଏକ ବିଷୟ ନୁହେଁ ଏବେ ଆବଶ୍ୟକତାରେ ପରିଣତ ହୋଇଛି । ତେଣୁ ତିନୋଟି ସଦସ୍ୟଭୁକ୍ତ ରାଷ୍ଟ୍ରର ସୁରକ୍ଷା ପରାମର୍ଶଦାତାଙ୍କ ମଧ୍ୟରେ ନିୟମିତ ବୈଠକ ସୁରକ୍ଷାଗତ ସହଯୋଗ ପାଇଁ ଆବଶ୍ୟକ । ସେ ଇବସା ଡିଜିଟାଲ ଇନୋଭେସନ ଆଲାଏନ୍ସ ଗଠନ ଦ୍ୱାରା ପରସ୍ପରକୁ ବିକାଶରେ ସାହାଯ୍ୟ କରିବା ସହ ଦକ୍ଷିଣ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡିକ ପାଇଁ ସୁରକ୍ଷିତ, ବିଶ୍ୱସନୀୟ ଏବଂ ମାନବ ଆଧାରିତ କୃତ୍ରିମ ବୁଦ୍ଧିମତାର ନିୟମାବଳୀ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ । ଜଳବାୟୁ ସହନକାରୀ କୃଷି ପାଇଁ ଇବସା ପାଣ୍ଠି ଗଠନପାଇଁ ଶ୍ରୀ ମୋଦି ପ୍ରସ୍ତାବ ଦେଇଥିଲେ । କାରଣ ୨୦୦୬ରେ ଯେଉଁ ଇବସା (ଭାରତ-ବ୍ରାଜିଲ-ଦକ୍ଷିଣ ଆଫ୍ରିକା) ପାଣ୍ଠି ଗଠନ କରାଯାଇଥିଲା ସେଥିରେ ୪୦ଟି ଦେଶରେ ୫୦ଟି ପ୍ରକଳ୍ପ ନିର୍ମାଣ କରାଯାଇସାରିଛି । ତନ୍ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ, ସୌରଶକ୍ତି ଉତ୍ପାଦନ ଆଦି ରହିଛି । ଇବସା ଆଲୋଚନାରେ ଯୋଗଦାନ କରି ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସା ବହୁ ପ୍ରତିନିଧିମୂଳକ ଏବଂ ଦାୟିତ୍ୱ ତୁଲାଇପାରୁଥିବା ବହୁପକ୍ଷୀୟ ବ୍ୟବସ୍ଥା ନିର୍ମାଣ ଦିଗରେ କାର୍ଯ୍ୟକରିବା ପାଇଁ କହିଥିଲେ । ଆର୍ଥିକ ବିକାଶର ସହଯୋଗରେ ପୃଥିବୀରେ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ରହିଥିବା ଫରକ ଦୂର କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ବ୍ରାଜିଲର ରାଷ୍ଟ୍ରପତି ଲୁଇସ ଇନାସିଓ ଲୁଲା ଦା ସିଲଭା କହିଥିଲେ ଯେ ଏହି ଗୋଷ୍ଠୀର ତିନିରାଷ୍ଟ୍ର ସବୁବେଳେ ଜାତିସଂଘ, ଜି୨୦ ଏବଂ ବ୍ରିକ୍ସରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଆସିଛନ୍ତି । ବିଶ୍ୱ ଶୃଙ୍ଖଳାରେ ଏମାନେ ଦକ୍ଷିଣ ବିଶ୍ୱର ପ୍ରଭାବକୁ ଶକ୍ତିଶାଳୀ କରିଛନ୍ତି । ଏକଥା ସତ ଯେ ବ୍ରିକ୍ସର ସକ୍ରିୟତା ପରେ ଇବସା କିଛିଟା ଦୁର୍ବଳ ହୋଇଛି । କାରଣ ଏହି ତିନିରାଷ୍ଟ୍ର ବ୍ରିକ୍ସର ମଧ୍ୟ ସଦସ୍ୟ ରହିଛନ୍ତି ।

ଜୋହାନ୍ସବର୍ଗରେ ଇବସା ସଦୃଶ ଅନ୍ୟ ଏକ ଗୋଷ୍ଠୀ ଏସିଆଇ (ଅଷ୍ଟ୍ରେଲିଆ-କାନାଡା- ଭାରତ) କାର୍ଯ୍ୟକରିବା ଲାଗି ଆଲୋଚନା ହୋଇଥିଲା । ଭାରତର ପ୍ରଧାନମନ୍ତ୍ରୀ ମୋଦି, ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଅଲବାନିସ ଏବଂ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ମିଳିତ ଭାବେ ଏକାଠି ହୋଇ ଆଲୋଚନା କରିଥିଲେ । ଏହି ତିନୋଟି ଗଣତାନ୍ତ୍ରିକ ରାଷ୍ଟ୍ର ଟେକ୍ନୋଲୋଜୀ ନବସର୍ଜନରେ ସହଯୋଗ, ପରସ୍ପରକୁ ବିକାଶ କ୍ଷେତ୍ରରେ ସାହାଯ୍ୟ କରିବାପାଇଁ ସ୍ଥିର ହୋଇଥିଲା । ପ୍ରଦୂଷଣମୁକ୍ତ ଶକ୍ତି ଉତ୍ସ ଯୋଗାଣ ପାଇଁ ଏକ ମୁକ୍ତ ଶୃଙ୍ଖଳା, ବହୁକ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାକୁ ଗ୍ରହଣକରି ବିକାଶ କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ ପାଇଥିଲା । ଏଥିପାଇଁ ତିନିରାଷ୍ଟ୍ର ଆସନ୍ତାବର୍ଷ ଏକାଠି ହୋଇ ସହଯୋଗର କାର୍ଯ୍ୟଧାରା ପ୍ରସ୍ତୁତ କରିବେ । ୨୦୨୦ରୁ ଅଷ୍ଟ୍ରେଲିଆ ସହ ଭାରତର ରଣନୀତିକ ସହଯୋଗ ରହିଆସିଛି । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ କାନାଡା ଏବଂ ଅଷ୍ଟ୍ରେଲିଆ ସୁରକ୍ଷା ଦୃଷ୍ଟିରୁ ଭାରତ ସହ ମିଶି ଅଧିକ କାର୍ଯ୍ୟ କରିପାରିବେ । ଦୁଇଦେଶ ମଧ୍ୟରେ ପୁଞ୍ଜିନିବେଶ, ପ୍ରତିରକ୍ଷା, ଶିକ୍ଷା, ଗବେଷଣା, ନବସର୍ଜନ, ବିଜ୍ଞାନ ଓ ଟେକ୍‌ନୋଲୋଜୀ, ମହାକାଶ ଓ ଶକ୍ତି କ୍ଷେତ୍ରରେ ସହଯୋଗ ପରିବ୍ୟାପ୍ତ ।

ଠିକ୍ ସେମିତି କାନାଡା ସହ ଭାରତର ସଂପର୍କ କାନାଡର ପୂର୍ବତନ ପ୍ରଧାନମନ୍ତ୍ରୀ ଟ୍ରୁଡେଉଙ୍କ ପାଇଁ ଅସ୍ଥିର ହୋଇଥିଲେ ହେଁ ମାର୍ଚ୍ଚ ୨୦୨୫ରେ କାର୍ଣ୍ଣି ପ୍ରଧାନମନ୍ତ୍ରୀ ହେବାପରେ ଦୁଇଦେଶ ମଧ୍ୟରେ ସଂପର୍କରେ ସୁଧାର ହେଉଛି । ଜି ୭ ବୈଠକ ସମୟରେ ଭାରତର ପ୍ରଧାନମନ୍ତ୍ରୀ ମୋଦି ଏବଂ କାର୍ଣ୍ଣିଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା । ଜି୨୦ ସମୟରେ ଦୁଇନେତା ଦ୍ୱିପାକ୍ଷିକ ବାଣିଜ୍ୟକୁ ବର୍ତ୍ତମାନର ୩୦ ବିଲିଅନ ଡଲାରରୁ ବଢାଇ ୫୦ ବିଲିଅନ ପର୍ଯ୍ୟନ୍ତ ନେବାଲାଗି ଲକ୍ଷ୍ୟ ରଖିଥିବା ବିଷୟରେ ଆଲୋଚନା କରିଛନ୍ତି । ଏକଥା ସତ ଯେ ଟ୍ରମ୍ପଙ୍କ ଶୁଳ୍କ କଟକଣା ଯୋଗୁ କାନାଡା ଯେଉଁ କ୍ଷତି ସହୁଛି ସେଥିରେ ଭାରତ ତାକୁ ଅନେକ କ୍ଷେତ୍ରରେ ସାହାଯ୍ୟ କରିପାରିବ ବୋଲି ଆଶାକରୁଛି । ତେଣୁ ଦୁଇଦେଶ ମଧ୍ୟରେ କୂଟନୀତିଜ୍ଞ ସଂଖ୍ୟା ହ୍ରାସ କରାଯାଇଥିଲା ବର୍ଷକ ଆଗରୁ । ଆଗାମୀ ଦିନରେ ଅଧିକସଂଖ୍ୟକ କୂଟନୀତିଜ୍ଞଙ୍କୁ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯିବାର ସମ୍ଭାବନା ରହିଛି । କାର୍ଣ୍ଣି ଆସନ୍ତାବର୍ଷ ଭାରତ ଗସ୍ତରେ ଆସିବାର ଯୋଜନା ରହିଛି ।

ଜୋହାନ୍ସବର୍ଗଠାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଛଅଗୋଟି ପ୍ରସ୍ତାବ ଦେଇଥିଲେ । ତନ୍ମଧ୍ୟରେ ପାରମ୍ପାରିକ ଜ୍ଞାନର ବିଶ୍ୱସ୍ତରୀୟ ଉତ୍ସ କେନ୍ଦ୍ର ସ୍ଥାପନ, ଆଫ୍ରିକା ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ବିଶ୍ୱ ସ୍ୱାସ୍ଥ୍ୟ ସେବା ଦଳ ଗଠନ, ନିଶା-ସନ୍ତ୍ରାସ ମେଣ୍ଟ ବିରୁଦ୍ଧରେ ପଦକ୍ଷେପ, ମୁକ୍ତ ଉପଗ୍ରହ ତଥ୍ୟ ସହଯୋଗ, ମୂଲ୍ୟବାନ ଖଣିଜଦ୍ରବ୍ୟ ଯୋଗାଣ ନିମନ୍ତେ ପଦକ୍ଷେପ । ଜି୨୦ ବିଶ୍ୱ ପାରମ୍ପରିକ ଜ୍ଞାନ ଉତ୍ସ କେନ୍ଦ୍ର ବିଶ୍ୱର ଆଗାମୀ ପିଢିଗୁଡିକ ପାଇଁ ଜ୍ଞାନ ସଂଗ୍ରହରେ ସାହାଯ୍ୟ କରିବ । ଆଫ୍ରିକାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୧୦ଲକ୍ଷ ପ୍ରଶିକ୍ଷିତ ଯୁବଶକ୍ତି ନିର୍ମାଣ କରାଯିବ, ଯାହାକି ପ୍ରମାଣପତ୍ର ସହ ଦକ୍ଷ ଯୁବଶକ୍ତି ନିର୍ମାଣ କରିବ, ଯାହା ମହାଦେଶ ପାଇଁ ଦୀର୍ଘକାଳୀନ ବିକାଶ ପାଇଁ ସହାୟକ ହେବ । ଜି୨୦ ବିଶ୍ୱ ସ୍ୱାସ୍ଥ୍ୟସେବା ଦଳ ନିର୍ମାଣ ପାଇଁ ମୋଦି ପ୍ରସ୍ତାବ ଦେଇ କହିଲେ ଯେ ଜି୨୦ ରାଷ୍ଟ୍ର ସମୂହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆସୁଥିବା ଆହ୍ୱାନର ସମ୍ମୁଖୀନ ହେବାଲାଗି ସ୍ୱତନ୍ତ୍ର ପ୍ରଶିକ୍ଷିତ ଦଳ ନିର୍ମାଣ କରିବା ଦରକାର । ଯେଉଁମାନେ ବିଶ୍ୱର ସ୍ୱାସ୍ଥ୍ୟସେବା ପାଇଁ କାର୍ଯ୍ୟକରିପାରିବେ, ଆବଶ୍ୟକ ସମୟରେ ଯାଇ ପୃଥିବୀର ଯେ କୌଣସି କୋଣରେ କାର୍ଯ୍ୟ କରିବେ । ନିଶା-ସନ୍ତ୍ରାସ ମେଣ୍ଟ ଯୋଗୁ ସାରା ବିଶ୍ୱରେ ନିଶା ବ୍ୟବସାୟ ଏବଂ ସନ୍ତ୍ରାସବାଦକୁ ଅର୍ଥ ମିଳୁଛି, ଯାହାକୁ ଭଙ୍ଗାଯିବା ଆବଶ୍ୟକ । କୃତ୍ରିମ ବୁଦ୍ଧିମତ୍ତାର ଉପଯୁକ୍ତ ବ୍ୟବହାର, ଲୋକଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ଏବଂ ଏହାର ଉପଯୁକ୍ତ ଉପଯୋଗ ଉପରେ ଶ୍ରୀ ମୋଦି ଜୋର ଦେଇଥିଲେ । ଫେବୃଆରୀ ୨୦୨୬ରେ ଭାରତରେ କୃତ୍ରିମ ବୁଦ୍ଧିମତ୍ତା ସଂପର୍କରେ ଆନ୍ତର୍ଜାତିକ ଶିଖର ସ୍ତରୀୟ ଆଲୋଚନାରେ ପୃଥିବୀର ନେତାମାନେ ଯୋଗଦେବେ ବୋଲି ଶ୍ରୀ ମୋଦି ପ୍ରକାଶ କରିଥିଲେ । ମୂଲ୍ୟବାନ ଖଣିଜ ପଦାର୍ଥ ଯୋଗାଣର ଏକ ନେଟୱାର୍କ ନିର୍ମାଣ କରାଯିବା ପାଇଁ ସେ ଜୋରଦେଇ ରିସାଇକ୍ଲିନିଂ, ସହରାଞ୍ଚଳରେ ଖଣିଜ ଦ୍ରବ୍ୟ ଉତ୍‌ଖନନ, ବ୍ୟାଟେରୀର ପୁନଃ ଉପଯୋଗ ପ୍ରକଳ୍ପ ଆଦି ଚାଲୁ କରାଯିବା ଉପରେ କହିଥିଲେ । ବିଶ୍ୱରେ ଖାଦ୍ୟସୁରକ୍ଷା ଏବଂ ବିପର୍ଯ୍ୟୟକୁ ପ୍ରତିହତ କରିପାରିବା ଶକ୍ତି ଥିବା ନିର୍ମାଣକାର୍ଯ୍ୟ ଉପରେ ସେ ଜୋର ଦେଇଥିଲେ । ଜଳବାୟୁ ପରିବର୍ତ୍ତନ ହିଁ ବିଶ୍ୱ ଖାଦ୍ୟ ସୁରକ୍ଷା ଏବଂ କୃଷି ପ୍ରତି ବଡ ଆହ୍ୱାନ । ତେଣୁ ଭାରତ ମିଲେଟଯୁକ୍ତ ଖାଦ୍ୟ ବା ଶ୍ରୀଅନ୍ନ ଯୋଜନା ଆରମ୍ଭ କରିଛି । ବିକାଶ ଏବଂ ପ୍ରକୃତି ମଧ୍ୟରେ ସନ୍ତୁଳନ ରକ୍ଷାକରି କାର୍ଯ୍ୟକରାଯିବା ଦରକାର ବୋଲି ଶ୍ରୀମୋଦି ପ୍ରକାଶ କରିଥିଲେ । ୨୦୧୪ରେ କ୍ଷମତାକୁ ଆସିବା ପରଠାରୁ ମୋଦି ୧୨ଥର ଜି୨୦ ଆଲୋଚନାରେ ଅଂଶଗ୍ରହଣ କରିସାରିଲେଣି । ସେ ୨୦୧୪ରେ ବ୍ରିସବେନ (ଅଷ୍ଟ୍ରେଲିଆ), ୨୦୧୫ରେ ଆଣ୍ଟାଲିଆ (ତୁର୍କୀ), ୨୦୧୬ରେ ହାଙ୍ଗ ଝାଉ (ଚୀନ), ୨୦୧୭ରେ ହାମବର୍ଗ (ଜର୍ମାନୀ), ୨୦୧୮ରେ ବୁଏନସ୍ ଏୟାର୍ସ (ଆର୍ଜେଣ୍ଟିନା), ୨୦୧୯ରେ ଓସାକା (ଜାପାନ), ୨୦୨୦ରେ ସାଉଦି ଆରବ, ୨୦୨୧ରେ ରୋମ (ଇଟାଲୀ), ୨୦୨୨ରେ ବାଲି (ଇଣ୍ଡୋନେସିଆ), ୨୦୨୩ରେ ନୂଆଦିଲ୍ଲୀ, ୨୦୨୪ରେ ବ୍ରାଜିଲ ଏବଂ ୨୦୨୫ରେ ଜୋହାନ୍ସବର୍ଗ (ଦକ୍ଷିଣ ଆଫ୍ରିକା) ଆଲୋଚନାରେ ସାମିଲ ହୋଇଛନ୍ତି ।

ଦକ୍ଷିଣ ଆଫ୍ରିକାରେ ଜି୨୦ ବୈଠକ ସଫଳତାର ସହ ଶେଷ ହେବାପରେ ଏବେ ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ କହିଛନ୍ତି ଯେ ୨୦୨୬ରେ ହେବାକୁ ଥିବା ଆମେରିକା ବୈଠକରେ ସେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କରିବେ ନାହିଁ । ମିଆମିଠାରେ ଆସନ୍ତାବର୍ଷ ଜି୨୦ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି । ସୋସିଆଲ ମିଡିଆରେ ଟ୍ରମ୍ପ ଲେଖିଛନ୍ତି ଯେ ସେମାନଙ୍କ ଦେଶ କେବେହେଲେ ସଦସ୍ୟତା ପାଇବା ପାଇଁ ଯୋଗ୍ୟ ନୁହେଁ ବୋଲି ସେମାନେ ବିଶ୍ୱକୁ ଦର୍ଶାଇଛନ୍ତି । ଆମେରିକାରୁ ଦକ୍ଷିଣ ଆଫ୍ରିକା ପାଉଥିବା ସମସ୍ତ ସବସିଡି ଅନୁଦାନକୁ ବନ୍ଦ କରିବାକୁ ସେ ଘୋଷଣା କରିଛନ୍ତି । ଟ୍ରମ୍ପଙ୍କର ଏହି ସଂକୀର୍ଣ୍ଣ, ଝଗଡାପ୍ରଧାନ ବକ୍ତବ୍ୟକୁ ସମସ୍ତେ ଶୁଣି ଉପହାସ କରିବେ, ତାହା ମଧ୍ୟ ହୋଇଛି । ଜୋହାନ୍ସବର୍ଗର କଡା ସନ୍ଦେଶ ବିଶ୍ୱକୁ ଯିବା ପରେ ଆମେରିକାରେ ଗାତ୍ରଦାହ ଆରମ୍ଭ ହୋଇଛି, ଯାହା ଆଗାମୀ ଦିନରେ ଅତି ପ୍ରବଳତର ହେବ ।

ଭାରତୀୟ ସାହିତ୍ୟ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩



# ଗାଜାରେ ଡାକ୍ତରୀ ସହାୟତା ଉପରେ ଇସ୍ରାଏଲର କଟକଣା

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):**ଗାଜାରେ ଡାକ୍ତରୀ ସହାୟତା ଉପରେ ଇସ୍ରାଏଲର କଟକଣା ।ଭୁଶୁଡ଼ି ପଡ଼ିଲାଣି ଗାଜାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା । ଇସ୍ରାଏଲର ଭୟଙ୍କର ଆକ୍ରମଣ ଭିତରେ ଦୀର୍ଘ ଦୁଇମାସର ଅସ୍ତ୍ରବିରତି ସତ୍ତ୍ୱେ ଗାଜାରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ଡାକ୍ତରମାନେ ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରୁଥିବା ବେଳେ ଇସ୍ରାଏଲ୍ ସବୁଠାରୁ ଜରୁରି ଡାକ୍ତରୀ ସାମଗ୍ରୀକୁ ଗାଜାକୁ ପ୍ରବେଶ ଅନୁମତି ଦେଉନାହିଁ । ଖବର ଅନୁଯାୟୀ, ଆଣ୍ଟିବାୟୋଟିକ୍, ଅପରେସନରେ ବ୍ୟବହୃତ ମେଡିସିନ୍ ସହ ସର୍ଜିକାଲ୍ ସାମଗ୍ରୀ ଉପରେ କଟକଣା ଲଗାଯାଇଛି ଇସ୍ରାଏଲ । ଆଶ୍ଚର୍ଯ୍ୟର କଥା ହେଉଛି, ମୋବାଇଲ୍ ଫୋନ୍ ଏବଂ ଇଲେକ୍ଟ୍ରିକ୍ ସାଇକେଲ୍ ଭଳି ଜିନିଷକୁ ଅନୁମତି ମିଳୁଥିବାବେଳେ ଗଜ୍ କପଡ଼ା, ହାତରେ ପିନ୍ଧିବା ପାଇଁ ଗ୍ଲୋଭ୍ସ, କୋଲ୍ଡ ପ୍ୟାକ୍ କିମ୍ବା ଡିସ୍ଇନ୍ଫେକ୍ଟାଣ୍ଟ ସଲ୍ୟୁସନ୍ ଭଳି ଅତି ସାଧାରଣ ସାମଗ୍ରୀ ମିଳୁନାହିଁ । ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ୫୪ ପ୍ରତିଶତ ଜରୁରି ଔଷଧ ଏବଂ ସର୍ଜରୀ ପାଇଁ ଆବଶ୍ୟକ ୪୦ ପ୍ରତିଶତ ଔଷଧ ମିଳୁନାହିଁ, ଫଳରେ ଅପରେସନ୍ ହୋଇପାରୁନାହିଁ । ଏହି କାରଣରୁ କ୍ୟାନ୍ସର ଭଳି ରୋଗରେ ପୀଡ଼ିତ



ରୋଗୀମାନେ ଅତ୍ୟଧିକ କଷ୍ଟ ଭୋଗୁଛନ୍ତି । ଡାକ୍ତରମାନେ ନିଜ ପାଖରେ ଥିବା ସାମାନ୍ୟ ଜିନିଷରେ ଚିକିତ୍ସା କରିବାକୁ ବାଧ ହେଉଛନ୍ତି ।ସେପଟେ ଭାରତକୁ ଇସ୍ରାଏଲର ବଡ଼ ଅନୁରୋଧ । ହମାସକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିବା ପାଇଁ ଭାରତକୁ ଇସ୍ରାଏଲ୍ ପକ୍ଷରୁ ଆନୁଷ୍ଠାନିକ ଭାବେ ଅନୁରୋଧ କରାଯାଇଛି । ଇସ୍ରାଏଲ୍ କହିଛି, ଭାରତ ଏହି ନିଷ୍ପତ୍ତି ନେଲେ ଦକ୍ଷିଣ ଏସିଆରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିବ । ଇସ୍ରାଏଲର ବରିଷ୍ଠ ଅଧିକାରୀମାନେ ଜୋର ଦେଇ କହିଛନ୍ତି, ନୂଆଦିଲ୍ଲୀ ହମାସ୍ ପଛରେ ଥିବା ନେଟୱର୍କ ଓ ସମ୍ପର୍କ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଅଛି ।ଏହି ପ୍ରସଙ୍ଗରେ ଇସ୍ରାଏଲ୍, ହମାସ୍ ଏବଂ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଏ- ତୋଇବା ମଧ୍ୟରେ ଥିବା ଦୃଢ଼ ସମ୍ପର୍କକୁ ଦର୍ଶାଇଛି । ନିକଟରେ ପିଓକେରେ ହମାସ୍ ନେତା ଏବଂ ଜୈସ-ଏ-ମହମ୍ମଦ୍ ସହିତ ଏକାଠି ହୋଇ ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଭାରତ ପାଇଁ ଏକ ବଡ଼ ସୁରକ୍ଷା ଚିନ୍ତା ବୋଲି ଇସ୍ରାଏଲ୍ କହିଛି ।

## ୪ ଜଣଙ୍କ ଉପରେ ଚଢ଼ିଗଲା ବେକାବୁ କାର୍

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):**ଏକ ବେକାବୁ କାର୍ ୪ଜଣ ଲୋକଙ୍କ ଉପରେ ଚଢ଼ି ଯାଇଛି ।ଫଳରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ଉକ୍ତ ଘଟଣା ପରେ ଅଭିଯୁକ୍ତ କାର ନେଇ ଖୁବ୍ ଜୋରରେ ଫେରାର ହୋଇ ଯାଇଥିଲା । ଘଟଣାଟି ଦାନାପୁର ଥାନା ଅଞ୍ଚଳର ଗୋଲା ସ୍ଥିତ ଝଖଡ଼ି ମହାଦେବ ରୋଡ୍ରେ ଘଟିଛି । ଯାହାର ସିସିଟିଭି ଫୁଟେଜ୍ ଏବେ ସାମ୍ନାକୁ ଆସିଛି । କୁହାଯାଉଛି ଯେ, ଭୁଲ୍ ପାର୍ଶ୍ୱରେ ପଶି କାର ଚାରି ଜଣ ଲୋକଙ୍କ ଉପରେ ଚଢ଼ି ଯାଇଛି ଏବଂ ଗାଡ଼ି ତଳେ ଫସି ରହିଥିବା ଲୋକକୁ ଆଉଥରେ ଚଢ଼ି ଯାଇ ଚାଲି ଯାଇଥିଲା । ଏହି ସମୟରେ ଲୋକେ ଉକ୍ତ କାରକୁ ରୋକିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଡ୍ରାଇଭର କାରର ଗତି ଖୁବ୍ ବଢ଼ାଇ ଦେଇ ଥିଲା ଏବଂ ସେଠାରୁ ଫେରାର ହୋଇଯାଇ ଥିଲା । ଲାଇଭ ହିନ୍ଦୁସ୍ତାନ ଡଟ୍ କମ୍ ଅନୁସାରେ, ଏହି ଭୟାନଙ୍କ ଦୁର୍ଘଟଣାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଖୁବ୍ ଜୋରରେ ଭାଇରାଲ ହେଉଛିୟ ଭିଡ଼ିଓ ଏତେ ହୃଦୟ ବିଦାରକ ଯେ, ଆପଣ ଏହାକୁ ଦେଖି ପାରିବେ ନାହିଁ ।

# ମୃତଦେହ ସହିତ ଜଡ଼ିତ ରାଜନୈତିକ ବିକ୍ଷୋଭ କିମ୍ବା ପ୍ରତିବାଦ କଲେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ

**ଜୟପୁର,୮।୧୨(ଏଜେନ୍ସି):** ମୃତଦେହ ସହିତ ଜଡ଼ିତ ରାଜନୈତିକ ବିକ୍ଷୋଭ କିମ୍ବା ପ୍ରତିବାଦ କଲେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଘୋଷଣା କରାଯାଇଛି । ଏନେଇ ରାଜସ୍ଥାନ ସରକାର ଆଇନ ପ୍ରଣୟନ କରିଛନ୍ତି । ଏଭଳି ନିୟମ ଲାଗୁ କରିବାରେ ରାଜସ୍ଥାନ ଦେଶର ପ୍ରଥମ ରାଜ୍ୟ ହୋଇଛି । ଏଠାରେ ମୃତଦେହ ସମ୍ମାନ ଆଇନ ୨୦୨୩କୁ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରାଯାଇଛି । ଏହି ନୂତନ ଆଇନ ରାସ୍ତା କିମ୍ବା ସାର୍ବଜନୀନ ସ୍ଥାନରେ ମୃତଦେହ ରଖି ପ୍ରତିବାଦ କରିବା ଅଭ୍ୟାସକୁ ସ୍ଥାୟୀ ଭାବରେ ନିଷିଦ୍ଧ କରିଛି । ବିଜେପି ସରକାର ଏହି ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି, ଯାହା ସାମ୍ପ୍ରତିକ ଘଟଣାକ୍ରମ ମଧ୍ୟରେ କଠୋର ଦଣ୍ଡର ବ୍ୟବସ୍ଥା କରିଛି । ଏହି ଆଇନ ଅନୁଯାୟୀ, ପରିବାରର ଅନ୍ୟ କୌଣସି ସଦସ୍ୟଙ୍କ ଦ୍ୱାରା ମୃତଦେହ ସହିତ ଜଡ଼ିତ ଯେକୌଣସି ରାଜନୈତିକ ପ୍ରଦର୍ଶନ କିମ୍ବା ପ୍ରତିବାଦ ଛଅ ମାସରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ଜରିମାନା ସହିତ ଦଣ୍ଡନୀୟ ହେବ । ଯଦି ପରିବାରର ସଦସ୍ୟ ଏପରି ପ୍ରତିବାଦକୁ ଅନୁମତି ଦିଅନ୍ତି କିମ୍ବା ଏଥିରେ ଅଂଶଗ୍ରହଣ କରନ୍ତି, ତେବେ ସର୍ବାଧିକ ଦଣ୍ଡ ଦୁଇ ବର୍ଷ ଜେଲଦଣ୍ଡୟସୂଚନା ଅନୁଯାୟୀ, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଠାରୁ ୨୪ଘଣ୍ଟାର ନୋଟିସ ପାଇବା ପରେ ମୃତଦେହ



ଗ୍ରହଣ କରିବାକୁ ମନା କରୁଥିବା ପରିବାର ସଦସ୍ୟଙ୍କୁ ଏକ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ, ଜରିମାନା କିମ୍ବା ଉଭୟ ଦଣ୍ଡ ଦିଆଯାଇପାରିବ । ତା'ପରେ ପୁଲିସ ମୃତଦେହକୁ ନିଜ ଅଧୀନକୁ ନେବ, ଭିଡିଓ ପୋଷ୍ଟମର୍ଟମ କରିବ ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଶବଦାହ ବ୍ୟବସ୍ଥା କରିବ । ପୁଲିସ ଥାନାଗୁଡ଼ିକ ଅପବ୍ୟବହାର ସନ୍ଦେହରେ ମୃତଦେହ ଜବତ କରିବ । ମାଜିଷ୍ଟ୍ରେଟ ଏବଂ ଜିଲ୍ଲା ଅଧୀକ୍ଷକଙ୍କୁ ଜଣାଇବ ଏବଂ ଅଧିକାରପ୍ରାପ୍ତ ହସ୍ପିଟାଲରେ ପରୀକ୍ଷା କରାଇବ । ବକେୟା ବିଲ୍ ଯୋଗୁଁ ହସ୍ପିଟାଲଗୁଡ଼ିକ ମୃତଦେହ ରଖିପାରିବେ ନାହିଁ । ଦାବି ନ ହୋଇଥିବା ମୃତଦେହଗୁଡ଼ିକୁ ରାଜସ୍ଥାନ ଆନାଟୋମି ଆଇନ, ୧୯୮୬ ଅନୁଯାୟୀ ନଷ୍ଟ କରାଯିବ, ଯେଉଁଥିରେ ଏକ ଜେନେଟିକ୍ ଡାଟାବେସ୍ ଏବଂ ଅଜ୍ଞାତ ମୃତ୍ୟୁର ଡିଜିଟାଲ୍ ଟ୍ରାକିଂ ଅନ୍ତର୍ଭୁକ୍ତ । ଏଠାରେ ଉଲ୍ଲେଖନୀୟ ଯେ ପୂର୍ବ କଂଗ୍ରେସ ସରକାର ସମୟରେ ଏହି ଆଇନ ୨୦୨୩ ଜୁଲାଇରେ ଗୃହୀତ ହୋଇଥିଲା । ତତ୍କାଳୀନ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶାନ୍ତି ଧାରିୱାଲ ୨୦୧୪ ରୁ ୨୦୧୮ ମଧ୍ୟରେ ୮୨ଟି ଘଟଣାରୁ ୩୦୬କୁ ବୃଦ୍ଧି ପାଇଥିବା ଉଲ୍ଲେଖ କରିଥିଲେ, ଯାହା ପ୍ରାୟତଃ ଚାକିରି କିମ୍ବା କ୍ଷତିପୂରଣ ଦାବି ଉପରେ ଆଧାରିତ ଥିଲା । ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ଏହାକୁ ମୃତ ଶରୀରର ମର୍ଯ୍ୟାଦା ଏବଂ ମାନବାଧିକାରକୁ ରକ୍ଷା କରିବାର ଏକ ଉପାୟ ଭାବରେ ବର୍ଣ୍ଣନା କରିଛନ୍ତି ।

# ସପ୍ତମ ଦିନରେ ଇଣ୍ଡିଗୋ ଅଚଳାବସ୍ଥା

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):**ଇଣ୍ଡିଗୋରେ ବିମାନ ଚଳାଚଳରେ ଜାରି ରହିଛି ଅଚଳାବସ୍ଥା । ଲଗାତାର ସପ୍ତମ ଦିନ ପାଇଁ ଇଣ୍ଡିଗୋ ବିମାନ ସେବା ପ୍ରଭାବିତ ରହିଛି । ଅନେକ ବିମାନ ଉଡ଼ାଣ ଭରିପାରୁନି । ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟପକ୍ଷରେ ଯାତ୍ରୀଙ୍କ ଆର୍ଥିକ କ୍ଷତି ଭରଣା କରିବା ପ୍ରକ୍ରିୟା ଆରମ୍ଭ କରିଛି ଇଣ୍ଡିଗୋ । ଏହା ମଧ୍ୟରେ ଯାତ୍ରୀମାନଙ୍କୁ ୬୧୦ କୋଟିରୁ ଅଧିକ ଟଙ୍କା ଫେରାଯାଇଛି ଏବଂ ଦେଶବ୍ୟାପୀ ୩ ହଜାର ଲଗେଜ୍ ଫେରସ୍ତ କରିଛି ।କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି । ଡିସେମ୍ବର ୫ରୁ ଆରମ୍ଭ ହୋଇଥିବା ଇଣ୍ଡିଗୋ ପରିଚାଳନାଗତ ତ୍ରୁଟି ପାଇଁ ହଜାର ହଜାର ବିମାନ ଉଡ଼ାଣ ବାତିଲ୍ ହୋଇଛି । ଏଥିପାଇଁ ଯାତ୍ରୀମାନେ ଅସୁବିଧାରେ ପଡ଼ିଛନ୍ତି ।ଦେଶର ପର୍ଯ୍ୟଟନ ବ୍ୟବସାୟ ଉପରେ ମଧ୍ୟ ବଡ଼ ପ୍ରଭାବ ପଡ଼ିଛି । ଇଣ୍ଡିଗୋର ସିଇଓ ପିଟର୍ ଏଲ୍ବର୍ସ କହିଛନ୍ତି, ସ୍ଥିତି ସୁଧାରିବା ପାଇଁ ଜାରି ରହିଛି ପ୍ରୟାସ। ୭ ଡିସେମ୍ବର ସୁଦ୍ଧା ୧ ହଜାର ୬୫୦ଟି ବିମାନ ଚାଲୁ ହୋଇଛି ୧୦ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ସ୍ଥିରତା



ଆଶା କରାଯାଉଛି । ଆସନ୍ତା ୧୫ ଡିସେମ୍ବର ପର୍ଯ୍ୟନ୍ତ ବାତିଲ ସମୟ ପରିବର୍ତ୍ତନ ପାଇଁ କୌଣସି ଫି ନିଆଯିବ ନାହିଁ । ସେପଟେ ଇଣ୍ଡିଗୋ ସମ୍ପର୍କିତ ମାମଲାର ଏବେ ଶୁଣାଣି ପାଇଁ ମନା କରିଦେଇଛନ୍ତି ସର୍ବୋଚ୍ଚ ଅଦାଲତ । ଇଣ୍ଡିଗୋ ସଙ୍କଟ ନେଇ ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ । ଦେଶର ସର୍ବୋଚ୍ଚ ଅଦାଲତ ଇଣ୍ଡିଗୋ ସଙ୍କଟରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି ଯେ ସରକାର ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଯଦି ପରିସ୍ଥିତି ସେହିପରି ରହିଥାନ୍ତା ତେବେ ଏହା ଭିନ୍ନ କଥା ହୋଇଥାନ୍ତା । ଆମେ ବୁଝୁଛୁ ଯେ ଲକ୍ଷ ଲକ୍ଷ ଲୋକ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ସରକାର ଏହି ମାମଲାକୁ ପରିଚାଳନା କରୁଛନ୍ତି ବୋଲି କହିଛନ୍ତି ସୁପ୍ରିମକୋର୍ଟ ।

# ପୁଣି ଆତଙ୍କବାଦୀଙ୍କ ପାଇଁ ଲଞ୍ଚ ପ୍ୟାଡ୍ ନିର୍ମାଣ କରୁଛି ଲସ୍କର-ଏ-ତୈବା

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):**ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀଙ୍କ ପାଇଁ ଲସ୍କର-ଏ-ତୈବା ଲଞ୍ଚ ପ୍ୟାଡ୍ ନିର୍ମାଣ କରୁଥିବା ଚିତ୍ର ସାମ୍ନାକୁ ଆସିଛି । ଭାରତୀୟ ସେନା ପୂର୍ବରୁ ଅପରେସନ ସିନ୍ଦୂରରେ ଏହି ଲଞ୍ଚ ପ୍ୟାଡଗୁଡ଼ିକୁ ନଷ୍ଟ କରିଥିଲା, କିନ୍ତୁ ଏବେ ଲସ୍କର ପୁଣି ଥରେ ଏଥିରେ ସାମିଲ ହୋଇଛି। ପାକିସ୍ତାନର ବାହାୱଲପୁରରେ ଲସ୍କର-ଏ-ତୈବା ଏବଂ ଜୈଶ-ଏ-ମହମ୍ମଦର ଏକ ପ୍ରମୁଖ ବୈଠକ ଅନୁଷ୍ଠିତ ହୋଇଥିଲା । ଏମାନେ କୁକୁରର ଲାଞ୍ଜ ପରି, ଯାହାକୁ ଯେତେ ଥର ସିଧା କଲେ ବି ସବୁବେଳେ ବଙ୍କା ହୋଇ ରହେ । ପହଲଗାମ ଆକ୍ରମଣ ପରେ, ଭାରତ ପାକିସ୍ତାନ ବିରୁଦ୍ଧରେ ଅପରେସନ ସିନ୍ଦୁର ଆରମ୍ଭ କରିଥିଲା । ନଅଟି ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରିଥିଲା । ଆଶା କରାଯାଇଥିଲା ଯେ ପାକିସ୍ତାନ ଏକ ଶିକ୍ଷା ଶିଖିବ ଏବଂ ଆତଙ୍କବାଦ ପରିତ୍ୟାଗ କରିବ ଏବଂ ଶାନ୍ତିର ପଥକୁ ଫେରିବ । କିନ୍ତୁ ପାକିସ୍ତାନ ତା ଯାଗାରେ ଅଟଳୟ ଲସ୍କର-ଏ-ତୈବା ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ଏକ ବଡ଼ ଷଡ଼ଯନ୍ତ୍ରରେ ଲିପ୍ତ ଅଛି । ପିଓକେର ରାୱଲକୋଟରେ ଲସ୍କର-ଏ-ତୈବା ଜିହାଦୀଙ୍କ ପାଇଁ ଏକ ଲଞ୍ଚ ପ୍ୟାଡ୍ ନିର୍ମାଣ କରାଯାଉଛି । ଲଞ୍ଚ ପ୍ୟାଡ୍ ହେଉଛି ଏକ ଆତଙ୍କବାଦୀ ଭିତ୍ତିଭୂମି ଯାହାକୁ ଆତଙ୍କବାଦୀମାନେ ଏକତ୍ରିତ ହୋଇ ଭାରତରେ ଅନୁପ୍ରବେଶ କରିବା ପୂର୍ବରୁ ଶେଷ



ପ୍ରସ୍ତୁତି ପାଇଁ ବ୍ୟବହାର କରନ୍ତି। ଏହାକୁ ଆତଙ୍କବାଦୀଙ୍କ ପାଇଁ ଶେଷ ରାସ୍ତା ଭାବରେ ବୁଝାଯାଇପାରେ । ଏହି ଲଞ୍ଚ ପ୍ୟାଡଗୁଡ଼ିକୁ ଭାରତୀୟ ସେନା ଅପରେସନ ସିନ୍ଦୂରରେ ଧ୍ୱଂସ କରିଦେଇଥିଲା । ତଥାପି, ଏବେ ପିଓକେରେ ଲସ୍କର-ଏ-ତୈବାର ଜଣେ ମୁଖପାତ୍ର ରାୱଲକୋଟରେ ଏକ ମର୍କଜ୍ ପ୍ରତିଷ୍ଠା କରିଥିବା ସ୍ୱୀକାର କରିଛନ୍ତି । ପ୍ରକୃତରେ, ଲସ୍କର-ଏ-ତୈବା ମର୍କଜ୍ ଆଢ଼ରେ ପିଓକେରେ ଆତଙ୍କବାଦୀ ଲଞ୍ଚ ପ୍ୟାଡ୍ ପ୍ରସ୍ତୁତ କରୁଛି । ରାୱଲକୋଟର ଖୋଗଲା ଅଞ୍ଚଳରେ ଏକ କୋଠା ନିର୍ମାଣ କରାଯାଉଛି, ଯେଉଁଠାରେ କୁହାଯାଉଛି ଯେ ଲସ୍କର-ଏ-ତୈବା ଏହାର ଆତଙ୍କବାଦୀଙ୍କ ପାଇଁ ଏକ ଲଞ୍ଚ ପ୍ୟାଡ୍ ଏବଂ ଆଶ୍ରୟସ୍ଥଳ ପ୍ରସ୍ତୁତ କରୁଛି । ପ୍ରକୃତରେ, ପିଓକେର ବିଭିନ୍ନ ଅଞ୍ଚଳରେ ଛୋଟ ଛୋଟ କେନ୍ଦ୍ର ସୃଷ୍ଟି କରି ଏହାର ଆତଙ୍କବାଦୀମାନଙ୍କୁ ଲୁଚାଇବା ଏବଂ ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା କରିବା ଲସ୍କରର ରଣନୀତି। ପାକିସ୍ତାନ ଅନ୍ତର୍ଜାତୀୟ ସ୍ତରରେ ଦାବି କରିପାରେ ଯେ ସେ ଆତଙ୍କବାଦ ପରିତ୍ୟାଗ କରିଛି । କିନ୍ତୁ ସତ୍ୟ ହେଉଛି ଯେ ସେଠାରେ ଆତଙ୍କବାଦୀ ସଂଗଠନଗୁଡ଼ିକ ବଢ଼ୁଛନ୍ତି ଏବଂ ସେମାନଙ୍କୁ ମୁକ୍ତ ସୁଯୋଗ ଦିଆଯାଉଛି । ଏହାର ଆହୁରି ପ୍ରମାଣ ପାକିସ୍ତାନରେ ଲସ୍କର-ଏ-ତୈବା ଏବଂ ଜୈଶ-ଏ-ମହମ୍ମଦର ଏକ ପ୍ରମୁଖ ବୈଠକ ହେବା ଦ୍ୱାରା ସାମ୍ନାକୁ ଆସିଛି । ଏହି ବୈଠକ ନଭେମ୍ବର ୬ ତାରିଖରେ ପାକିସ୍ତାନର ପଞ୍ଜାବର ବାହାୱଲପୁରରେ ହୋଇଥିଲା । ଲସ୍କରର ଉପମୁଖ୍ୟ ସୈଫୁଲ୍ଲା କସୁରୀଙ୍କୁ ବୈଠକରେ ଅନେକ ଜୈଶ କମାଣ୍ଡରଙ୍କ ସହ ବସିଥିବାର ଦେଖାଯାଇଥିଲା ।

# ଆମେରିକା ସାଂସଦ ଜାରି କଲେ ବାର୍ଷିକ ପ୍ରତିରକ୍ଷା ବିଲ୍

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** ଆମେରିକାର ବାର୍ଷିକ ପ୍ରତିରକ୍ଷା ନୀତି ବିଲ। ଭାରତ ସହ ସହଯୋଗକୁ ବ୍ୟାପକ କରିବା ନେଇ ଜୋର ଦିଆଯାଇଛି । ଏଥିରେ କ୍ୱାଡ ଜରିଆରେ ସହଯୋଗ ବୃଦ୍ଧି କରିବା କଥା କୁହାଯାଇଛି। ଯାହାଫଳରେ ଏକ ମୁକ୍ତ ଏବଂ ଖୋଲା ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ବଜାୟ ରଖିବା ସହ ଚୀନର ଚ୍ୟାଲେଞ୍ଜକୁ ମୁକାବିଲା କରିହେବ । ସାଂସଦମାନେ ରବିବାର ଆର୍ଥିକ ବର୍ଷ ୨୦୨୬ ପାଇଁ ନ୍ୟାସନାଲ ଡିଫେନ୍ସ ଅଥୋରାଇଜେସନ୍ ଆକ୍ଟ ବିଲ୍ ଜାରି କରିଛନ୍ତି । ଏହା ଇଣ୍ଡୋ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରତିରକ୍ଷା ମେଣ୍ଟ ଏବଂ ସହଭାଗୀତା ପ୍ରତି କଂଗ୍ରେସର ଦୃଷ୍ଟିକୋଣକୁ ରୂପରେଖା ପ୍ରଦାନ କରିଛି । ଏଥିରେ କୁହାଯାଇଛି, ପ୍ରତିରକ୍ଷା ସଚିବ ଚୀନ୍ ସହିତ ରଣନୈତିକ ପ୍ରତିଯୋଗିତାରେ ଆମେରିକାର 'ତୁଳନାତ୍ମକ ଲାଭ' ବୃଦ୍ଧି କରିବା ପାଇଁ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ



ଆମେରିକାର ପ୍ରତିରକ୍ଷା ମେଣ୍ଟ ଏବଂ ସହଭାଗୀତାକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ଜାରି ରଖିବା ଉଚିତ । ଏହି ପ୍ରୟାସ ଦ୍ୱାରା ଭାରତ ସହ କମ୍ବାଡ କ୍ୱାଡ ଜରିଆରେ ଆମେରିକା ସହଯୋଗକୁ ବିସ୍ତାର କରିହେବ । ଏଥିରେ ଦ୍ୱିପାକ୍ଷିକ ଓ ବହୁପାକ୍ଷୀୟ ସହଯୋଗ, ସାମରିକ ଅଭ୍ୟାସରେ ଭାଗିଦାରୀ, ପ୍ରତିରକ୍ଷା ବ୍ୟାପାରର ବିସ୍ତାବର ଓ ମାନବୀୟ ସହାୟତା ତଥା ବିପର୍ଯ୍ୟୟରେ ସହଯୋଗ ରହିଛି । ଫଳରେ ଏକ ସ୍ୱତନ୍ତ୍ର ଏବଂ ମୁକ୍ତ କ୍ଷେତ୍ର ଗଠନ କରିହେବୟ ଏହାଛଡା ଏଥିରେ ଭାରତ ସହ ସାମୁଦ୍ରିକ ସୁରକ୍ଷା ଉପରେ ଅଧିକ ସହଯୋଗ ଓ ସମ୍ଭାବନା ଉପରେ ଜୋର ଦିଆଯାଇଛି । କ୍ୱାଡରେ ଭାରତ, ଆମେରିକା,ଜାପାନ ଓ ଅଷ୍ଟ୍ରେଲିଆ ରହିଛି । ଚୀନର ଆକ୍ରାମକ ବ୍ୟବହାରର ସାମାନ କରିବା ପାଇଁ ୨୦୧୭ ରେ ଏହି ଗୋଷ୍ଠୀ ତିଆରି ହୋଇଥିଲା ।

# ଭାରତରେ ସଡକର ନାଁ ରହିବ 'ଡୋନାଲ୍ଡ ଟ୍ରମ୍ପ ଏଭେନ୍ୟୁ' ଓ 'ଗୁଗଲ୍ ଷ୍ଟ୍ରିଟ୍'

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):**ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ରାଜଧାନୀ ହାଇଦ୍ରାବାଦରେ କିଛି ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେ ସହରରେ ଥିବା ଆମେରିକାର ବାଣିଜ୍ୟ ଦୂତାବାସ ପାଖ ଦେଇ ଯାଉଥିବା ରୋଡର ନାଁ 'ଡୋନାଲ୍ଡ ଟ୍ରମ୍ପ ଏଭେନ୍ୟୁ' ରଖିବାର ଘୋଷଣା କରିଛନ୍ତି । ଏହାଛଡା ଭାରତର ବିଶିଷ୍ଟ ଦିବଂଗତ ଉଦ୍ୟୋଗପତି ରତନ ଟାଟାଙ୍କ ନାଁରେ ମଧ୍ୟ ସଡକ ନାଁ ରଖାଯିବ । ରାଜ୍ୟ ସରକାରଙ୍କ କହିବା ଅନୁସାରେ, ଏହି ନିଷ୍ପତ୍ତି ବିଷୟରେ ଏପର୍ଯ୍ୟନ୍ତ ଔପଚାରିକ ଭାବରେ କୌଣସି ସୂଚନା ଦିଆଯାଇ ନାହିଁ । ଖୁବ୍ ଶୀଘ୍ର ବୈଦେଶିକ ମନ୍ତ୍ରଣାଳୟ ଓ ଆମେରିକା ଦୂତାବାସକୁ ଚିଠି ଲେଖି ଜଣାଇ ଦିଆଯିବ । ହାଇଦ୍ରାବାଦରେ ଆମେରିକୀୟ କନସୁଲେଟ୍ ଜେନେରାଲ୍ ପାଖ ମୁଖ୍ୟ ରାସ୍ତାକୁ 'ଡୋନାଲ୍ଡ ଟ୍ରମ୍ପ ଆଭେନ୍ୟୁ' ନାମିତ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏ ବିଷୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଆହୁରି ବହୁ ପରିବର୍ତ୍ତନ ଘୋଷଣା କରାଯାଇଛି। ଏଥିରେ ଗୁଗୁଲ ଓ ଗୁଗୁଲ ମ୍ୟାପର ଯୋଗଦାନର ସମ୍ମାନ କରିବା ପାଇଁ



ହାଇଦ୍ରାବାଦର ଫାଇନାନ୍ସିୟର ଡିଷ୍ଟ୍ରିକ୍ଟର ଏକ ପ୍ରମୁଖ ସଡକର ନାଁ ଗୁଗୁଲ ଷ୍ଟ୍ରିଟ୍ ରଖାଯାଇଛି । ଏହି ସଡକ ଗୁଗୁଲର ଆଗାମୀ କ୍ୟାମ୍ପସ୍ ପାଖରେ ରହିବ । ତାଛଡା କୁହାଯାଉଛି ଯେ, ଆଇଟି ସେକ୍ଟରର ମୁଖ୍ୟ କମ୍ପାନୀ ୱିପ୍ରୋ ଓ ମାଇକ୍ରୋସଫ୍ଟକୁ ମଧ୍ୟ ସହରର ଭୌଗଳିକ ସଂରଚନାରେ ପରିଚୟ ଦିଆଯିବ । ବିଜ୍ଞପ୍ତି ଅନୁସାରେ, ସହରରେ ୱିପ୍ରୋ ଜଙ୍କସନ୍ ଓ ମାଇକ୍ରୋସଫ୍ଟ ରୋଡ ସ୍ଥାପିତ କରାଯିବ ।ଯଦି ଏହା ଘଟେ, ତେବେ ଏହା ବିଶ୍ୱରେ ପ୍ରଥମ ଥର ହେବ ଯେତେବେଳେ କୌଣସି ଦେଶରେ ଜଣେ କାର୍ଯ୍ୟରତ ଆମେରିକା ରାଷ୍ଟ୍ରପତିଙ୍କୁ ଏହି ପ୍ରକାରେ ସମ୍ମାନିତ କରାଯାଇଛି । ଉଲ୍ଲେଖନୀୟ ଯେ ହାଇଦ୍ରାବାଦରେ ରାଜନେତା ଏବଂ ବିଶ୍ୱସ୍ତରୀୟ କମ୍ପାନୀଙ୍କ ନାମରେ ରାସ୍ତାର ନାମକରଣ କରିବାର ପରମ୍ପରା ରହିଛି । ଦିଲ୍ଲୀରେ ଆୟୋଜିତ ୟୁଏସ୍-ଇଣ୍ଡିଆ ଷ୍ଟ୍ରାଟିଜିକ୍ ପାର୍ଟନରସିପ୍ ଫୋମରରେ ସେ ନିଜର କଥା ରଖି ହାଇଦ୍ରାବାଦର ପ୍ରମୁଖ ସଡକର ନାଁ ବିଶ୍ୱ କମ୍ପାନୀ ଗୁଡିକର ନାଁରେ ରଖିବା ଉପରେ ପ୍ରସ୍ତାବ ଦେଇଥିଲେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ଏହି ନିଷ୍ପତ୍ତିକୁ ବିଜେପି ବିରୋଧ କରିଛି ।

## ଲଞ୍ଚ ହେଲା ଟାଟା ସିଏରାର ୨୪ ଭାରିଆଣ୍ଟ

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):**ଟାଟା ସିଏରା ହେଉଛି ଏକ ୫-ସିଟ୍ ବିଶିଷ୍ଟ ମଡେଲ । ଏହି ଟାଟା କାରଟି ୨୦୨୫ ନଭେମ୍ବର ୨୫ରେ ଭାରତୀୟ ବଜାରରେ ଲଞ୍ଚ ହୋଇଥିଲା । ଲଞ୍ଚ ସମୟରେ କେବଳ ସିଏରାର ମୂଳ ମଡେଲର ମୂଲ୍ୟ ପ୍ରକାଶ କରାଯାଇଥିଲା । ଏବେ ଟାଟା ମୋଟର୍ସ ସିଏରାର ୨୪ ପ୍ରକାର ମଡେଲ ଲଞ୍ଚ ହୋଇଛି ଏବଂ ସେମାନଙ୍କର ମୂଲ୍ୟ ମଧ୍ୟ ପ୍ରକାଶ ପାଇଛି । ଟାଟା ସିଏରାର ଏକ୍ସ-ଶୋରୁମ୍ ମୂଲ୍ୟ ୧୧.୪୯ ଲକ୍ଷରୁ ଆରମ୍ଭ ହୋଇ ୧୮.୪୯ ଲକ୍ଷ ପର୍ଯ୍ୟନ୍ତ ରହିଛି । ଆସନ୍ତୁ ଟାଟା ସିଏରାର ସମସ୍ତ ଭାରିଆଣ୍ଟ ଏବଂ ସେମାନଙ୍କର ମୂଲ୍ୟ ଉପରେ ନଜର ପକାଇବା । ୧.୫ ଲିଟର ରେଭୋଟ୍ରନ୍ ପେଟ୍ରୋଲ୍ ଇଞ୍ଜିନ୍ ଦ୍ୱାରା ଚାଳିତ ଏବଂ ମାନୁଆଲ୍ ଟ୍ରାନ୍ସମିସନ୍ ସହିତ ଯୋଡ଼ି ହୋଇଥିବା ଟାଟା ସିଏରା ସ୍ମାର୍ଟ ପ୍ଲସ୍ ଭାରିଆଣ୍ଟ ହେଉଛି ବେସ୍ ମଡେଲ୍ । ଏହି ଭାରିଆଣ୍ଟର ମୂଲ୍ୟ ୧୧.୪୯ ଲକ୍ଷ ରହିଛି। ସେହିପରି ୧.୫ଲିଟର କ୍ରାଇଓଜେଟ୍ ଡିଜେଲ୍ ଇଞ୍ଜିନ୍ ଦ୍ୱାରା ଚାଳିତ ବେସ୍ ମଡେଲର ମୁଲ୍ୟ ୧୨.୯୯ ଲକ୍ଷ ଟଙ୍କା ହୋଇଥିବା ବେଳେ ଏହାର ଏକ୍ସ ସୋରୁମର ମୁଲ୍ୟ ପାଖାପାଖି ୧୧. ୯୯ ଲକ୍ଷ ଟଙ୍କା ହେବ । ଟାଟା ସିଏରା ପିଓର ଭାରିଆଣ୍ଟର ମୂଲ୍ୟ ୧୨.୯୯ ଲକ୍ଷ ରୁ ୧୫.୯୯ ଲକ୍ଷ ଟଙ୍କା ମଧ୍ୟରେ ହେବ । ସିଏରା ପିଓର ପ୍ଲସ୍ ଭାରିଆଣ୍ଟର ମୂଲ୍ୟ ୧୪.୪୯ ଲକ୍ଷ ହୋଇଥିବା ବେଳେ ଟାଟା ସିଏରା ପିଓର ପ୍ଲସ୍ ଡିଜେଲ ଏଟିହ ଏକ୍ସ ସୋରୁମ ମୁଲ୍ୟ ୧୭.୪୯ ଲକ୍ଷ ଟଙ୍କା ହେବ । ସିଏରା ଆଡଭେଞ୍ଚର ମଡେଲଟି ତିନୋଟି ଭାରିଆଣ୍ଟରେ ଉପଲବ୍ଧ । ଯାହାର ଏକ୍ସ-ସୋରୁମ୍ ମୂଲ୍ୟ ୧୫.୨୯ ଲକ୍ଷରୁ ଆରମ୍ଭ ହୋଇ ୧୬.୭୯ ଲକ୍ଷ ପର୍ଯ୍ୟନ୍ତ ହୋଇଥାଏ । ଏହି ଆଡଭେଞ୍ଚର ପ୍ଲସ୍ ଚାରୋଟି ଭାରିଆଣ୍ଟରେ ଉପଲବ୍ଧ, ଯାହାର ଏକ୍ସ-ସୋରୁମ୍ ମୂଲ୍ୟ ୧୫.୯୯ ଲକ୍ଷରୁ ଆରମ୍ଭ ହୋଇ ୧୮.୪୯ ଲକ୍ଷ ପର୍ଯ୍ୟନ୍ତ ହୋଇଥାଏ ।

# କାମ୍ବୋଡିଆ ସୀମାରେ ଥାଇଲ୍ୟାଣ୍ଡର ଏୟାରଷ୍ଟ୍ରାଇକ

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ପୁଣି ଥରେ ହିଂସା ଦେଖାଦେଇଛି । କାମ୍ବୋଡିଆ ସୀମାରେ ଥାଇଲ୍ୟାଣ୍ଡର ଏୟାରଷ୍ଟ୍ରାଇକ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି କରିଥିଲେ । ଥାଇଲ୍ୟାଣ୍ଡ ଏବେ ଯୁଦ୍ଧବିରତି ଉଲ୍ଲଂଘନ କରି ବିମାନ ଆକ୍ରମଣ କରିଥିବା ବେଳେ ଉଭୟ ଦେଶ ପରସ୍ପରକୁ ଯୁଦ୍ଧବିରତି ଉଲ୍ଲଂଘନ କରୁଥିବା ଅଭିଯୋଗ କରିଛନ୍ତି । ଏନେଇ ଜଣେ ଥାଇ ସାମରିକ ଅଧିକାରୀ କହିଛନ୍ତି ଯେ, କାମ୍ବୋଡିଆର ସାମରିକ ସ୍ଥାନ ଉପରେ ବିମାନ ଆକ୍ରମଣ ସୋମବାର ସକାଳେ ହୋଇଥିବା ଏକ ଆକ୍ରମଣର ଜବାବ ଥିଲା । ଯେଉଁଥିରେ ଜଣେ ଥାଇ ସୈନିକଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ଦୁଇଜଣ ଆହତ ହୋଇଥିଲେ । ପୂର୍ବ ପ୍ରଦେଶ ଉବୋନ ରାଚଥାନିର ଦୁଇଟି ଅଞ୍ଚଳରେ ହିଂସା ଦେଖାଦେଇଛି, ଯେଉଁଥିରେ ଜଣେ ଥାଇ ସୈନିକଙ୍କ ମୃତ୍ୟୁ ହୋଇଛି ଏବଂ ୪ ଜଣ ଆହତ ହୋଇଛନ୍ତି। ଏକ ବିବୃତ୍ତିରେ କାମ୍ବୋଡିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ବିମାନ ଆକ୍ରମଣକୁ ନିଶ୍ଚିତ କରି କହିଛି, ଡିସେମ୍ବର ୮ କାଳ ପ୍ରାୟ ୫ଟା ୪ ମସମୟରେ, ଥାଇ ସାମରିକ ବାହିନୀ ପ୍ରିଆହ ଭିହୟାର ପ୍ରଦେଶର ଆନ୍ ସେସ୍ ଅଞ୍ଚଳରେ କାମ୍ବୋଡିଆନ୍ ସେନା ଉପରେ ଆକ୍ରମଣ କରିଥିଲେ । ବିବୃତ୍ତିରେ କୁହାଯାଇଛି ଯେ କାମ୍ବୋଡିଆ ପ୍ରତିଶୋଧ ନେଇନାହିଁ। କାମ୍ବୋଡିଆ ଏହା ମଧ୍ୟ କହିଛି ଯେ ଏହା ଥାଇ ପକ୍ଷ ଦ୍ୱାରା କରାଯାଇଥିବା ଅମାନବୀୟ ଏବଂ ବର୍ବର କାର୍ଯ୍ୟକୁ ଦୃଢ଼ ନିନ୍ଦା କରେ । ଥାଇଲ୍ୟାଣ୍ଡର ଏହି ଆକ୍ରମଣ ଅକ୍ଟୋବର ୨୬ ତାରିଖରେ ସ୍ୱାକ୍ଷରିତ ଯୁଦ୍ଧବିରତିର ଉଲ୍ଲଂଘନ ଥିଲା । ଥାଇ ସେନା କହିଛି ଯେ, ସୋମବାର ସକାଳ ପ୍ରାୟ ୩ଟା ସମୟରେ କାମ୍ବୋଡିଆ ଥାଇ ସୀମାକୁ ଟାର୍ଗେଟ କରିବା ଆରମ୍ଭ କରିଥିଲା । ଏକ ପୃଥକ ବିବୃତ୍ତିରେ, କାମ୍ବୋଡିଆ ସେନା ଅଭିଯୋଗ କରିଛି ଯେ ଥାଇ ସେନା ସକାଳ ପ୍ରାୟ ୫ଟା ୦୪ ସମୟରେ କାମ୍ବୋଡିଆ ସେନା ଉପରେ ଆକ୍ରମଣ କରିଥିଲା ।ଜୁଲାଇ ମାସରେ ଦୁଇ ଦେଶ ମଧ୍ୟରେ ସୀମା ବିବାଦ ଦେଖାଦେଇଥିଲା, ଯାହା ଫଳରେ ପାଞ୍ଚ ଦିନିଆ ଯୁଦ୍ଧ ହୋଇଥିଲା । ପରେ ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ଏବଂ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଏକ ଯୁଦ୍ଧବିରତି ହୋଇଥିଲା । ଅକ୍ଟୋବରରେ କୁଆଲାଲମ୍ପୁରରେ ଦୁଇ ନେତା ଏକ ଶାନ୍ତି ଚୁକ୍ତିନାମା ମଧ୍ୟସ୍ଥତା କରିଥିଲେ ।ଜୁଲାଇ ମାସରେ ଦୁଇ ଦେଶ ମଧ୍ୟରେ ସଂଘର୍ଷ ବୃଦ୍ଧି ପାଇଥିଲା ।

# କଂଗ୍ରେସକୁ ମୋଦୀଙ୍କ କଡା ସମାଲୋଚନା

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):**ବନ୍ଦେ ମାତରମ୍ର ୧୫୦ତମ ବାର୍ଷିକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ ଏକ ଐତିହାସିକ ଆଲୋଚନା ଆରମ୍ଭ କରିଛନ୍ତି । ସେ କଂଗ୍ରେସ ଦଳକୁ କଡ଼ା ସମାଲୋଚନା କରିଛନ୍ତି । ସେ ଜବାହରଲାଲ ନେହେରୁ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ମୁସଲିମ୍ ଲିଗ୍ ନିକଟରେ ଆତ୍ମସମର୍ପଣ କରିଥିବାର ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ୧୯୩୭ ମସିହାରେ ଜିନ୍ନା ଏହାକୁ ବିରୋଧ କରିଥିଲେ । ଜବାହରଲାଲ ନେହେରୁ ତାଙ୍କ ସିଂହାସନ ବିପଦରେ ପଡ଼ିଥିବା ଦେଖିଥିଲେ । ମୁସଲିମ ଲିଗର ଭିତ୍ତିହୀନ ମନ୍ତବ୍ୟର କଡ଼ା ଜବାବ ଦେବା ପରିବର୍ତ୍ତେ, ସେ ବନ୍ଦେ ମାତରମର ଯାଞ୍ଚ ଆରମ୍ଭ କରିଥିଲେ । ଜିନ୍ନାଙ୍କ ପ୍ରତିବାଦର ମାତ୍ର ପାଞ୍ଚ ଦିନ ପରେ ଅକ୍ଟୋବର ୨୦ ତାରିଖରେ ନେହେରୁ ନେତାଜୀଙ୍କୁ ଏକ ଚିଠି ଲେଖିଥିଲେ । ଚିଠିରେ ନେହେରୁ ଜିନ୍ନାଙ୍କ ଭାବନା ସହିତ ସହମତ ଥିବା ଦେଖାଯାଇଥିଲା । ପ୍ରଧାନମନ୍ତ୍ରୀ ମୋଦୀ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀରେ ଲୋକସଭାରେ କହିଛନ୍ତି, ୧୯୦୫ ମସିହାରେ ମହାତ୍ମା ଗାନ୍ଧୀ ଯେଉଁ ବନ୍ଦେ ମାତରମକୁ ଜାତୀୟ ସଙ୍ଗୀତ ଭାବରେ ଦେଖିଥିଲେ । ସେ ବନ୍ଦେ ମାତରମ୍ ମହାନ ଥିଲାୟ ତାହାର ଭାବନା ମହାନ ଥିଲା । ତେବେ ଗତ ଶତାବ୍ଦୀରେ ଏହା ପ୍ରତି ଏତେ ବଡ଼ ଅନ୍ୟାୟ କାହିଁକି କରାଯାଇଥିଲା ? ବନ୍ଦେ ମାତରମ୍ ପ୍ରତି କାହିଁକି ବିଶ୍ୱାସଘାତକତା କରାଯାଇଥିଲା ? କେଉଁ ଶକ୍ତି ଥିଲା ଯାହାର ଇଚ୍ଛା ପୂଜ୍ୟ ବାପୁଙ୍କ ଭାବନାକୁ ପରାସ୍ତ କରିଥିଲା । ଯାହା ବନ୍ଦେ ମାତରମ୍ ଭଳି ପବିତ୍ର ଭାବନାକୁ ବିବାଦ ଭିତରକୁ ଟାଣି ନେଇଥିଲା ?'ପ୍ରଧାନମନ୍ତ୍ରୀ ମୋଦୀ ଜବାହରଲାଲ ନେହେରୁଙ୍କୁ ସମାଲୋଚନା କରି କହିଛନ୍ତି,ମୁସଲିମ ଲିଗର ମନ୍ତବ୍ୟର ଜବାବ ଦେବା ପରିବର୍ତ୍ତେ, ନେହେରୁ ଜୀ ସୁଭାଷ ବାବୁଙ୍କୁ ଏକ ଚିଠି ଲେଖି କହିଥିଲେ ଯେ, ମୁଁ ବନ୍ଦେ ମାତରମର ପୃଷ୍ଠଭୂମି ପଢ଼ିଛି ଏବଂ ମୁଁ ଅନୁଭବ କରୁଛି ଯେ, ଏହା ମୁସଲମାନମାନଙ୍କୁ ଉତ୍ତେଜିତ କରିପାରେ । ଲୋକସଭାରେ ପ୍ରଧାନମନ୍ତ୍ରୀ ମୋଦୀ ଜରୁରୀକାଳୀନ ପରିସ୍ଥିତିକୁ ଟାର୍ଗେଟ କରି କହିଛନ୍ତି, ବନ୍ଦେ ମାତରମର ୧୫୦ ବର୍ଷର ଯାତ୍ରା ଅନେକ ପର୍ଯ୍ୟାୟ ଦେଇ ଗତି କରିଛି । ଯେତେବେଳେ ବନ୍ଦେ ମାତରମ ଏହାର ୫୦ତମ ବାର୍ଷିକୀ ପାଳନ କରିଥିଲା, ଦେଶକୁ ଦାସତ୍ୱରେ ରହିବାକୁ ବାଧ କରାଯାଇଥିଲା ।

# ଇଣ୍ଡିଗୋ ସଙ୍କଟ: ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):**ଇଣ୍ଡିଗୋ ସଙ୍କଟ ନେଇ ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ । ଦେଶର ସର୍ବୋଚ୍ଚ ଅଦାଲତ ଇଣ୍ଡିଗୋ ସଙ୍କଟରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି ଯେ ସରକାର ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଯଦି ପରିସ୍ଥିତି ସେହିପରି ରହିଥାନ୍ତା ତେବେ ଏହା ଭିନ୍ନ କଥା ହୋଇଥାନ୍ତା । ଆମେ ବୁଝୁଛୁ ଯେ ଲକ୍ଷ ଲକ୍ଷ ଲୋକ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ସରକାର ଏହି ମାମଲାକୁ ପରିଚାଳନା କରୁଛନ୍ତି ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଜାଣିରଖିବା ଉଚିତ ଯେ, ୧୦୦ଟିରୁ ଅଧିକ ଇଣ୍ଡିଗୋ ବିମାନ ବାତିଲ୍ ସମ୍ପର୍କରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି । ସୁପ୍ରିମକୋର୍ଟ ଆଜି ଅର୍ଥାତ ଡିସେମ୍ବର ୮ ତାରିଖରେ ଏହି ମାମଲାର ଶୁଣାଣି କରିବେ । ସୁପ୍ରିମକୋର୍ଟର ଓକିଲ ନରେନ୍ଦ୍ର ମିଶ୍ର ଏହି ସଙ୍କଟ ନେଇ ତୁରନ୍ତ ହସ୍ତକ୍ଷେପ ପାଇଁ ଏକ ପିଆଇଏଲ୍ ଦାୟର କରିଛନ୍ତି । ପିଟିସନରେ ପ୍ରଭାବିତ ଯାତ୍ରୀଙ୍କ ପାଇଁ ବିକଳ୍ପ ଯାତ୍ରା ଏବଂ କ୍ଷତିପୂରଣ ଦାବି କରାଯାଇଛି। ଆବେଦନରେ ଅଭିଯୋଗ କରାଯାଇଛି ଯେ ଇଣ୍ଡିଗୋର ବିମାନ ବାତିଲ ସମ୍ବିଧାନର ଧାରା ୨୧ ଉଲ୍ଲଂଘନ କରୁଛି । ଇଣ୍ଡିଗୋର ବିମାନ ବାତିଲ ଏବଂ ବିଳମ୍ବ ଯୋଗୁଁ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଡିସେମ୍ବର ୬ ତାରିଖରେ, ଆବେଦନକାରୀଙ୍କ ଓକିଲ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ବାସଭବନକୁ ଯାଇ ଏହି ବିଷୟରେ ତୁରନ୍ତ ଶୁଣାଣି ପାଇଁ ଅନୁରୋଧ କରିଥିଲେ ।ବିମାନ ବାତିଲ ସମ୍ପର୍କରେ ସୁପ୍ରିମକୋର୍ଟରେ ଏକ ଜନଶୁଣାଣି ଆବେଦନ ଦାଖଲ କରାଯାଇଛି । ଆଇନଜୀବୀ ନରେନ୍ଦ୍ର ମିଶ୍ର କହିଛନ୍ତି ଯେ ଜଷ୍ଟିସ ସୂର୍ଯ୍ୟକାନ୍ତ ଆମର ଆବେଦନର ସମୀକ୍ଷା କରିଛନ୍ତି ଏବଂ ତାଙ୍କ କର୍ମଚାରୀଙ୍କୁ ଏହି ମାମଲା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।



# ଆଣ୍ଡାମାନ ଓ ନିକୋବରରେ ଉନ୍ମୋଚିତ ହେବ ସାଭରକରଙ୍କ ପ୍ରତିମୂର୍ତ୍ତି

**ଭୁବନେଶ୍ୱର, ୮।୧୨ (ନି.ପ୍ର)** : ସାଗର ପ୍ରାଣ୍ ତାଲାମାଲାଲା ......' ଏହି କାଳଜୟୀ ପଂକ୍ତିଗୁଡ଼ିକ ଅଗଣିତ ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଅଗ୍ନି ପ୍ରଜ୍ୱଳିତ କରିଛି। ସ୍ୱତନ୍ତ୍ରବୀର ବିନାୟକ ଦାମୋଦର ସାଭରକର ୧୧୬ ବର୍ଷ ପୂର୍ବେ ଏହି କିମ୍ବଦନ୍ତୀ କବିତାର ରଚନା କରିଥିଲେ। ଏହି ଐତିହାସିକ ଅବସରକୁ ପାଳନ କରି ଭାଲ୍ୟୁବଲ ଗ୍ରୁପ ପକ୍ଷରୁ ଆସନ୍ତା ଡିସେମ୍ବର ୧୨ ତାରିଖରେ ଆଣ୍ଡାମାନର ଶ୍ରୀ ବିଜୟ ପୁରମଠାରେ 'ସାଗର ପ୍ରାଣ୍ ତାଲାମାଲାଲା' ଶୀର୍ଷକ ଏକ ବିଶାଳ ସ୍ମାରକୀ କାର୍ଯ୍ୟକ୍ରମର ଆୟୋଜନ ହେବାକୁ ଯାଉଛି। ଏହି ଅବସରରେ ବେଓଦାନାବାଦଠାରେ ସମୁଦ୍ର ଉପକୂଳରେ ସ୍ୱତନ୍ତ୍ରବୀର ବିନାୟକ ଦାମୋଦର ସାଭରକର୍‌ଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବ। ଏହି ଉନ୍ମୋଚନ କାର୍ଯ୍ୟକ୍ରମକୁ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ଆରଏସଏସର ସରସଂଘଚାଳକ ଡଃ ମୋହନ ଭାଗବତ ପରିଚାଳନା କରିବେ। ଏହି ବିଶାଳ ସମାରୋହରେ ସ୍ୱତନ୍ତ୍ର ଅତିଥି ଭାବେ ମହାରାଷ୍ଟ୍ରର ସାଂସ୍କୃତିକ ବ୍ୟାପାର ଓ ଆଇଟି ମନ୍ତ୍ରୀ ଆଡ୍‌ଭୋକେଟ ଆଶିଷ ସେଲାରଙ୍କ ସମେତ ପଦ୍ମଶ୍ରୀ ପଣ୍ଡିତ ହୃଦୟନାଥ ମଙ୍ଗେସକର, ଉଷା ମଙ୍ଗେସକର, ରଣଦୀପ ହୁଡା, ଡକ୍ଟର ବିକ୍ରମ ସମ୍ପଥ ଓ ଶରଦ ପୋଙ୍କସେଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିମୂର୍ତ୍ତିକୁ ମୁମ୍ବାଇସ୍ଥିତ ଭାଲ୍ୟୁବଲ ଗ୍ରୁପର ପ୍ରତିଷ୍ଠାତା, ଶ୍ରୀ ଅମିୟ ହେଟେ ପରିକଳ୍ପନା କରିବା ସହ ତାହାକୁ ଜୀବନ୍ତ ରୂପ ଦେଇଛନ୍ତି। ଏହି ପ୍ରତିମୂର୍ତ୍ତି ସାଭରକରଙ୍କ ଅଟଳ ଜାତୀୟତାବାଦ, ତ୍ୟାଗ ଓ ନିର୍ଭୀକ ଚିନ୍ତାଧାରାର ଏକ ଜୀବନ୍ତ ପ୍ରତୀକ ଭାବେ ଉଭା ହେବ। ଏହି ପ୍ରତିମୂର୍ତ୍ତିକୁ ନିକଟରେ ମହାରାଷ୍ଟ୍ର ଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିବା ଶ୍ରୀ ରାମ ସୁତାର ନିର୍ମାଣ କରିଛନ୍ତି। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପଣ୍ଡିତ ହୃଦୟନାଥ ମଙ୍ଗେସକର, ଉଷା ତାଇ ଓ ତାଙ୍କ ଟିମ ଦ୍ୱାରା ସଭରକରଙ୍କ ରଚୟିତ 'ନେ ମାଜାସି ନେ ପାରତ ମାତୃଭୂମିଲା, ସାଗର ପ୍ରାଣ ତାଲାମାଲାଲା। ପ୍ରଦର୍ଶିତ ହେବ। ଏସମ୍ପର୍କରେ ଭାଲ୍ୟୁବଲ ଗ୍ରୁପର ପ୍ରତିଷ୍ଠାତା ଶ୍ରୀ ଅମିୟ ହେଟେ କହିଛନ୍ତି, 'ଏହି ସମାରୋହ କେବଳ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଭାରତର ସ୍ୱାଧୀନତା ସଂଗ୍ରାମର ପ୍ରେରଣାଦାୟୀ ଇତିହାସ ପ୍ରତି ଏକ ବିନମ୍ର ସଲାମ। ଭବିଷ୍ୟତ ପିଢିଙ୍କ ହୃଦୟରେ ଦେଶପ୍ରେମର ଜ୍ୱାଳା ପ୍ରଜ୍ୱଳିତ କରିବା ପାଇଁ ଏହା ଏକ ପ୍ରୟାସ ଅଟେ।




# ସ୍ୱଦେଶ ଫ୍ଲାଗସିପ୍ ଷ୍ଟୋରରେ ଭାରତୀୟ କଳାକାର ଓ କାରିଗରଙ୍କ ସମ୍ମାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ମୁମ୍ବାଇ, ୮।୧୨ (ନି.ପ୍ର)** : ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷା ନୀତା ଅମ୍ବାନୀ ମୁମ୍ବାଇର ଇରୋସରେ ସ୍ୱଦେଶ ଫ୍ଲାଗସିପ୍ ଷ୍ଟୋରରେ ଭାରତୀୟ କଳାକାର ଏବଂ କାରିଗରମାନଙ୍କୁ ସମ୍ମାନିତ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଏହି ଅବସରରେ ସେ ସ୍ୱଦେଶର ଏକ ମୟୂର ନୀଳ ବନାରସୀ ଶାଢ଼ି ପିନ୍ଧିଥିଲେ, ଯେଉଁଥିରେ ସୂକ୍ଷ୍ମ ମୀନା କାରିଗରୀ ଏବଂ ପାରମ୍ପରିକ କଢୁଆ ବୁଣା ଶୈଳୀ ରହିଥିଲା। ଏହି ଅବସରରେ ମନୀଷ ମାଲହୋତ୍ରାଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ବ୍ଲାଉଜରେ ପୋଲକି ବର୍ଡର, ହାତରେ ଦେବୀଦେବତାଙ୍କ ଚିତ୍ର କରାଯାଇଥିବା ବଟନ୍ ଏବଂ ତାଙ୍କ ବ୍ୟକ୍ତିଗତ ସଂଗ୍ରହରୁ ଚୟନ କରାଯାଇଥିବା ଭିଣ୍ଟେଜ୍ ସ୍ୱାଇନେଲ୍ ଟାସେଲ୍ ଥିଲା। ୧୦୦ ବର୍ଷରୁ ଅଧିକ ପୁରୁଣା ପୁରୁଣା ଏଣ୍ଟିକ କୁନ୍ଦନ ପୋଲକି କାନଫୁଲ, ସ୍ୱଦେଶର ଏକ ହାତ ତିଆରି ଷ୍ଟଡେଡ୍ ପକ୍ଷୀ ମୁଦି ଏବଂ ତାଙ୍କ ମାଆଙ୍କଠାରୁ ଉତ୍ତରାଧିକାରରେ ପ୍ରାପ୍ତ ଏକ ଐତିହ୍ୟ ହାଥଫୁଲ ଦ୍ୱାରା ତାଙ୍କ ପରିପାଟୀକୁ ଆହୁରି ଅଧିକ ସମୃଦ୍ଧ କରିଥିଲା। ଏହି ହାଥଫୁଲ ପରିବାରର ଏକ ଅମୂଲ୍ୟ ଐତିହ୍ୟ।

ଶ୍ରୀମତୀ ନୀତା ଅମ୍ବାନୀ ବହୁ-ପିଢ଼ି ଧରି କଳା ସହିତ ଜଡିତ ହୋଇ ରହିଥିବା ସଫଳ ଓ ଶ୍ରେଷ୍ଠ ଜାତୀୟ ପୁରସ୍କାର-ବିଜେତା କାରିଗରମାନଙ୍କ ସହିତ ଯୋଗ ଦେଇଥିଲେ। ଏହି ଶ୍ରେଷ୍ଠ କାରିଗରମାନଙ୍କ ମଧ୍ୟରେ ରହିଥିଲେ ଟାଙ୍ଗାଇଲ ଏବଂ ଜାମଦାନୀ ବୁଣା ପାଇଁ ପ୍ରସିଦ୍ଧ ୨୦୨୧ ରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଶ୍ରୀ ବୀରେନ ବସକ, ୨୦୧୯ରେ ଶିଳ୍ପ ଗୁରୁ ପୁରସ୍କାର ଏବଂ ୨୦୧୧ରେ ଜାତୀୟ ପୁରସ୍କାରରେ ସମ୍ମାନିତ ତାରେ ଚିତ୍ରଶିଳ୍ପୀ ଶ୍ରୀ ଭି. ପନ୍ନିରସେଲଭମ୍, ସପ୍ତମ ପିଢ଼ିର ମିନିଏଚର ଚିତ୍ରଶିଳ୍ପୀ ଏବଂ ୨୦୧୪ରେ ଜାତୀୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶ୍ରୀ ଶମ୍ଭି ବନୁ ଶର୍ମା, ପ୍ରସିଦ୍ଧ ପୈଠାନୀ ବସ୍ତ୍ର ଡିଜାଇନର ଓ ହସ୍ତତନ୍ତ ପୁନରୁଦ୍ଧାରକାରୀ ଶ୍ରୀ ଘନଶ୍ୟାମ ସରୋଡ ଏବଂ ଓଡ଼ିଶା ଇକ୍କତ୍ ବସ୍ତ୍ର ଶିଳ୍ପୀ ଓ ୨୦୨୪ରେ ଜାତୀୟ ପୁରସ୍କାର ବିଜୟିନୀ ଗୁନ ଜୈନ।

ସ୍ୱଦେଶର ମାଷ୍ଟର୍ସ ପାଭିଲିୟନ ଭାରତର ପ୍ରସିଦ୍ଧ ଜାତୀୟ ପୁରସ୍କାର ବିଜେତା ମାଷ୍ଟର କାରିଗରମାନଙ୍କର ସର୍ବୋତ୍ତମ ସୃଷ୍ଟିକୁ ଏକତ୍ରିତ କରିଛି ଯାହା ମଧ୍ୟରୁ ପ୍ରତ୍ୟେକଟି ଅନେକ ପିଢ଼ିର ଦକ୍ଷତା, ନିଷ୍ଠା ଏବଂ ସୂକ୍ଷ୍ମ ହସ୍ତଶିଳ୍ପ ଦ୍ୱାରା ଆକୃତିପ୍ରାପ୍ତ ହୋଇଛି। ଶ୍ରୀ ଶମ୍ଭି ବାନୁ ଶର୍ମାଙ୍କ ମିନିଏଚର ନିପୁଣତା ଏବଂ ଶ୍ରୀମତୀ ଗୁନ ଜୈନଙ୍କ ଦ୍ୱାରା ଓଡ଼ିଶା ଇକ୍କତର ଭବ୍ୟତା ଠାରୁ ଆରମ୍ଭ କରି ଶ୍ରୀ ଭି. ପନ୍ନିରସେଲଭମ୍, ଶ୍ରୀ ଘନଶ୍ୟାମ ସରୋଡ ଏବଂ ପଦ୍ମଶ୍ରୀ ବୀରେନ ବସାକଙ୍କ ପରି ପ୍ରଖ୍ୟାତ ଶିଳ୍ପୀଙ୍କ କାଳଜୟୀ କାର୍ଯ୍ୟ ପର୍ଯ୍ୟନ୍ତ, ପ୍ରତ୍ୟେକଟି କଳାକୃତି ଭାରତର କଳାତ୍ମକ ଐତିହ୍ୟର ଗଭୀରତାକୁ ପ୍ରତିଫଳିତ କରୁଛି। ଶ୍ରୀମତୀ ନୀତା ଅମ୍ବାନୀ ଏହି ଅସାଧାରଣ କାର୍ଯ୍ୟଗୁଡ଼ିକୁ ପ୍ରଶଂସା କରିବା ସହିତ ସ୍ୱଦେଶକୁ ପରିଭାଷିତ କରୁଥିବା ଜୀବନ୍ତ ଐତିହ୍ୟ ଏବଂ ହସ୍ତଶିଳ୍ପ ଉତ୍କର୍ଷତାକୁ ପାଳନ କରିଥିଲେ।

ଦେଶ ସାରା ହସ୍ତଶିଳ୍ପ ଖେଳଣା, ପ୍ରତିମୂର୍ତ୍ତି, ବସ୍ତ୍ର, କାଠ କାରୁକାର୍ଯ୍ୟ ଏବଂ ମୂର୍ତ୍ତିରୁ ସମ୍ପୂର୍ଣ୍ଣ ଭାବରେ ନିର୍ମିତ ଏହି ଇନଷ୍ଟାଲେସନ ଆମର ଅଦ୍ୱିତୀୟ କାରିଗରମାନଙ୍କ ଜୀବନ୍ତ ଐତିହ୍ୟକୁ ପାଳନ କରିଥିଲା। ଏହା ସାମ୍ନାରେ ଠିଆ ହୋଇ, ଶ୍ରୀମତୀ ନୀତା ଅମ୍ବାନୀ ସ୍ୱଦେଶର ଦୃଷ୍ଟିକୋଣକୁ ପ୍ରତିଫଳିତ କରିଥିଲେ ଯାହାର ଲକ୍ଷ୍ୟ ରହିଛି ଭାରତର ହସ୍ତଶିଳ୍ପ ପରମ୍ପରାକୁ ସେମାନଙ୍କର ପବିତ୍ର ରୂପରେ ସମ୍ମାନିତ କରିବା ଏବଂ ସେମାନଙ୍କୁ ଜୀବନ୍ତ ରଖୁଥିବା ହାତ ମାଧ୍ୟମରେ ଉତ୍ସବମୟ କାହାଣୀ କହିବାକୁ ପୁନଃକଳ୍ପନା କରିବା।




# ଇଷ୍ଟକୋଷ୍ଟ ରେଲ୍‌ୱେ ଏବଂ ଧାମରା ପୋର୍ଟ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍



**ଭୁବନେଶ୍ୱର, ୮।୧୨ (ନି.ପ୍ର)** : ଇଷ୍ଟକୋଷ୍ଟ ରେଲୱେ ଏବଂ ଧାମରା ପୋର୍ଟ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଭୁବନେଶ୍ୱର ଖୋର୍ଦ୍ଧାରୋଡ ସ୍ଥିତ ଇଷ୍ଟକୋଷ୍ଟ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଡିଭିଜନର ରେଲ୍‌ୱେ ମ୍ୟାନେଜରଙ୍କ ପ୍ରତିନିଧିତ୍ୱରେ ଏହି ମ୍ୟାଚ୍ ଉତ୍ସୁକତାର ସହ ଆରମ୍ଭ ହୋଇଥିଲା। ଇଷ୍ଟକୋଷ୍ଟ ରେଲ୍‌ୱେ ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ୧୩୨ ରନ୍ ସଂଗ୍ରହ କରିଥିଲା। ଧାମରା ପୋର୍ଟ ଦଳ ଏହି ରନ୍‌କୁ ପିଛା କରି ମାତ୍ର ୧୧.୨ ଓଭରରେ ୫ ଟି ୱିକେଟ୍ ହରାଇ ୧୩୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍ ଖେଳାଳିମାନଙ୍କ ମଧ୍ୟରେ ଦୃଢ ଦଳଗତ ନୀତି, ପ୍ରତିଯୋଗିତାମୂଳକ ମନୋଭାବ ଏବଂ ସୌହାର୍ଦ୍ଦ୍ୟକୁ ପ୍ରଦର୍ଶିତ କରିଥିଲା। ଉଭୟ ଦଳ ଦକ୍ଷତା ଏବଂ ଉତ୍ସାହ ପ୍ରଦର୍ଶନ କରିଥିଲେ, ଯାହା ଏହି କାର୍ଯ୍ୟକ୍ରମକୁ ସ୍ମରଣୀୟ କରିଥିଲା। ଆୟୋଜକମାନେ ଏହି ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତାର ସଫଳତାରେ ଯୋଗଦାନ ପାଇଁ ସମସ୍ତ ଖେଳାଳି ଏବଂ ସମର୍ଥକଙ୍କୁ କୃତଜ୍ଞତା ଜଣାଇଥିଲେ।

# ଭାରତ ସରକାରଙ୍କ ଏଆଇ ମିସନକୁ ଆମାଜନ୍‌ର ସମର୍ଥନ

**ଭୁବନେଶ୍ୱର/କଟକ, ୮।୧୨ (ନି.ପ୍ର)**: ଭାରତ ସରକାରଙ୍କ ଏଆଇ ମିଶନ ପ୍ରତି ସମର୍ଥନ ଜଣାଇ ଆମାଜନ ପକ୍ଷରୁ ୨୦୩୦ ସୁଦ୍ଧା ସବୁ ଭାରତୀୟଙ୍କ ପାଖରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) ପହଂଚାଇବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନି ସ୍ଥାନୀୟ କ୍ଲାଉଡ୍ ଓ ଏଆଇ ଭିତିଭୂମିରେ ୧୨.୭ ବିଲିୟନ ଡଲାର ନିବେଶ କରିବା ପଥରେ ରହିଛି ଯାହା ଫଳରେ ୧୫ ନିୟୁତରୁ ଅଧିକ କ୍ଷୁଦ୍ର ବ୍ୟବସାୟ ପାଖରେ ଏଆଇର ଲାଭ ପହଂଚିପାରିବ। ୨୦୩୦ ସୁଦ୍ଧା ୪ ନିୟୁତ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଖରେ ଏଆଇ ସାକ୍ଷରତା ଓ କ୍ୟାରିୟର ସଚେତନତା ପହଂଚାଇବାକୁ ଆମାଜନ ପ୍ରତିବଦ୍ଧ ରହିଛି। ଆମାଜନ ଇଣ୍ଡିଆର କଂଟ୍ରି ମ୍ୟାନେଜର ସମିର କୁମାର କହିଛନ୍ତି ଯେ, 'ଯୁଗ ଯୁଗ ଧରି ଲୋକମାନଙ୍କୁ ପଛୁଆ ରଖିଥିବା ଭାଷା, ସାକ୍ଷରତା ଓ ସୁବିଧାର ପ୍ରତିବନ୍ଧକକୁ ଦୂର କରି ଭାରତରେ ଶ୍ରେଷ୍ଠ ସମାନତା ଆଣିବାର ସମ୍ଭାବନା ଏଆଇ ପାଖରେ ରହିଛି। ଯେତେବେଳେ ତୃତୀୟ ଶ୍ରେଣୀ ସହରରେ ଛୋଟ ବ୍ୟବସାୟୀ ଏଆଇକୁ ବ୍ୟବହାର କରି କିଛି ମିନିଟ୍‌ରେ ପ୍ରଫେସନାଲ ଉତ୍ପାଦ ଲିଷ୍ଟିଂ କରିବେ, କିମ୍ବା ସରକାରୀ ସ୍କୁଲର ଜଣେ ଛାତ୍ର ସେହି କୌଶଳ ଶିଖିବେ ଯାହା ସେମାନଙ୍କ ପାଇଁ ନୂଆ କ୍ୟାରିୟର ଖୋଲିବ କିମ୍ବା ଗ୍ରାହକମାନେ ଟାଇପ୍ ନ କରି ନିଜ ଭାଷାରେ ସପିଂ କରିପାରିବେ ସେତେବେଳେ ପ୍ରଯୁକ୍ତିର ଲାଭ ପ୍ରକୃତରେ ସମସ୍ତଙ୍କ ପାଖରେ ପହଂଚିବ। ଆମେ ବ୍ୟାପକ ଭାବେ ଏଆଇ ଭିତିଭୂମି ଓ ଟୁଲ୍ ଗଠନ କରୁଛୁ କାରଣ ଆମର ବିଶ୍ୱାସ ରହିଛି ଯେ ପ୍ରତି ଭାରତୀୟ ଏହି ରୂପା'ରଣରୁ ଉପକୃତ ହେବା ଉଚିତ ଏବଂ ଏହାକୁ ବାସ୍ତବତାରେ ପରିଣତ କରିବା ଲାଗି ସରକାରଙ୍କ ଏଆଇ ମିସନକୁ ସମର୍ଥନ କରୁଥିବାରୁ ଆମେ ଗର୍ବିତ।

୨୦୨୩ରେ ଆମାଜନ ପକ୍ଷରୁ ସ୍ଥାନୀୟ କ୍ଲାଉଡ୍ ଓ ଏଆଇ ଭିତିଭୂମିରେ ୧୨.୭ ବିଲିୟନ ଡଲାର ନିବେଶ ଘୋଷଣା କରାଯାଇଥିଲା। ଭାରତରେ ଏଡବ୍ଲ୍ୟୁଏସ୍ ବ୍ୟାପକ ଗ୍ରାହକ ରହିଛନ୍ତି ଯାହା ଉଭୟ ଘରୋଇ ଓ ସରକାରୀ କ୍ଲାଏଟଙ୍କୁ ସେବା ଯୋଗାଉଛି। ଏଜେଂଟିକ୍ ଏଆଇ ଭବିଷ୍ୟତ ପାଇଁ କମ୍ପାନି କୁଶଳୀ ଶ୍ରମିକ ଗଠନ କରୁଛି। ୨୦୧୭ ପରଠାରୁ ଏଡବ୍ଲ୍ୟୁଏସ୍ ଭାରତରେ ୬.୨ ନିୟୁତରୁ ଅଧିକ ଲୋକଙ୍କୁ କୁଶଳି କରିପାରିଛି। କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଆମାଜନ ବିକାଶ କରିଥିବା ଟୁଲ୍‌ରେ ବିକ୍ରେତା ଆସିଷ୍ଟାଂଟ, ପରବର୍ତୀ ପିଢ଼ିର ସେଲର୍ ସେଂଟ୍ରାଲ୍, ଲିଷ୍ଟିଂ ପାଇଁ ଜେନ୍‌ଏଆଇ, କ୍ରିଏଟିଭ୍ ଷ୍ଟୁଡିଓ ଓ ଭିଡିଓ ପ୍ରସ୍ତୁତି ଭଳି ସୁବିଧା ରହିଛି। ଆମାଜନ ୨୦୩୦ ସୁଦ୍ଧା ୪ ନିୟୁତ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଖରେ ଏଆଇ ସାକ୍ଷରତା ଓ କ୍ୟାରିୟର ସଚେତନତା ପହଂଚାଇବାକୁ ଲକ୍ଷ୍ୟ ରଖିଛି। ଏଥିରେ ଏଆଇ ପାଠ୍ୟକ୍ରମ, ପ୍ରତ୍ୟକ୍ଷ ପରୀକ୍ଷାନିରୀକ୍ଷା, କ୍ୟାରିୟର ଟୁର ଓ ଶିକ୍ଷକ ତାଲିମ ଆଦିକୁ ସାମିଲ କରାଯାଇଛି।

ଏମ୍‌ଇଆଇଟିୱାଇର ଅତିରିକ୍ତ ସଚିବ ତଥା ଭାରତ ଏଆଇ ମିସନର ସିଇଓ ଅଭିଶେକ ସିଂହ କହିଛନ୍ତି ଯେ, 'ଏଆଇ ଯୁଗରେ ଶିକ୍ଷା କେବଳ ନୂଆ ପ୍ରଯୁକ୍ତିକୁ ବୁଝିବା ନୁହେଁ, ବରଂ ଏହା ହେଉଛି ଭାରତର ସ୍ୱତନ୍ତ୍ର ଆହ୍ୱାନଗୁଡ଼ିକୁ ସମାଧାନ କରିବା ଲାଗି କିଭଳି ପ୍ରଯୁକ୍ତିକୁ ବ୍ୟବହାର କରାଯିବ ତାହା ଶିଖାଇ ଭାରତୀୟଙ୍କୁ ସଶକ୍ତ କରିବା। ଉଲ୍ଲେଖନୀୟ ନିବେଶ ସହିତ ୪ ନିୟୁତ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଖରେ ଏଆଇ ଶିକ୍ଷା ପହଂଚାଇବା ପାଇଁ ଆମାଜନର ପ୍ରତିବଦ୍ଧତା ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବାରେ ସହାୟକ ହୋଇପାରିବ। ଯେତେବେଳେ ଏକ ସହରୀ ପିଲା ଭଳି ଦୁର୍ଗମ ଗ୍ରାମର ଜଣେ ପିଲା ସମାନ ଏଆଇ ଶିକ୍ଷା ପାଇପାରିବେ ଆମେ ସମାନତାର ଡିଜିଟାଲ ଭବିଷ୍ୟତ ପାଖରେ ପହଂଚିପାରିବା। ଶ୍ରେଣୀ ଗୃହରେ ଏଆଇକୁ ସମନ୍ୱିତ କରିବା କେବଳ ଏକ ଦକ୍ଷତା ଅଭିଯାନ ନୁହେଁ, ଏହା ରାଷ୍ଟ୍ର ଗଠନର ଉଦ୍ୟମ। ଆମେ ଆମ ଛାତ୍ରଛାତ୍ରୀଙ୍କୁ କେବଳ ଭବିଷ୍ୟତର ନିଯୁକ୍ତି ପାଇଁ ନୁହେଁ, ବରଂ ସେମାନଙ୍କୁ ନବସୃଜନକାରୀ କରିବା ଯେଉଁମାନେ ଭାରତ୍ ଓ ଦୁନିଆ ପାଇଁ ସମାଧାନ ପ୍ରସ୍ତୁତ କରିବେ।

# ଆମାଜନର ଏଭ୍ରିଡେ ଏସେନ୍ସିଆଲରେ ବିଭିନ୍ନ ସାମଗ୍ରୀ ଉପରେ ୪୦% ପର୍ଯ୍ୟନ୍ତ ସଞ୍ଚୟ

**ଭୁବନେଶ୍ୱର, ୮।୧୨ (ନି.ପ୍ର)** : ଚଳିତ ଶୀତ ଋତୁରେ ଆମାଜନର ଏଭ୍ରିଡେ ଏସେନସିଆଲ୍ସ ଷ୍ଟୋର, ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ଯତ୍ନ, ଗୁରମେଟ୍ କିରାଣା, ବେବିକେୟାର ଏବଂ ପେଟକେୟାର ବର୍ଗରେ ଏକ ବିସ୍ତୃତ ରେଞ୍ଜ ଉତ୍ପାଦ ପ୍ରଦାନ କରୁଛି। ଗ୍ରାହକମାନେ ଏହି ନୂତନ ଷ୍ଟୋରଫ୍ରଂଟରେ ବେବିଗିଫ୍ଟିଂ ଏବଂ ପ୍ରିମିୟମ୍ ବେବିକେୟାର, ଇମ୍ୟୁନିଟିଏସେନ୍ସିଆଲ୍ସ, ରେସ୍ପିରେଟୋରୀ କେୟାର ଏବଂ କିଡ୍ସ ୱିଂଟର ହେଲ୍ଥରୁ କ୍ୟୁରେଟେଡ୍ ପସନ୍ଦରୁ ଅନ୍ୱେଷଣ କରିପାରିବେ। ଦ୍ରୁତ ଏବଂ ନିର୍ଭରଯୋଗ୍ୟ ଡେଲିଭରି ସହିତ, ଶୀତକାଳୀନ ଆବଶ୍ୟକୀୟ ଜିନିଷ କିଣିବା ଏବେ ଅଧିକ ସୁବିଧାଜନକ। ଗ୍ରାହକମାନେ ଆମାଜନ୍ ପେ ସହିତ ଅତିରିକ୍ତ ସଂଚୟର ମଜା ନେଇପାରିବେ, ଯେତେବେଳେକି ପ୍ରାଇମ୍ ସଦସ୍ୟମାନେ ଅତିରିକ୍ତ ସୁବିଧା ପାଇଁ ହଜାର ହଜାର ଉତ୍ପାଦ ଉପରେ ସମାନ ଦିନରେ ଡେଲିଭରୀର ଲାଭ ଉଠାଇପାରିବେ। ଏହାର କିଛିଇ ଶ୍ରେଷ୍ଠ ପସନ୍ଦଗୁଡ଼ିକ ମଧ୍ୟରେ ଡାବର ଚ୍ୟବନପ୍ରାଶ (୯୫୦ ଗ୍ରାମ), ଜାଣ୍ଡୁ କେଶରୀ ଜୀବନ ଚିନି ମୁକ୍ତ (୯୦୦ ଗ୍ରାମ), ପିଲାମାନଙ୍କ ପାଇଁ ଲିଟିଲ ଜଏ ମଲ୍ଟିଭିଟାମିନ ଗମିଜ, ଫାର୍ମଲି ସିଡମିକ୍ସ (୧୬୦ ଗ୍ରାମ), କେରଳ ଆୟୁର୍ବେଦ ଅନୁ ଥାଇଲମ୍ (୧୦ ମିଲି), ଗ୍ରୀନ ଫିଂଟି ଜମ୍ବୋ ସିଡ ମିକ୍ସ,ଟ୍ୱିନିଙ୍ଗସ ଗ୍ରୀନ ଟୀ କ୍ରାନବେରୀ, ହିପୱେଲ ସୁପରଫୁଡ୍ସ ଜାପାନିଜ ମଚ୍ଛା ଗ୍ରୀନ ଟି ପାଉଡର ରହିଛି।

# ଖାନ୍ ଏକାଡେମୀ ପକ୍ଷରୁ ଓଡ଼ିଆରେ ଦେୟମୁକ୍ତ ଏଆଇ ଶିକ୍ଷଣ ସହାୟକ 'ଖାନ୍ମିଗୋ' ଆରମ୍ଭ

**ଭୁବନେଶ୍ୱର, ୮।୧୨ (ନି.ପ୍ର)** : ଖାନ୍ ଏକାଡେମୀ ଇଣ୍ଡିଆ ଆଜି ଘୋଷଣା କରିଛି ଯେ ଶିକ୍ଷକମାନଙ୍କ ପାଇଁ ଏହାର (ଇଓ) ଏଆଇ-ଚାଳିତ ଶିକ୍ଷଣ ସହାୟକ, ଖାନ୍ମିଗୋ ଏବେ ଓଡ଼ିଆରେ ଉପଲବ୍ଧ। ଏହି ଉପଲବ୍ଧତା ସହିତ, ଏବେ ଇଂରାଜୀ, ହିନ୍ଦୀ ଏବଂ ମରାଠୀ ବ୍ୟତୀତ ଓଡ଼ିଶାର ଶିକ୍ଷକମାନେ ଓଡ଼ିଆରେ ଖାନ୍ମିଗୋ ବ୍ୟବହାର କରିପାରିବେ- ବିନା କୌଣସି ମୂଲ୍ୟରେ। ନଭେମ୍ବର ୨୦୨୪ରେ ଜାତୀୟ ସ୍ତରରେ ଆରମ୍ଭ ହୋଇଥିବା ଖାନ୍ମିଗୋ, ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା (ଇଓ) ଏଆଇ ଉପକରଣ ପ୍ରଦାନ କରୁଛି- ଅଧ୍ୟାୟ ସାରାଂଶ ଓ ଲେସନ୍ ପ୍ଲାନ ପ୍ରସ୍ତୁତ କରିବା ଠାରୁ ମୂଲ୍ୟାଙ୍କନ ପ୍ରସ୍ତୁତ କରିବା ପର୍ଯ୍ୟନ୍ତ। ଏହା ପୂର୍ବରୁ ଶିକ୍ଷକମାନଙ୍କୁ ସେମାନଙ୍କର ଶିକ୍ଷାଦାନକୁ ସୁଗମ କରିବାରେ ଏବଂ ଛାତ୍ରଛାତ୍ରୀମାନଙ୍କୁ ନିୟୋଜିତ କରିବାରେ ଅଧିକ ସମୟ ବିତାଇବାରେ ସାହାଯ୍ୟ କରୁଛି। ଖାନ୍ ଏକାଡେମୀ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶିକା ସ୍ୱାତୀ ବାସୁଦେବନ୍ କହିଛନ୍ତି: 'ଆମେ ସମଗ୍ର ଭାରତରେ ଶିକ୍ଷକମାନଙ୍କ ଠାରୁ- ବିଶେଷକରି ସରକାରୀ ସ୍କୁଲଗୁଡ଼ିକରେ- ଦୃଢ ପ୍ରତିକ୍ରିୟା ପାଇଛୁ ଯେ ଖାନ୍ମିଗୋ ଭଳି ଉପକରଣଗୁଡ଼ିକ ସେମାନଙ୍କର ଦୈନନ୍ଦିନ ଶ୍ରେଣୀଗୃହର କାର୍ଯ୍ୟକୁ ଅଧିକ ପରିଚାଳନାଯୋଗ୍ୟ କରିଥାଏ। ଖାନ୍ମିଗୋକୁ ଓଡ଼ିଆରେ ଉପଲବ୍ଧ କରାଇ ଆମେ ଅନ୍ତର୍ଭୁକ୍ତ ଆକ୍ସେସ୍ ପ୍ରତି ଆମର ପ୍ରତିବଦ୍ଧତା ପାଳନ କରୁଛୁ ଏବଂ ଅଧିକ ଆଞ୍ଚଳିକ ଭାଷାରେ ବିସ୍ତାର ଜାରି ରଖିବାର ଯୋଜନା କରୁଛୁ। ଏସ୍‌ଟିଇଏମ୍ ସମୃଦ୍ଧି ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଖାନ୍ ଏକାଡେମୀଠାରୁ ଓଡ଼ିଆରେ ଉଚ୍ଚମାନର, ରାଜ୍ୟ ବୋର୍ଡ-ସମର୍ଥିତ ଗଣିତ ଏବଂ ବିଜ୍ଞାନ ଶୈକ୍ଷିକ ସମ୍ବଳକୁ ପ୍ରତିଦିନ ଶ୍ରେଣୀଗୃହ ଅଭ୍ୟାସରେ ଅନ୍ତର୍ଭୁକ୍ତ କରିଛି। ୩୦ ଜିଲ୍ଲାର ୮,୦୦୦ ସରକାରୀ ବିଦ୍ୟାଳୟର ୧୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ବର୍ତ୍ତମାନ ଏହି ପଦକ୍ଷେପର ଅଂଶବିଶେଷ। ଏହି ଶୁଭାରମ୍ଭ ସାରା ରାଜ୍ୟର ଶିକ୍ଷକମାନଙ୍କ ପାଇଁ ଖାନ୍ ଏକାଡେମୀର ସମର୍ଥନକୁ ସୁଦୃଢ କରେ।

# ୧୯,୯୯୯ ଟଙ୍କାରେ ନଥିଙ୍ଗ ଫୋନ (୩ଏ) ଲାଇଟ୍‌ର ବିକ୍ରି ଆରମ୍ଭ

**ଭୁବନେଶ୍ୱର, ୮।୧୨ (ଯୁବମୋର୍ଚ୍ଚା)** : ଲଣ୍ଡନ ଭିତିକ ଟେକ୍ନୋଲୋଜି କମ୍ପାନୀ ନଥିଙ୍ଗ ପକ୍ଷରୁ ଡିସେମ୍ବର ୫ ତାରିଖ, ୨୦୨୫ରୁ ଏହାର ଫୋନ (୩ଏ) ଲାଇଟ୍‌ର ସେଲ ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ନଥିଙ୍ଗ ପକ୍ଷରୁ ଏହି ସ୍ମାର୍ଟଫୋନର ଭାରତ ଲଂଚ ସମୟରେ କ୍ଲାସିକ ବ୍ଲାକ ଓ ହ୍ୱାଇଟ ରଙ୍ଗ ସହିତ ଏକ ନୂଆ ବ୍ଲୁ କଲର୍‌ରେ ଶୁଭାରମ୍ଭ କରାଯାଇଛି। ଏହି ଡିଭାଇସ ନଥିଙ୍ଗର ସିଗ୍ନେଚର ଟ୍ରାନ୍ସପରାଂଟ ଡିଜାଇନ, ଏକ ୬.୭୭ ଇଂଚ ଆମୋଲେଡ ଡିସ୍‌ପ୍ଲେ, ୫୦ଏମପି ମେନ୍ କ୍ୟାମେରା ସହ ଟ୍ରୁଲେନ୍ସ ଇଂଜିନ ୪.୦, ମିଡିଆଟେକ ଡାଇମେନ୍‌ସିଟି ୭୩୦୦ ପ୍ରୋ ଚିପସେଟ ଓ ଏକ ୫୦୦୦ ଏମଏଏଚ ବ୍ୟାଟେରୀ ଆଣିଛି। ଏହାର ମୂଲ୍ୟ ୨୦,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ୮ଜିବି+୧୨୮ଜିବି ଭାରିଆଂଟ ପାଇଁ ବ୍ୟାଙ୍କ ରିହାତି ପରେ ଏହାର ମୂଲ୍ୟ ୧୯,୯୯୯ ଟଙ୍କାକୁ ହ୍ରାସ ପାଇଛି। ଫୋନ (୩ଏ) ଲାଇଟ ବିକ୍ରି ପାଇଁ ଫ୍ଲିପକାର୍ଟ, ବିଜୟ ସେଲ୍‌ସ, କ୍ରୋମା ଓ ଭାରତର ପ୍ରମୁଖ ରିଟେଲ ଆଉଟଲେଟଗୁଡ଼ିକରେ ଉପଲବ୍ଧ ହେଉଛି। ଫୋନ (୩ଏ) ଲାଇଟ ଆଇପି୫୪ ରେଜିଷ୍ଟାନ୍ସ, ଏକ ଆଲୁମିନିୟମ ଇଂଟରନାଲ ଫ୍ରେମ ସହିତ ଆସୁଛି। ଏଥିରେ ୧୨୦ ଏଚଜେଡ ଆଡାପ୍ଟିଭ ରିଫ୍ରେଶ ରେଟ ସହ ୬.୭୭ ଇଂଚ ଫ୍ଲେକ୍ସିବୁଲ ଆମୋଲେଡ ଡିସ୍‌ପ୍ଲେ ଓ ୩୦୦୦ ନିଟ୍ସ ପିକ୍ ଏଚଡିଆର ବ୍ରାଇଟନେସ୍ ରହିଛି। ଏହି ଫୋନ ଟ୍ରୁଲେନ୍ସ ଇଂଜିନ ୪.୦ ଦ୍ୱାରା ସମର୍ଥିତ ଏକ ୫୦ ଏମ୍‌ପି ମେନ କ୍ୟାମେରା, ଅଲଟ୍ରା ଏକ୍ସଡିଆର, ନାଇଟ ମୋଡ ଓ ୩୦ ଏଫପିଏସରେ ୪କେ ଭିଡିଓ ଭଳି ଫିଚର ସହ ସୁସଜ୍ଜିତ ରହିଛି। ଏହାର ୧୬ ଏମ୍‌ପି ଫ୍ରଂଟ କ୍ୟାମେରା ଉଚ୍ଚମାନର ସେଲ୍‌ଫି ଓ ଭିଡିଓ କଲ୍‌ଗୁଡ଼ିକୁ ସପୋର୍ଟ କରିଥାଏ। ନଥିଙ୍ଗର ବିକଶିତ ଗ୍ଲାଇଫ୍ ଲାଇଟ ସିଷ୍ଟମ ଫଙ୍କ୍‌ଶନାଲ ନୋଟିଫିକେଶନ, କ୍ୟାମେରା କାଉଂଟଡାଉନ ଓ କଷ୍ଟମ କଂଟାକ୍ଟ ଆଲର୍ଟ ଆଣିଥାଏ। ମିଡିଆଟେକ ଡାଇମେନ୍‌ସିଟି ୭୩୦୦ ପ୍ରୋ ଦ୍ୱାରା ପରିଚାଳିତ, ଫୋନ (୩ଏ) ଲାଇଟ ୧୬ ଜିବି ପର୍ଯ୍ୟନ୍ତ ରାମ (ଭର୍ଚୁଆଲ ସମେତ) ଓ ୨ ଟିବି ପର୍ଯ୍ୟନ୍ତ ସମ୍ପ୍ରସାରିତ ହେଉଥିବା ଷ୍ଟୋରେଜ ପ୍ରଦାନ କରୁଛି। ସାରାଦିନର ନିର୍ଭରଯୋଗ୍ୟ ବ୍ୟବହାର ପାଇଁ ଏକ ୫୦୦୦ ଏମଏଏଚ ବ୍ୟାଟେରୀ ୩୩ ୱାଟ ଫାଷ୍ଟ ଚାର୍ଜିଙ୍ଗ ସହ ପେୟାର ହୋଇଛି।

# ଆଇଟିସି ସଙ୍ଗୀତ ସମ୍ମିଳନୀ-୨୦୨୫: କିମ୍ବଦନ୍ତୀ ପରୱିନ୍ ସୁଲତାନା ଆଇଟିସି ସଙ୍ଗୀତ ସମ୍ମାନରେ ସମ୍ମାନିତ

**ଭୁବନେଶ୍ୱର, ୮।୧୨ (ନି.ପ୍ର)**: ଆଇଟିସି ସଙ୍ଗୀତ ଗବେଷଣା ଏକାଡେମୀ (ଆଇଟିସିଏସଆରଏ) ଦ୍ୱାରା ୫ ରୁ ୭ ଡିସେମ୍ବର ପର୍ଯ୍ୟ ୫୪ତମ ଆଇଟିସି ସଙ୍ଗୀତ ସମ୍ମିଳନୀ ୨୦୨୫ ଆରମ୍ଭ ହୋଇଛି। ଏଥିରେ ଭାରତର ପ୍ରବୀଣ, ସଙ୍ଗୀତ ପ୍ରେମୀ ଏବଂ ସାଧାରଣ ଜନତା ଅଂଶ ଗ୍ରହଣ କରିଛନ୍ତି। ଏକାଡେମୀ ପରିସରରେ ଆୟୋଜିତ ଏହି ତିନି ଦିନିଆ ମହୋତ୍ସବର ଉଦଘାଟନୀ ଅଧିବେଶନରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଉତ୍କର୍ଷତା, ବିବିଧତା ଏବଂ ସମୃଦ୍ଧି ପ୍ରଦର୍ଶିତ ହୋଇଛି। ଆଇଟିସିଏସଆରଏ ପକ୍ଷରୁ ପ୍ରାୟ ୫ ଦଶନ୍ଧି ଧରି ଏହି ଧାରା ବଜାୟ ରଖାଯାଇଛି। ସମ୍ମିଳନୀରେ କିମ୍ବଦନ୍ତୀ କଳାକାର, ବିଶିଷ୍ଟ ଗୁରୁ, ଦକ୍ଷ ସହଯୋଗୀ ଏବଂ ଏକାଡେମୀର ନିଜସ୍ୱ ଉଦୀୟମାନ ବିଦ୍ୱାନମାନେ ନିଜ ନିଜର ଅସାଧାରଣ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଏହା ଉପସ୍ଥିତ ଦର୍ଶକଙ୍କୁ ପରମ୍ପରା, ଗୁଣାତ୍ମକ ଏବଂ ନବସୃଜନର ଏକ ବିରଳ ସଙ୍ଗମ ଉପଲବ୍ଧି କରାଇବାକୁ ସକ୍ଷମ ହୋଇଛି। ଚଳିତ ବର୍ଷର ମହୋତ୍ସବ ଏକ ବିଶେଷ ମୁହୂର୍ତ୍ତ ଦ୍ୱାରା ଚିହ୍ନିତ ହୋଇଥିଲା, କାରଣ ଆଇଟିସି ଏବଂ ଆଇଟିସି ସଙ୍ଗୀତ ଗବେଷଣା ଏକାଡେମୀ କିମ୍ବଦନ୍ତୀ ପରୱିନ ସୁଲତାନାଙ୍କୁ ତାଙ୍କର ଅସାଧାରଣ କଳାକୃତି, ଗଭୀର ପ୍ରତିବଦ୍ଧତା ଏବଂ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ସ୍ଥାୟୀ ଅବଦାନକୁ ସମ୍ମାନ ଜଣାଇ ତାଙ୍କୁ ବିଶିଷ୍ଟ ଆଇଟିସି ସଙ୍ଗୀତ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ଏହି ପ୍ରତିଷ୍ଠିତ ପୁରସ୍କାର ମାଧ୍ୟମରେ, ଏକାଡେମୀ ଜଣେ କଳାକାରଙ୍କୁ ସମ୍ମାନିତ କରିଛି ଯାହାଙ୍କର ସ୍ୱର ପିଢ଼ି ପରେ ପିଢ଼ିଙ୍କୁ ପ୍ରେରଣା ଦେଇ ଆସୁଛି ଏବଂ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରାକୁ ଋଦ୍ଧିମନ୍ତ କରିଛି। ୧୯୭୮ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଆଇଟିସି ସଙ୍ଗୀତ ସମ୍ମାନ ଭାରତର କିଛି ପ୍ରତିଷ୍ଠିତ ସଂଗୀତଜ୍ଞଙ୍କୁ ସ୍ୱୀକୃତି ଦେଇଛି। ଯାହାଙ୍କ ଦକ୍ଷତା ଦର୍ଶକଙ୍କୁ ଆକର୍ଷିତ କରିଛି ଏବଂ ଯାହାଙ୍କର ଉତ୍ସର୍ଗୀକୃତ ଭାବନା ଭାରତୀୟ ଶାସ୍ତ୍ରୀୟ ପରମ୍ପରାର ଐତିହ୍ୟକୁ ସମୃଦ୍ଧ କରିବାକୁ ସକ୍ଷମ ହୋଇଛି। ଏହି ପ୍ରତିଷ୍ଠିତ ପୁରସ୍କାର ସଙ୍ଗୀତ ପ୍ରତି ଉତ୍ସର୍ଗୀକୃତ ଜୀବନବ୍ୟାପୀ ଅବଦାନକୁ ସ୍ୱୀକୃତି ପ୍ରଦାନ କରିଥାଏ। ଯେଉଁମାନେ କେବଳ ସେମାନଙ୍କ ଘରାନାର ଗୌରବକୁ ବଜାୟ ରଖିଛନ୍ତି ତାହା ନୁହେଁ ବରଂ ବିଶ୍ୱର ଶ୍ରୋତାମାନଙ୍କ ନିକଟରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକୁ ପହଂଚାଇଛନ୍ତି। ଚଳିତ ବର୍ଷ ପରୱିନ୍ ସୁଲତାନା ଏହି ସମ୍ମାନ ଲାଭ କରି ଏଲ୍. ସୁବ୍ରମଣ୍ୟମ୍, ଶିବ କୁମାର ଶର୍ମା, ହରିପ୍ରସାଦ ଚୌରାସିଆ, ଜାକିର ହୁସେନ, ଏନ. ରାଜମ, ଅଜୟ ଚକ୍ରବର୍ତୀ, ସ୍ୱପନ ଚୌଧୁରୀ ଏବଂ ଉଲ୍ଲାସ କଶାଲକରଙ୍କ ଭଳି କିମ୍ବଦନ୍ତୀଙ୍କ ଏହି ପ୍ରସିଦ୍ଧ ତାଲିକାରେ ସାମିଲ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିତ୍ୱମାନେ ଏହି ଅସାଧାରଣ ସମ୍ମାନରେ ସମ୍ମାନୀତ ହୋଇଛନ୍ତି।




୨୦୨୫ ସଂସ୍କରଣର ଆଇଟିସି ସଙ୍ଗୀତ ସମ୍ମିଳନୀର ତିନି ଦିନ ବ୍ୟାପୀ ପ୍ରଦର୍ଶନର ଏକ ଆକର୍ଷଣୀୟ ଧାରା ରହିଛି। ଚଳିତ ବର୍ଷର ଆଇଟିସି ସଙ୍ଗୀତ ସମ୍ମିଳନୀର କିଛି ସଙ୍ଗୀତ ପ୍ରତିଭାମାନଙ୍କ ମଧ୍ୟରେ ପରୱିନ୍ ସୁଲତାନା, ଅଜୟ ଚକ୍ରବର୍ତୀ, ଅଶ୍ୱିନୀ ଭିଡେ ଦେଶପାଣ୍ଡେ, ଶୁଭ୍ରା ଗୁହା, ଉଦୟ ଭାୱାଲକର ଏବଂ କଣ୍ଠସ୍ୱରରେ ରନୀ ଓ ଗାୟତ୍ରୀ, ତବଲାରେ ନୟନ ଘୋଷ, ଏକାଡେମୀର କିଛି ଅସାଧାରଣ ବିଦ୍ୱାନ ଯେପରିକି ସୀତାରରେ କଲ୍ୟାଣ ମଜୁମଦାର ଏବଂ ବଂଶୀରେ ପ୍ରାଲ ଘଟକ ତଥା ବହୁ ବିଶିଷ୍ଟ ସଂଗୀତଜ୍ଞ ସାମିଲ ଅଛନ୍ତି।

ଏହି ଅବସରରେ ଆଇଟିସିଏସଆରଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ଟ୍ରଷ୍ଟି ସାରଦିନ୍ଦୁ ଦତ କହିଲେ, ଆଇଟିସି ସଙ୍ଗୀତ ସମ୍ମିଳନୀ ହେଉଛି ନିରନ୍ତର ଜ୍ଞାନ, ଶୃଙ୍ଖଳା ଏବଂ କଳାତ୍ମକ ଭକ୍ତିର ଏକ ଉତ୍ସବ। ୨୦୨୫ ସଂସ୍କରଣ ପୁଣି ଥରେ ଭାରତର ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରାର ଗଭୀରତା ଏବଂ ଅସାଧାରଣ ପ୍ରତିଭାକୁ ପୋଷଣ କରିବା ପାଇଁ ଏକାଡେମୀର ଅଟଳ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିଛି। ଚଳିତ ବର୍ଷ ସଙ୍ଗୀତ ଜଗତର କିମ୍ବଦନ୍ତୀ ପରୱିନ୍ ସୁଲତାନାଙ୍କୁ ପ୍ରତିଷ୍ଠିତ ଆଇଟିସି ସଙ୍ଗୀତ ସମ୍ମାନରେ ସମ୍ମାନିତ କରିବା ଆମର ଏକ ବଡ଼ ସୌଭାଗ୍ୟ।

# ୟୁଡବ୍ଲ୍ୟୁଏ ଭୁବନେଶ୍ୱରରେ ପ୍ରମୁଖ ନୂଆ ସହଭାଗିତା ସହିତ ବୈଶ୍ୱିକ ଗତିଶୀଳତା ଜରିଆରେ ଆନ୍ତଃପିଢ଼ିଗତ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ରଖିଛି

**ଭୁବନେଶ୍ୱର, ୮।୧୨ (ନି.ପ୍ର)** : ଗ୍ରୁପ ଅଫ ଏଇଟ୍ (ଜିଓ୮)ର ପ୍ରଥମ ପ୍ରତିଷ୍ଠାନ ଭାବରେ ୟୁନିଭରସିଟି ଅଫ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ (ୟୁଡବ୍ଲ୍ୟୁଏ) ଭାରତରେ ତାହାର କ୍ୟାମ୍ପସ ସ୍ଥାପନ କରିବା ସହିତ ଭୁବନେଶ୍ୱରରେ ଏକାଧିକ ପର୍ଯ୍ୟାୟର ରୂପାନ୍ତରଣକାରୀ ନିୟୋଜନତା ସହିତ ବୈଶ୍ୱିକ ସୁଯୋଗ ସୃଷ୍ଟି ଜରିଆରେ ଆନ୍ତଃପିଢିଗତ ପରିବର୍ତ୍ତନ ଆଣିବାର ପ୍ରତିବଦ୍ଧତାକୁ ମଜଭୁତ କରିଛି।

ଜୀବନଗୁଡ଼ିକରେ ରୂପାନ୍ତରଣ ଆଣିବାରେ ଆନ୍ତର୍ଜାତିକ ଶିକ୍ଷା ଯେଉଁ ମୂଲ୍ୟ ବହନ କରୁଛି ସେହି ଯାତ୍ରାରେ ୟୁଡବ୍ଲ୍ୟୁଏର ଭାଇସ୍-ଚାନସେଲର ପ୍ରଫେସର ଅମିତ ଚକ୍ମାଙ୍କର ନିଜସ୍ୱ ଆନ୍ତର୍ଜାତିକ ଯାତ୍ରା ସହିତ ୟୁନିଭରସିଟିର ଏହି ଯାତ୍ରା ଗଭୀର ଭାବରେ ସଂଯୁକ୍ତ। 'ଅନୁସନ୍ଧିତ୍ସୁ ମନୋଭାବ ଏବଂ ମଜଭୁତପଣ ମୋର ଗତିପଥକୁ ରୂପରେଖ ପ୍ରଦାନ କରିଛି,' ବୋଲି ପ୍ରଫେସର ଚକ୍ମା କହିଥିଲେ। 'ଆକାଂକ୍ଷା ପୋଷଣ କରିବା ହେଉଛି ପ୍ରଥମ ସୋପାନ; ଦୃଢତା ଏହାକୁ ସଫଳତାରେ ପରିଣତ କରେ। ବୈଶ୍ୱିକ ଶିକ୍ଷାଲାଭ ସୁଯୋଗଗୁଡ଼ିକ ମୋ ଜୀବନରେ ପରିବର୍ତ୍ତନ ଆଣିଛି ଏବଂ ଯୁବପିଢ଼ି ସେହି ସୁଯୋଗ ପାଆନ୍ତୁ ବୋଲି ମୁଁ ଚାହେଁ।



ସେଞ୍ଚୁରିଅନ୍ ସ୍କଲାରସିପ୍‌ସ୍ ଏବଂ ଶିକ୍ଷାଗତ ମାର୍ଗ: ୟୁଡବ୍ଲ୍ୟୁଏ ଏହି ଗସ୍ତ କାଳରେ ସେଞ୍ଚୁରିଅନ ୟୁନିଭରସିଟି ଅଫ ଟେକ୍‌ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍)ର ଉଚ୍ଚ ପ୍ରଦର୍ଶନକାରୀ ସ୍ନାତକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବରେ ସ୍ନାତକୋତ୍ତର ସ୍କଲାରସିପ୍ ଘୋଷଣା କରିଛି। ଏହି ସ୍କଲାରସିପ୍ ଗୁଡିକ ପର୍ଥ ଏବଂ ଭାରତରେ ଥିବା ୟୁଡବ୍ଲ୍ୟୁଏର ବୈଶ୍ୱିକ କ୍ୟାମ୍ପସ୍‌ଗୁଡିକ ନିମନ୍ତେ ପ୍ରବେଶ ପଥ ଯୋଗାଇଦେବା ସହିତ ଦକ୍ଷତା ବିକାଶକୁ ସମର୍ଥନ କରୁଛି ଏବଂ ରୂପାନ୍ତରଣକାରୀ ଆନ୍ତର୍ଜାତିକ ଶିକ୍ଷଣ ଅନୁଭୂତି ହାସଲରେ ଅଂଶଗ୍ରହଣ କରିବାକୁ ଛାତ୍ର ଛାତ୍ରୀଙ୍କୁ ସମର୍ଥ କରାଉଛି। 'ବିଶ୍ୱବିଦ୍ୟାଳୟ ନିମନ୍ତେ ଅନ୍ତର୍ନିହିତ ସ୍ତରରେ ଅତ୍ୟନ୍ତ ମୂଲ୍ୟବାନ ତଥା ପିଏଚ୍‌ଡି ଏବଂ ପୋଷ୍ଟ ଗ୍ରାଜୁଏଟ ପାଠ୍ୟକ୍ରମ ନିମନ୍ତେ ଦୁଇଟି ସ୍କଲାରସିପ୍ ଅନୁମୋଦନ କରିବା ପାଇଁ ୟୁଡବ୍ଲ୍ୟୁଏର ବଦାନ୍ୟତା ନିମନ୍ତେ ସେଞ୍ଚୁରିଅନ ୟୁନିଭରସିଟି ଅତ୍ୟନ୍ତ କୃତଜ୍ଞ। ଏହା ମଧ୍ୟ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସମ୍ପର୍କକୁ ଅଧିକ ମଜଭୁତ କରୁଛି, ବିଶେଷକରି ଓଡ଼ିଶା ନିଜର ଖଣି ଖାଦାନ, କ୍ରୀଡା ଓ ସାମୁଦ୍ରିକ ପରିବ୍ୟବସ୍ଥା ଉପରେ ଦୃଷ୍ଟିନିବଦ୍ଧ କରିବା ନେଇ ପରିଚିତ ଥିବାବେଳେ ଏହି ସମ୍ପର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଛି। ଏହି ସହଭାଗୀ ବ୍ୟବସ୍ଥା ଉଭୟ ରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ବୃଦ୍ଧି ଘଟାଇବା ନିମନ୍ତେ ଏକାଧିକ ସୁଯୋଗ ନିମନ୍ତେ ପଥ ପ୍ରସ୍ତୁତ କରିବ ଏବଂ ଏହା ଅନେକ ଉପାୟରେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ସହଯୋଗୀତାର ବାଟ କଢାଇବ।



# ପିଏମଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ



**ଜଳେଶ୍ୱର,୮/୧୨(ନି.ପ୍ର) :** ଜଳେଶ୍ୱର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ ତମ ବାର୍ଷିକ କ୍ରୀଡ଼ା ଉତ୍ସବ-୨୦୨୫ ର ଉଦଘାଟନୀ ସଭା, ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନାଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ପୋରାଧକ୍ଷ ପ୍ରତୀପ କୁମାର ପ୍ରଧାନ,ମୁଖ୍ୟ ବକ୍ତା ଭାବେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ଓଷ୍ଟା ସଭାପତି ମନୋରଞ୍ଜନ ଦାସ, ଜଳେଶ୍ୱର ଓଷ୍ଟା ସଭାପତି ସୁକୁମାର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟ ନାରାୟଣ ଦାସ, ୧୨ ନମ୍ବର କାଉନସିଲର ଶିବ ନାରାୟଣ ମହାପାତ୍ର, ସିଆରସିସି ଅଜିତ କୁମାର ପାତ୍ର, ଜଳେଶ୍ୱର ଆଥଲେଟିକ ସମ୍ପାଦକ ହର ମୋହନ ମହାନ୍ତ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ଜେନା, ଅଶୋକ କୁମାର ଦାସ ଓ ପୂର୍ଣ୍ଣଚନ୍ଦ୍ର ଭୂୟାଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେୟ ପ୍ରାରମ୍ଭରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ସହ ପତାକା ଉତ୍ତୋଳନ ଓ ମଶାଲ ପ୍ରଜ୍ୱଳନ କରି ଉତ୍ସବ ପ୍ରାରମ୍ଭ ହୋଇଥିଲା । ଖେଳ ଶିକ୍ଷୟତ୍ରୀ ସଞ୍ଜୁଲତା ମଣ୍ଡଳ କାର୍ଯ୍ୟକ୍ରମକୁ ସମ୍ପାଦିତ କରିଥିଲେ । ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନା, ବରିଷ୍ଠ ସହକାରୀ ଶିକ୍ଷକ ସୂର୍ଯ୍ୟକାନ୍ତ ଜେନା, ସହକାରୀ ଶିକ୍ଷକ ନିତ୍ୟନାରାୟଣ ଜେନା, ପ୍ରଣବ ଦାସ, ନିମାଇଁ ନାୟକ, କେଶବ ଚନ୍ଦ୍ର ଜେନା, ରାଜେନ୍ଦ୍ର ପାଣିଗ୍ରାହୀ, ମନୋରଞ୍ଜନ ପାଣି, ରାଧାଗୋବିନ୍ଦ ଜେନା, ସରୋଜ ସାସମଲ, ଶିକ୍ଷୟତ୍ରୀ ସ୍ୱର୍ଣ୍ଣପ୍ରଭା ଦାସ, ମମତା ମହାନ୍ତି, ସବିତା ପାଠୀ, ମମତା ଜେନା, ତେଜସ୍ୱିନୀ ବାରିକ,ଅମ୍ରିତା ଗିରି, କଲ୍ୟାଣୀ ନନ୍ଦୀ, ସହକର୍ମୀ ଅଶୋକ କୁମାର ଦାସ, ପରିତୋଷ ବାନାର୍ଜୀ, ଶାନ୍ତନୁ ଦାସ, ସଞ୍ଜୟ ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶିକ୍ଷକ ରାଜେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରାମଦ ସମେତ କଫ ସିରପ ଜବତ : ୬ ଗିରଫ



**କେନ୍ଦ୍ରାପଡ଼ା,୮।୧୨ (ନି.ପ୍ର) :** ଏକ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ ଓ ଜମ୍ବୁ ସାମୁଦ୍ରିକ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଆଠବାଟିଆ ଗ୍ରାମର ଶିବ ପ୍ରସାଦ ନାୟକ(୨୫)ଙ୍କ ଠାରୁ ୧୦.୭ ଲିଟର କଫ୍ ସିରପ୍, ବାଘଡିଆ ଗ୍ରାମର ସିଲୁ ପ୍ରସାଦ ନାୟକ (୨୭)ଙ୍କ ଠାରୁ ୯ ଲିଟର କଫ୍ ସିରପ୍, ତୋଷିଆବେଲାରି ଗ୍ରାମର ରବୀନ୍ଦ୍ର ମାହାକୁଡ(୩୪)ଙ୍କ ଠାରୁ ୭୦ ଲିଟର ଦେଶୀ ରନ୍ଧା ଚୋରାମଦ ଓ ଅମ୍ବାବେଲାରୀ ଗ୍ରାମର ଜୀବୀନ୍ଦ ଜ୍ଞାନ(୪୧)ଙ୍କ ଠାରୁ ୩୫୦୦ ଲିଟର ଗୁଡ ପୋଚ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୧୯.୭ ଲିଟର କଫ ସିରପ୍ ଏବଂ ୩୫୭୦ ଲିଟର ଦେଶୀ ରନ୍ଧା ଓ ଗୁଡ ପୋଚ ଚୋରାମଦ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ସୁଶ୍ରୀ ରତ୍ନପ୍ରଭା ସ୍ୱାଇଁ, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେସ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ।

# ଡ୍ରେନ ନିର୍ମାଣ ଦାବିରେ ମହିଳାଙ୍କ ଏନ୍ଏସି ଅଫିସ ଘେରାଉ

**ଖଣ୍ଡପଡ଼ା, ୮ /୧୨ (ନି.ପ୍ର):** ଖଣ୍ଡପଡ଼ା ସହରାଞ୍ଚଳ ୨ନଂ ୱାର୍ଡ ଅଧୀନ ତଳସାହିରେ ବର୍ଷ ବର୍ଷ ଧରି ଡ୍ରେନେଜ ବ୍ୟବସ୍ଥା ନଥିବାରୁ ହନ୍ତସନ୍ତ ହେଉଛନ୍ତି । ଶତାଧିକ ବାସିନ୍ଦାୟ ଫଳରେ ଆଜି ତଳସାହିର ବହୁ ମହିଳା ଏବଂ କଂଗ୍ରେସ ନେତା ସନ୍ତୋଷ କୁମାର ସାହୁ ଏନଏସି କାର୍ଯ୍ୟାଳୟ ଘେରିବା ସହିତ ନିର୍ବାହୀ ଅଧିକାରୀଙ୍କୁ ଜବାବ ମାଗିଥିଲେ। ସୂଚନା ଅନୁଯାୟୀ ୨୦୨୪ ମସିହା ମାର୍ଚ୍ଚ ମାସରେ ଏନଏସି କର୍ତୃପକ୍ଷ ପ୍ରାୟ ୧୬ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ଡ୍ରେନ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ସେତେବେଳେ ମାସ କେଇଟାରେ କାମ ଶେଷ କରିବା ନିମନ୍ତେ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଇତି ମଧ୍ୟରେ ୧୯ ମାସ ବିତିଥିଲେ ମଧ କାମ ଶେଷ କରିବା ତ ଦୂରର କଥା ଆରମ୍ଭ ହୋଇନଥିବା ଅଭିଯୋଗ ହୋଇଛି । ଫଳରେ ଜଳ



ନିଷ୍କାସନରେ ସମସ୍ୟା ଉପୁଜିବା ସହିତ ଅସ୍ୱାସ୍ଥ୍ୟକର ପରିବେଶରେ ଦିନ କାଟୁଛନ୍ତି ତଳସାହି ବାସିନ୍ଦା। ଗତ ପ୍ରାୟ ୨ ବର୍ଷ ମଧ୍ୟରେ ଏ ନେଇ ଏନଏସି ଉଚ୍ଚ କର୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲେ ମଧ ଏଥିପ୍ରତି ଦୃଷ୍ଟି ଦିଆଯାଉନଥିବା ଜଣାପଡିଛି । ତେବେ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ସମ୍ପୃକ୍ତ ଠିକାଦାରଙ୍କ କାର୍ଯ୍ୟାଦେଶ ବାତିଲ କରାଯାଇଥିବା ନେଇ ସୂଚନା ଦେଇଥିଲେ। ମାତ୍ର ଉତ୍ୟକ୍ତ ଲୋକେ ଘଟଣା ସମ୍ପର୍କରେ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତଙ୍କୁ ଫୋନ ଯୋଗେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଶ୍ରୀ ରାଉତଙ୍କ ହସ୍ତକ୍ଷେପ ପରେ ନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ଖୁବଶୀଘ୍ର ନିର୍ମାଣ ପାଇଁ ଉତ୍ୟକ୍ତ ମହିଳାଙ୍କୁ ସୂଚନା ଦେଇଥିଲେ। ତେବେ ଆସନ୍ତା ୧୫ ଦିନ ମଧ୍ୟରେ ଏହାର ନିର୍ମାଣ ଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ୱାର୍ଡ ବାସୀଙ୍କ ଠାରୁ ସୂଚନା ମିଳିଛି।

# କଣାସ ରୋଡ଼ ଷ୍ଟେସନରୁ ଯାତ୍ରୀ ସଂରକ୍ଷଣ ସେବା ଉଚ୍ଛେଦ ନିର୍ଦ୍ଦେଶ

**ଡେଲାଙ୍ଗ, ୮।୧୨ (ନି.ପ୍ର):** ଖୋର୍ଦ୍ଧା-ପୁରୀ ରେଳପଥର କଣାସ ରୋଡ଼ ରେଳ ଷ୍ଟେସନ ଉପରେ ନିର୍ଭର କରି ଅଧିକ ଯାତ୍ରୀ ବିଭିନ୍ନ ସ୍ଥାନକୁ ଯିବା ଆସିବା କରନ୍ତି। କଣାସରୋଡ଼ ରେଳ ଷ୍ଟେସନ ଉପରେ ଡେଲାଙ୍ଗ ଓ କଣାସ ବ୍ଲକର ୨୫ ଗ୍ରାମ ପଂଚାୟତର ଜନସାଧାରଣଙ୍କ ଏହି ଷ୍ଟେସନ ଏକମାତ୍ର ସାହାଭରସା। ଏଥିନିମନ୍ତେ ଏହି ଷ୍ଟେସନକୁ ଏକ ପୂର୍ଣ୍ଣାଙ୍ଗ ରେଳ ଷ୍ଟେସନରେ ପରିଣତ କରିବା ତଥା ବିଭିନ୍ନ ଦ୍ରୁତଗାମୀ ଟ୍ରେନର ରହଣି ପାଇଁ ଜନସାଧାରଣ ତଥା କଣାସରୋଡ଼ ରେଳ ଉପଭୋକ୍ତା ପରିଷଦ ଦୀର୍ଘଦିନ ଧରି ଦାବୀ କରି ଆସୁଛନ୍ତି। ଏନେଇ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ଅବଗତ ହେବାପରେ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଖୋର୍ଦ୍ଧାରୋଡ଼ ଡିଭିଜନାଲ ରେଳ ମ୍ୟାନେଜରଙ୍କୁ ଏକ ପତ୍ର ଲେଖିବା ସହ ଆଲୋଚନା କରିଥିଲେ। ତେବେ ଗତ ୫ ତାରିଖରେ ଏହି ରେଳ ଷ୍ଟେସନରୁ ଯାତ୍ରୀ ସଂରକ୍ଷଣ ସେବା ବ୍ୟବସ୍ଥା ଉଚ୍ଛେଦ ଆଦେଶ ଜାରି ହେବା ପରେ ସ୍ଥାନୀୟ କଣାସ ଓ ଡେଲାଙ୍ଗ ବ୍ଲକ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ରେଳ ଷ୍ଟେସନରେ ଅଧିକ ଦ୍ରୁତଗାମୀ ଟ୍ରେନ ରହଣି ହେଲେ ଅଣସଂରକ୍ଷଣ ଟିକେଟ ଓ ସଂରକ୍ଷଣ ଟିକେଟ ବିକ୍ରି ବୃଦ୍ଧି ହୋଇପାରିବା ସହ ରେଳ ରାଜସ୍ୱ ବୃଦ୍ଧି ପାଇପାରିବ ବୋଲି ଦାବି ହୋଇଆସୁଥିଲା ବେଳେ ଏବେ ଯାତ୍ରୀ ସଂରକ୍ଷଣ ସେବା ଉଚ୍ଛେଦ ଆଦେଶ ଏହି ଆଶାକୁ ଧୂଳିସାତ କରିଛି। ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ ପାଇଁ ପୂର୍ବତଟ ରେଳ ଡିଭିଜନାଲ ମ୍ୟାନେଜରଙ୍କ ପକ୍ଷରୁ ଯେଉଁ କାରଣ ଦର୍ଶା ଯାଇଛି ତାହାକୁ ରେଳ ଉପଭୋକ୍ତା ପରିଷଦ ପକ୍ଷରୁ ଏହା ଠିକ ନୁହେଁ ବୋଲି ଅଭିଯୋଗ କରିଛନ୍ତି ଅଣସଂରକ୍ଷଣ ଓ ସଂରକ୍ଷଣ ଟିକେଟ ବିକ୍ରି ପାଇଁ ଜଣେ ବୁକିଂ ସହକାରୀ କର୍ମଚାରୀ ରହିଥିବାରୁ ରେଳବିଭାଗ ନିଜ ଉପରୁ ଦୋଷ ଖସାଇ ଏହି ଆଦେଶ ଜାରୀ କରିଥିବା ଅଭିଯୋଗ ହୋଇଛି। ଏହି ଆଦେଶ ଆସିବା ପରେ କଣାସରୋଡ଼ ରେଳ ଉପଭୋକ୍ତା ପରିଷଦର ଏକ ଜରୁରୀ ବୈଠକ କଣାସ ବଡ଼ ମଠ ପରିସରରେ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରେଳବିଭାଗ ପକ୍ଷରୁ ହୋଇଥିବା ଆଦେଶର ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇଥିଲା ଆଦେଶକୁ କିପରୀ ପ୍ରତ୍ୟାହାର କରାଯିବ ଓ ରେଳଷ୍ଟେସନ କୁ କିପରୀ ପୂର୍ଣ୍ଣାଙ୍ଗ କରାଯିବା ସହ ପୁରୀ ବଡବିଲ, ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ରହଣି ଦାବୀ ନେଇ ମଙ୍ଗଳବାର ଖୋର୍ଦ୍ଧା ରୋଡ ଡିଭିଜନାଲ ମ୍ୟାନେଜରଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯିବା ପାଇଁ ପରିଷଦ ପକ୍ଷରୁ ନିଷ୍ପତି ନିଆଯାଇଛି।

# ମଣ୍ଡେଇ ମହୋତ୍ସବ ଉପଲକ୍ଷେ ମେହେନ୍ଦି ପ୍ରତିଯୋଗିତା



**ନବରଙ୍ଗପୁର, ୮।୧୨ (ନି.ପ୍ର):** ନବରଙ୍ଗପୁର ଜିଲ୍ଲାର ଲୋକପ୍ରିୟ ମଣ୍ଡେଇ ମହୋତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟରୁ ମହିଳା ଡିଗ୍ରୀ କଲେଜ ପରିସରରେ ଏକ ମେହେନ୍ଦି ପ୍ରତି ଯୋଗିତା ଆୟୋଜିତ ହୋଇଯାଇଛି। କଲେଜର ଅଧ୍ୟକ୍ଷା ଏବଂ ଅଧ୍ୟାପିକା ଡାକ୍ତର ସଂଯୁକ୍ତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ପ୍ରତି ଯୋଗିତା ସୁନ୍ଦର ଭାବରେ ପରିଚାଳିତ ହୋଇଥିଲା। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ସଂଯୁକ୍ତା ପଣ୍ଡା, ତାରାନୁମ ଆରା ଓ ସୁନିତା ପାତ୍ରୋ ବିଚାରକ ଭାବେ ଯୋଗ ଦେଇଥିଲେ। ଏଥିରେ ଛାତ୍ରୀ ଓ ସ୍ଥାନୀୟ ମହିଳାଙ୍କ ସମେତ ପ୍ରାୟ ୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରତିଯୋଗୀ ମାନଙ୍କ ସହ ଉତ୍ସାହିତ କରିବା ସହ ଆମ ସଂସ୍କୃତି ଓ ପରମ୍ପରାରେ ମେହେନ୍ଦିର ମହତ୍ତ୍ୱ ଉପରେ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ ସ୍ୱପ୍ନା ପାତ୍ରୋ ପ୍ରଥମ ସ୍ଥାନ, ମଞ୍ଜୁଳା ଭତ୍ରା ଦ୍ୱିତୀୟ ସ୍ଥାନ ଏବଂ ଏନ୍. ସୋନିଅ। ଓ ଚର୍ଚ୍ଚିକା ରାଜପୁତ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେୟ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଂଶଗ୍ରହଣ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ବେଳେ ଏହି ୩ ଜଣ ବିଜେତାଙ୍କୁ ମୁଖ୍ୟ ମଣ୍ଡେଇ ମଞ୍ଚରେ ସମ୍ବର୍ଦ୍ଧିତ କରାଯିବ।

# ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

**ଗଞ୍ଜାମ, ୮/୧୨ (ନି.ପ୍ର):** ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ପରିଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ



ହୋଇଯାଇଛି। ଏହାକୁ ଗ୍ରାସୀମ କମ୍ପାନୀ ୟୁନିଟ ହେଡ଼ ଅଜୟ ଗୁପ୍ତା ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ସି ଏସ ଆର ହେଡ଼ ସସ୍ମିତା ବେହେରା ଉପସ୍ଥିତ ରହି ଥିଲେ। ଏମ କେ ସି ଜି ର ଭେଷଜ ବିଭାଗ ର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଆଶିଷ କୁମାର ପଟ୍ଟନାୟକ ଏବଂ ଅସ୍ଥିସଲ୍ୟ ବିଭାଗ ର ଡାକ୍ତର ଗୋକୁଳ ଚନ୍ଦ୍ର ଗୌଡ଼ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କର ହୃଦରୋଗ ଏବଂ ଅସ୍ଥି ସଲ୍ୟ ପରୀକ୍ଷା କରିଥିଲେ। ଏମ କେ ସି ଜି ମେଡିକାଲ ଚତୁର୍ଥବର୍ଷ ଛାତ୍ର ରାକେଶ କୁମାର ପଣ୍ଡା,ପ୍ରଥମବର୍ଷ ଛାତ୍ର ସ୍ୱୀକୃତ ସାହୁ ଗ୍ରାସୀମ କେମିକାଲଶ ର ଫାର୍ମାସିଷ୍ଟ ଦିବ୍ୟ ଭାସ୍କର ପଣ୍ଡା ଶିବିର ରେ ଉପସ୍ଥିତ ରହିବା ସହ ଅନ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ ଡାକ୍ତର ଙ୍କ ପରାମର୍ଶ କ୍ରମେ ଇସିଜି ଏବଂ ଫିଜୋଥ୍ରାଫି ମଧ ହୋଇଥିଲା। ଗ୍ରାସୀମ କେମିକାଲ ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଶତାଧିକ ବୟସ୍କ ପୁରୁଷ ଓ ମହିଳା ଏହି ଶିବିର ରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥଲେ। ପରିଷଦ ର ସମସ୍ତ କର୍ମୀକର୍ତ୍ତା ସ୍ୱାସ୍ଥ୍ୟ ଶିବିର ସୁପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାଣନାଥ କଲେଜରେ ପୁରାତନ ଛାତ୍ର ସଂସଦ ବୈଠକ



**ଖୋର୍ଦ୍ଧା, ୮।୧୨ (ନି.ପ୍ର):** ପ୍ରାଣନାଥ ସ୍ୱୟଂଚାଳିତ ମହା ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ବୈଠକି, ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ଓ ପୁରାତନ ଛାତ୍ର ସଂସଦର ସଭପତି ଯୋତିନ୍ଦ୍ରନାଥ ମିତ୍ର ଙ୍କ ଅଧକ୍ଷାତରେ ଅନୁଷ୍ଠିତ ହୋଇ ଯାଇଛି। ସ୍ୱତନ୍ତ୍ର ଭାବରେ ଏହି ବୈଠକରେ ନିକଟରେ ଆସିବାକୁ ଥିବା ନାକ ଟିମ୍ ପାଇଁ କିଭଳି ସହଯୋଗ କରିପାରିବେ ସେ ବିଷୟରେ କଲେଜ ଅଧକ୍ଷା ବିସ୍ତୃତ ଭାବରେ ଆଲୋଚନା କରିଥଲେ। ସଭାପତି ଶ୍ରୀ ମିତ୍ର ସମସ୍ତ ଙ୍କୁ ଅନୁରୋଧ କରିଥିଲେ କି କିଭଳି ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ ଆଗାମୀ ଦିନରେ ଏହି କଲେଜ ପ୍ରତି ରହିବ ଜଣେ ଜଣେ ପୂର୍ବତନ ଛାତ୍ର ତାଙ୍କ ଭାଷଣ ମାଧ୍ୟମରେ ଜଣାଇଥିଲେ। ୧୯୯୫ ମସିହାର ପୁରାତନ ଛାତ୍ର ଡଃ ଋଷି ପଟ୍ଟନାୟକ, କହିଥିଲେ କି ମୁଁ ଛାତ୍ର ଅବସ୍ଥାରେ ଏନେ. ଏସ ଏସ ପାଇଁ ସର୍ବଭାରତୀୟ ସ୍ତରରେ ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କୃତ ହେଇଚି, ଭାରତର ଏକ ମାତ୍ରବେକ୍ତି ଜିଏକି ଏନଏସଏସ, ଏନସିସି, ସ୍କାଉଟ, ଏନୱାଇକେଏସ, ରେଡ଼କ୍ରସ ଆଦି ସବୁ କ୍ଷେତ୍ର ରେ ମୁଁ ଜାତୀୟ ପୁରସ୍କାର ଲାଭ କରିଛି। ତେଣୁ ଛାତ୍ର ଛାତ୍ରୀଙ୍କୁ ଏହି ସବୁ ୬ ବିଷୟରେ ଶିକ୍ଷା ଦେବାପାଇଁ ସାହଯ୍ୟ କରିପାରିବି। ଅନ୍ୟ ମାନଙ୍କ ମଧ୍ୟରେ ଉତ୍ତର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ମହାନ୍ତି, ଅଧକ୍ଷା, ଛାତ୍ର ସଂସଦ ସଂପାଦକ ଦେବ ପ୍ରସାଦ ମଜୁମଦାର, ଯୁଗ୍ମ ସଂପାଦକ ଗୋପାଳ ଦାସ ଧନ୍ୟବାଦ୍ ପ୍ରଦାନ କରୁଥିଲେ। ଏହି ବୈଠକଟିଙ୍କୁ କଲେଜ କର୍ମକର୍ତ୍ତାଙ୍କ ଚିରଞ୍ଜିବୀ ବିଶୋଇ ପରିଚାଳନା କରିଥଲେ।

# ୯୪ ପ୍ରତିଶତ ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦାବିରେ ବାଚସ୍ପତିଙ୍କୁ କଂଗ୍ରେସର ସ୍ମାରକ ପତ୍ର

**ଭୁବନେଶ୍ୱର, ୮।୧୨ (ନି.ପ୍ର):** ରାଜ୍ୟରେ ପଛୁଆ । ବର୍ଗଙ୍କ ସଂରକ୍ଷଣକୁ ନେଇ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କୁ ବିଧାନସଭାରେ ତାଙ୍କ କକ୍ଷରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଓଡ଼ିଶାର ସମୁଦାୟ ଜନସଂଖ୍ୟାର ପ୍ରାୟ ୯୪ ପ୍ରତିଶତ ପଛୁଆ ବର୍ଗ (ଓବିସି ଓ ଏସ୍ଇବିସି ୫୪ ପ୍ରତିଶତ, ଅନୁସୂଚିତ ଜାତି ଓ ଜନଜାତି ୪୦ ପ୍ରତିଶତ) ଅଟନ୍ତି। ସମ୍ବିଧାନର ୧୬୪ (୧) ଧାରା ଅନୁଯାୟୀ ଓଡ଼ିଶାର ଉକ୍ତ ବର୍ଗଙ୍କୁ ବିଶେଷ ସଂରକ୍ଷଣ ସୁବିଧା ଦେବାପାଇଁ ବ୍ୟବସ୍ଥା ଥିବା ସତ୍ତ୍ୱେ ଏହି ବର୍ଗ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇ ଆସିଛନ୍ତି। ଏ ବିଷୟକୁ ଅତ୍ୟନ୍ତ ଗୁରୁତ୍ତର ସହ ବିଚାରକୁ ନେଇ ଓଡ଼ିଶା ବିଧାନ ସଭା, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ ନେବାପାଇଁ ପ୍ରସ୍ତାବ ଗ୍ରହଣ କରିବାକୁ ସ୍ମାରକ ପତ୍ରରେ ଅନୁରୋଧ କରିଛନ୍ତି।

ଗତ ୬ ଡିସେମ୍ବର ବାବାସାହେବ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ସାମାଜିକ ନ୍ୟାୟ ଓ ଓଡ଼ିଶା ସମାବେଶରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଯେ ଓଡ଼ିଶା ବିଧାନସଭା



ରାଜ୍ୟସରକାରଙ୍କୁ ସମ୍ବିଧାନର ଅନୁଛେଦ ୧୫ (୪) ଓ ୧୬ (୪) ଅନୁଯାୟୀ ସୁପାରିଶ କରୁଛି ଯେ ରାଜ୍ୟର ଓବିସି/ ଏସଇବିସି ଏବଂ ଅନୁସୂଚିତ ଜାତି - ଅନୁସୁଚିତ ଜାତି ବର୍ଗର ସଂଖ୍ୟାନୁପାତିକ ଆଧାରରେ ସମସ୍ତ ପ୍ରକାର ଉଚ୍ଚଶିକ୍ଷା (ବୈଷୟିକ/ ମେଡିକାଲ / ବୃତ୍ତିଗତ) ଏବଂ ସରକାରୀ ନିଯୁକ୍ତିରେ ସଂରକ୍ଷଣ ତୁରନ୍ତ ଲାଗୁ କରିବା ସଂଗେ ସଂଗେ ଏହି ସଂଖ୍ୟାନୁପାତିକ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ବିଧାନର ନବମ ସୂଚୀରେ ସାମିଲ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ତୁରନ୍ତ ଗ୍ରହଣ କରନ୍ତୁ ।

ଏଥି ନିମନ୍ତେ ରାଜ୍ୟ ସରକାର ବିଧାନସଭାରେ ଏକ ସରକାରୀ ପ୍ରସ୍ତାବ ଆଗତ କରିବା ସହ ତାକୁ ସର୍ବଦଳୀୟ ସମର୍ଥନରେ ଗୃହୀତ କରି କେନ୍ଦ୍ର ସରକାରଙ୍କ ନିକଟକୁ କାର୍ଯ୍ୟାନୁଷ୍ଠାନ ପାଇଁ ବିଧାନସଭାର ଚଳିତ ଅଧିବେଶନରେ ଗୃହୀତ କରାଇବାକୁ ସ୍ମାରକ ପତ୍ରରେ ଅନୁରୋଧ କରାଯାଇଛି। ପିସିସି ସଭାପତି ଶ୍ରୀ ଦାସଙ୍କ ସମେତ ବରିଷ୍ଠ ନେତୃ ମଣ୍ଡଳୀରେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡାମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ବିଧାୟକ ଶ୍ରୀ ଅଶୋକ ଦାସ, ବିଧାୟକ ସିଏସ ରାଜନ ଏକ୍କା, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀ ଅରବିନ୍ଦ ଦାସ ସାମିଲ ହୋଇ ବାଚସ୍ପତିଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଅନ ଲାଇନ୍ ସୁରକ୍ଷା ଓ ସାଇବର୍ ବୁଲିଂ କର୍ମଶାଳା ଉଦଘାଟିତ

**ରାୟଗଡ, ୮।୧୨ (ନି.ପ୍ର):** ରାୟଗଡ ଜିଲ୍ଲା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନ ଲାଇନ୍ ସୁରକ୍ଷା ଓ ସାଇବର୍ ବୁଲିଂ ଉପରେ ଏକ ଦିବସୀୟ ଜିଲ୍ଲାସ୍ତରିୟ କର୍ମଶାଳା ଉଦଘାଟିତ ହୋଇଯାଇଛି। ଏହି କର୍ମଶାଳା ରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମିନତି ଦେଓ ଅଧ୍ୟକ୍ଷତା କରିଥିଲେ ଓ ଜିଲ୍ଲା ସଂଯୋଜକ ଦିବାକର ପରିଚ୍ଛା ସଞ୍ଚାଳନ କରିଥିଲେ। ସ୍ୱାଗତ ଭାଷଣ ମାଧ୍ୟମର ଉପକାରିତା ଅପକାରିତା ଉପରେ ଧ୍ୟାନ ଦେବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚନ୍ଦିଲି ଥାନା ଅଧିକାରୀ ଶ୍ରୀ ଉତ୍ତମ କୁମାର ସାହୁ ଅନଲାଇନ୍ ସୁରକ୍ଷା କଣ, କଣ କରିବା ଉଚିତ୍, କଣ ନକରିବା ଉଚିତ୍, ସାଇବର ଅପରାଧ କଣ , କେଉଁ ଆପ୍ ଡାଉନ୍ ଲୋଡ୍ କରିବେ ନାହିଁ, କେଉଁ ସାଇଟ୍ ଜମା ଖୋଲିବେ ନାହିଁ , ବୁଝାଇ ଥିଲେ। ସାଇବର ଅପରାଧ ର ପ୍ରକାର ରେ ଅଛନ୍ତି ଇତ୍ୟାଦି କାହାକୁ ନଦେବାକୁ ବୁଝାଇ ଥିଲେ। DLSA ଙ୍କ ତରଫରୁ ବରିଷ୍ଠ ଓକିଲ ଶ୍ରୀ ରବି ନାରାୟଣ ଶତପଥୀ ଯୋଗ ଦେଇ ସାଇବର ଅପରାଧ ର ଆଇନ, ଦଣ୍ଡ ବିଧାନ, ସାଇବର ଶିକାର ହେଲେ କଣ କରିବେ ବୁଝାଇଥିଲେ।

କାର୍ଯ୍ୟକ୍ରମ ରେ ସୁରକ୍ଷା ଅଧିକାରୀ, ଶ୍ରୀମତୀ ପ୍ରତିମା ଦାସ, ଉମେନ୍ ହବ୍ ର ସାଏଦ ସଲିମ୍, ଶ୍ରୀକାନ୍ତ ପଣ୍ଡା,




ରେ ଶ୍ରୀମତୀ ଦେଓ କହିଥିଲେ ଟକେ ଅସତର୍କ ରହିଲେ ଆଜିର ଏହି ଅନ୍ ଲାଇନ୍ ଯୁଗ ରେ ନିଜର ସମ୍ମାନ, ନିଜର ସମ୍ପତି ହାନି ହେବାର ସମ୍ଭାବନା ଅଧିକ। କର୍ମଶାଳା ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଏଣ୍ଟ ଡାଇରେକ୍ଟର, ଏନ ଆଇ ସି, ଶ୍ରୀ ଗୁନସେଖର ମିଥେଟି ସାଇବର ଅପରାଧ ର ଶିକାର ନହେବା ର ଉପାୟ ଗୁଡ଼ିକ କହିଥିଲେ। ଗଣ ଭେଦ, ଗଣମାଧ୍ୟମ ରେ ଅଧିକ ଫଟୋ, ଭିଡିଓ, ବ୍ୟକ୍ତି ଗତ ତଥ୍ୟ ଦେଲେ କଣ ହେଇପାରେ ବୁଝେଇ ଥିଲେ।

ଅତିଥି ଭାବେ ଯୋଗ ଦେଇ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଜି ମ୍ୟାନେଜର ଶ୍ରୀ ରାଜେଶ ପାଣିଗ୍ରାହୀ ନିଜର ଟଙ୍କା କିପରି ସୁରକ୍ଷିତ ରଖିବେ, ଆକାଉଣ୍ଟ ନମ୍ବର, ଓ ଟି ପି, ଆଧାର ନମ୍ବର , ବ୍ୟକ୍ତିଗତ ତଥ୍ୟ, କେଉଁ ସ୍ଥାନ ଆଶିଷ ନାୟକ, ଡ ସୁଧୀର , ଶିକ୍ଷକ, ନାରୀ ଅଦାଲତ ର ନ୍ୟାୟ ସଖୀ, OSC ର କର୍ମକର୍ତ୍ତା, ସ୍କୁଲ ଓ କଲେଜ ର ଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ଚାରି ଜଣ କୃତି କିଶୋରୀ ବାଳିକାଙ୍କୁ ଏକ ହଜାର ଟଙ୍କା ନଗଦ ପୁରସ୍କୃତ କରାଗଲା ଯଉମେନ୍ ହବ୍ ର ସାଏଦ ସଲିମ୍, ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସାଂସଦ କ୍ରୀଡା ମହୋତ୍ସବ ଉଦ୍ଯାପିତ

**ରାଜଗାଙ୍ଗପୁର ୮/୧୨ (ନି.ପ୍ର):** ଗତ ତିନି ଦିନି ଧରି ସ୍ଥାନୀୟ ଫୁଟବଲ ପଡିଆ। ଠାରେ ସାଂସଦ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଥିଲା। ଏହି କ୍ରୀଡା ମହୋତ୍ସବ ୨୦୨୫କୁ ଅନୁଷ୍ଠିକ ଭାବେ ପୌର ପରିଷଦ ର ଅଧକ୍ଷା ମାଧୁରୀ ଲୁଗୁନ ପ୍ରଦୀପ ପ୍ରଜ୍ଜଳନ କରି ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସମ୍ମାନୀୟ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଜଗବନ୍ଧୁ ମଲ୍ଲିକ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦଣ୍ଡ ସେନା ଉପନଗର ପାଳ ଏମଡି ଇଫାନ କ୍ରୀଡ଼ାବିତ ଶୋହେବ ଆଲାମ ପୂର୍ବତନ ପୌର ନଗରପାଳ ଅଶୋକ ଦାସ, ଜଫର ମୋବିନ ଅହମ୍ମଦ, କୁଲଦୀପ ସିଂ, ଅଶୋକ ସାହୁ, ସଂଜୀବ କୁମାର ବେହୁରା ଯୋଗ ଦେଇଥିଲେ। ଏହି ଉପାନ୍ତ ଅଞ୍ଚଳରେ ବହୁ କ୍ରୀଡ଼ାବିତ ମାନେ ଲୁକାୟତ ଭାବେ ରହି ଅଛନ୍ତି ତାଙ୍କ ମଧ୍ୟରେ ବହୁ ଯୁବ ପ୍ରତିଭାବାନ କ୍ରୀଡ଼ାବିତ ମାନଙ୍କୁ ଲୋକଲୋଚନ କୁ ଆଣିବା ଦେଶକୁ ଶକ୍ତି ଶାଳୀ କରିବା ପାଇଁ ଏହି ଅଭିନବ ପ୍ରୟାସ ର ମୁଖ୍ୟ ଉଦେଶ୍ୟ । ଏହି କ୍ରୀଡା ମହୋଉସବ ରେ ଆଥଲେଟିକ୍ସ କବାଡି ଖୋଖୋ, ଫୁଟବଲ, କୁସ୍ତି, ଦୌଡ଼ି ଡିଆଁ ପୁଚି ଖେଳ ସହ ବିଭିନ୍ନ ପ୍ରର୍ଯ୍ୟାୟ ରେ ଯୁବକ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଏହି ସାଂସଦ କ୍ରୀଡା ମହୋତ୍ସବ ୨୦୨୫କୁ ସାଂସଦ ପ୍ରତିନିଧି ତଥା ମହୋତ୍ସବର ସଂଯୋଜକ ସୁରେନ୍ଦ୍ର ନାଥ ଦେହୁରୀ ଉଦଯାପନ କାର୍ଯ୍ୟକ୍ରମ ରେ ଯୋଗ ଦେଇ ସାଂସଦ ମହୋତ୍ସବ ପଞ୍ଚାୟତ ସ୍ତର ରୁ ଆରମ୍ଭ କରାଯାଇ ପ୍ରର୍ଯ୍ୟାୟ କ୍ରମେ କରା ଯାଇ ଜିଲ୍ଲା ସ୍ତରୀୟ ଏହି ମହୋତ୍ସବ ଅନୁଷ୍ଠିତ କରା ଯାଇଛି ବୋଲି ମତ ବ୍ୟକ୍ତ କରିଥିଲେ।

# ସାରକାରୀ ସଂସ୍ଥାରେ ଠିକା ସଂସ୍ଥାର ନିମ୍ନମାନର କାର୍ଯ୍ୟ ଅଭିଯୋଗ

**ନିଆଳି, ୮।୧୨ (ନି.ପ୍ର):** ସରକାର ଜନ କଲ୍ୟାଣୀ ଯୋଜନା ଓ ରାସ୍ତା, ଘାଟ ଠାରୁ ଆରମ୍ଭ କରି କୋଠାବାଡ଼ି ନିର୍ମାଣ ପାଇଁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟ ପ୍ରଦାନ କରିଥାନ୍ତି। ଗତ ବିଜେଡି ସରକାର ସମୟରୁ ରାଜ୍ୟ କଥା ଛାଡ଼ନ୍ତୁ କଟକ ଜିଲ୍ଲା ନିଆଳି ଓ ଜୟଦେବ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ସରକାର ଟେଣ୍ଡର ଆହ୍ୱାନ କରିଥାନ୍ତି । ବିଭିନ୍ନ ଶ୍ରେଣୀର ଠିକାଦାର ଟେଣ୍ଡର ଅନଲାଇନରେ ଆବେଦନ କରିଥାନ୍ତି । ଟେଣ୍ଡର ଖୋଲିବା ସମୟରେ ଅନେକ ଠିକା ସଂସ୍ଥା ୧୪.୯୯ ପ୍ରତିଶତରେ ଲେସରେ ଟେଣ୍ଡର ଆବେଦନ କରିଥାନ୍ତି। ଏହି ଲେସ ଟେଣ୍ଡର ଆହ୍ୱାନ ପାଇଁ ସରକାର କେଉଁଠି ବିଜ୍ଞପ୍ତି ପ୍ରକାଶ କରିନାହାଁନ୍ତି। କିନ୍ତୁ ଠିକା ସଂସ୍ଥା କାମ ହାସଲ ନିଶାରେ ଲେସରେ ଟେଣ୍ଡର ପକାଇଥାନ୍ତି ବୋଲି ଅଭିଯୋଗ ହୋଇଛି । ଏତେ ପରିମାଣର ଲେସ ଯୋଗୁଁ ସରକାରୀ କାର୍ଯ୍ୟ ଭଲ ହେବା ପରିବର୍ତ୍ତେ ନିମ୍ନ କାର୍ଯ୍ୟ ଠିକା ସଂସ୍ଥା କରୁଥିବା ନେଇ ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁସାରେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ ଠିକା ସଂସ୍ଥାକୁ ପ୍ରଦାନ କରିଥାନ୍ତି। ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ସରକାରୀ ବିଭାଗର ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ନିର୍ବାହୀ ଯନ୍ତ୍ରୀ ପର୍ଯ୍ୟନ୍ତ ତଦାରଖ କରିଥାନ୍ତି। ଅସଲ କଥା ହେଉଛି ବିଗତ ଦିନ ମାନଙ୍କରେ ଠିକା ସଂସ୍ଥା ଲେସ ଯେଉଁ ସରକାରୀ କାର୍ଯ୍ୟ କରିଛନ୍ତି ସେ କାର୍ଯ୍ୟ ଗୁଡ଼ିକର ସ୍ଥାୟୀବ ନେଇ ପ୍ରଶ୍ନ ଉଠୁଛି।

ମନେ କରାଯାଉ ୧୦ ଲକ୍ଷ ଟଙ୍କାର ଟେଣ୍ଡରକୁ ୧୪.୯୯ ପ୍ରତିଶତରେ ଜଣେ ଠିକାଦାର ଟେଣ୍ଡର ପାଇଁ ଆବେଦନ କରିଥାଏ,ଲେସ ବାବଦକୁ ପାଖାପାଖି ଦେଢ ଲକ୍ଷ ଟଙ୍କା ଲେସ ବା ସରକାର ତହବିଲକୁ ଯାଇଥାଏ। ଅର୍ଥାତ୍ ୧୦ ଲକ୍ଷ ଟଙ୍କାରୁ ବାକି ରହିଲା ୮ ଲକ୍ଷ ୫୦ ହଜାର ଟଙ୍କା। ତେବେ ଏଥିରୁ ଜିଏସଟି, ଲେବର ଚାର୍ଜ, ରୟାଲଟି ବାବଦକୁ ମଧ ସରକାର ଟଙ୍କା କାଟିଥାନ୍ତି। ତେବେ ୧୦ ଲକ୍ଷ ଟଙ୍କାର ଉନ୍ନତି ମୂଳକ କାର୍ଯ୍ୟ ହେବା କଥା ଏତେ ପରିମାଣର ଟଙ୍କା କଟିଲା ପରେ କିଭଳି ଭଲ କାର୍ଯ୍ୟ ହେଉଥିବ ଏଥିରୁ ଅନୁମାନ ସହଜେ ବୁଝାପଡୁଛି ।

ଏ ତ ଗଲା ସରକାରୀ ପାଠ ୟ ତେବେ ଗତ କିଛି ଦିନ ହେବ ନିଆଳି ଓ ଜୟଦେବ ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଠିକାଦାର ସଙ୍ଘ ପ୍ରତିଷ୍ଠା ହୋଇ ଲେସ ଟେଣ୍ଡର ନ ପକାଇବା ପାଇଁ ନିଷ୍ପତ୍ତି ହୋଇଥିବା ନେଇ ସୂଚନା ମିଳିଛି। ତେବେ ଲେସ ଟିକେଟର ପକାଇବା ପାଇଁ ରାଜ୍ୟ ସରକାର କେବେ କେଉଁଠି ବିଜ୍ଞପ୍ତି କରି ନାହାଁନ୍ତି। ତେବେ ଠିକା ସଂସ୍ଥା କାହିଁକି ଓ କେଉଁ ସ୍ୱାର୍ଥରେ ଲେସ ଟେଣ୍ଡର ପକାଇ ସରକାରୀ କାର୍ଯ୍ୟକୁ ଏତେ କମ ଟଙ୍କାରେ କାର୍ଯ୍ୟ କିଭଳି କରୁଥିଲେ ନା ନିମ୍ନ ମାନର କାର୍ଯ୍ୟ କରୁଥିଲେ ଏହା ଉପରେ ରାଜ୍ୟ ସରକାର ଓ ବିଧାନସଭା କମିଟି ତଦନ୍ତ କରିବା ନେଇ ନିଆଳି ଓ ଜୟଦେବ ନିର୍ବାଚନ ମଣ୍ଡଳୀର ଜନସାଧାରଣ ଦାବି କରିଛନ୍ତି।

# କୃଷି ବିଦ୍ୟାନିଧି ଯୋଜନା ଛାତ୍ରବୃତ୍ତି ଆବେଦନ ସମୟସୀମା ବୃଦ୍ଧି ଦାବି

**କେନ୍ଦ୍ରାପଡ଼ା,୮।୧୨ (ନି.ପ୍ର) :** ରାଜ୍ୟ ସରକାରଙ୍କ କୃଷି ବିଭାଗ ଅଧିନରେ ମୁଖ୍ୟମନ୍ତ୍ରୀ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ପରିବାରର ବୈଷୟିକ ଶିକ୍ଷା ଅଧ୍ୟୟନ କରୁଥିବା ଶିକ୍ଷାର୍ଥୀଙ୍କୁ କୃଷି ବିଦ୍ୟାନଧି ଯୋଜନାରେ ଛାତ୍ର ବୃତ୍ତି ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ପାଇଁ ଅକ୍ଟୋବର ମାସ ୧୫ତାରିଖରୁ ନଭେମ୍ବରମାସ ୩୦ତାରିଖ ପର୍ଯ୍ୟନ୍ତ ଏହି ଯୋଜନାରେ ଛାତ୍ରବୃତ୍ତି ଆବେଦନ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହି ସମୟ ଅବଧି ମଧ୍ୟରେ ସର୍ଭର ଡାଉନ ରହିବା, ଏନ.ପି.ସି.ଆଇ. ଠିକ ଭାବରେ କାମନକରିବା ଓ ଅନ୍ୟାନ୍ୟ ବୈଷୟିକ ତୃଟି ଜନିତ କାରଣରୁ ଛାତ୍ରଛାତ୍ରୀମାନେ ଜନସେବା କେନ୍ଦ୍ରକୁ ବାରମ୍ବାର ଦୌଡି ଦୌଡି ନୟାନ୍ତ ହେରାଇଥିଲେବି ଧାର୍ଯ୍ୟ ସମୟସୀମା ମଧ୍ୟରେ ଆବେଦନ କରିବା ସମ୍ଭବପର ହୋଇପାରି ନାହିଁ। ଏହି ଛାତ୍ରବୃତ୍ତି ଆବେଦନରୁ କେନ୍ଦ୍ରାପଡା ଜିଲ୍ଲାର ନର୍ସିଂ, ଆଇ.ଟି.ଆଇ., ଇଞ୍ଜିନିଅରିଂ ଓ ଫାର୍ମାସିଷ୍ଟର ବହୁ ଛାତ୍ରଛାତ୍ରୀ ବଞ୍ଚିତ ହୋଇଥିବାରୁ ଏହାର ଆବେଦନ ସମୟସୀମାକୁ ବୃଦ୍ଧି କରାଯିବାକୁ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଦାବି କରାଯାଇଛି।

